READ & SHARE
www.ekamaatra.com
ekamaatra@gmail.com
taraknews1@gmail.com
ekamaatraodia
ekamaatranews

EKAMAATRA
# ଏକମାତ୍ର
ଅନୁସନ୍ଧାନ ପରେ ଖବର

RNI Regd. No. ODIODI/2017/71524



ବର୍ଷ-୫ | ସଂଖ୍ୟା-୪୭ | ୦୬ - ୧୨ ଡିସେମ୍ବର, ୨୦୨୧ | ଭୁବନେଶ୍ୱର | Monday Weekly | VOL-5 | ISSUE-47 | 06th - 12th DECEMBER, 2021 | BHUBANESWAR | ₹ 5/- (8 Pages)

### ମମିତା ମେହେର ହତ୍ୟା ପ୍ରସଙ୍ଗ

# ପ୍ରଥମଥର ମୁହଁ ଖୋଲିଲେ ମୁଖ୍ୟମନ୍ତ୍ରୀ



**ଭୁବନେଶ୍ୱର :** ଶେଷରେ ମମତା ମେହେର ହତ୍ୟା ଘଟଣାରେ ମୁହଁ ଖୋଲିଲେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ମମିତା ମେହେର ମୃତ୍ୟୁ ଏକ ସମ୍ବେଦନଶୀଳ ପ୍ରସଙ୍ଗ। ଏହି ଘଟଣା ମୋତେ ଗଭୀର ଭାବେ ବ୍ୟଥିତ କରିଛି। ଏହି ଘଟଣାର ସମ୍ପୂର୍ଣ୍ଣ ଭାବେ ନିରପେକ୍ଷ ତଦନ୍ତ ହେବ। ଆଇନ ତା ବାଟରେ ଯିବ, ଏଭଳି ଜଘନ୍ୟ ହତ୍ୟାକାଣ୍ଡରେ ଯିଏ ଦୋଷୀ ତାଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଶୁକ୍ରବାର ବିଧାନସଭାରେ ଏମିତି ବିବୃତି ରଖିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ବିଧାନସଭାରେ ଲଗାତର ଅଚଳ ରହୁଥିବାନେଇ ମୁଖ୍ୟମନ୍ତ୍ରୀ ବିବୃତିରେ କହିଲେ, ଏ ସମ୍ବେଦନଶୀଳ ଘଟଣାରେ ବିରୋଧୀ ରାଜନୀତି କରୁଛନ୍ତି। ଏହା ଅତ୍ୟନ୍ତ ଦୁଃଖ ଦାୟକ। ମୁଖ୍ୟମନ୍ତ୍ରୀ ଭାବେ ସବୁବେଳେ ମହିଳା ଓ ଦୁର୍ବଳ ବର୍ଗଙ୍କୁ ନ୍ୟାୟ ଦେବାକୁ ମୁଁ ସଂକଳ୍ପବଦ୍ଧ। ମମିତା ମେହେର ଘଟଣାରେ ନିରପେକ୍ଷ ତଦନ୍ତର ଅନୁଧ୍ୟାନ ପାଇଁ ଅବସରପ୍ରାପ୍ତ ➤ ପୃ-୬

## ମୁଖ୍ୟମନ୍ତ୍ରୀଙ୍କ ବିବୃତିକୁ ବିଜେପି ବିଧାୟକ ଦଳର ପ୍ରତ୍ୟାଖ୍ୟାନ




**ଭୁବନେଶ୍ୱର :** ବିଧାନସଭାରେ ଶିକ୍ଷୟିତ୍ରୀ ମମିତା ମହେର ପ୍ରସଙ୍ଗରେ ଚଲାଯାଇଥିବା ମୁଖ୍ୟମନ୍ତ୍ରୀଙ୍କର ଛଳନାପୂର୍ଣ୍ଣ ଭିଡିଓ ବିବୃତି ମିମତାଙ୍କ ପରିବାରକୁ ନ୍ୟାୟ ନୁହେଁ ବରଂ ଦିବ୍ୟଶଙ୍କର ମିଶ୍ରଙ୍କୁ ବଂଚାଇବା ପାଇଁ ହୋଇଥିବା ଅପଚେଷ୍ଟା ଓଡ଼ିଶାବାସୀଙ୍କୁ ଗଭୀର ଆଘାତ ପହଁଚାଇଛି ବୋଲି ଏକ ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ ବିଜେପି ପକ୍ଷରୁ କୁହାଯାଇଛି। ମମିତା ମେହେର ହତ୍ୟାକାଣ୍ଡରେ ମୁଖ୍ୟମନ୍ତ୍ରୀଙ୍କ ବିଧାନସଭାରେ ବିବୃତି ଲଜ୍ଜ୍ୟାଜନକ ଓ ଅତ୍ୟନ୍ତ ନିନ୍ଦନୀୟ। ମୁଖ୍ୟମନ୍ତ୍ରୀଙ୍କ ଏହି ବିବୃତିକୁ ବିଜେପି ବିଧାୟକ ଦଳ ପକ୍ଷରୁ ପ୍ରତ୍ୟାଖାନ ➤ ପୃ-୬

### ଲିଙ୍ଗରାଜ ମନ୍ଦିରକୁ ଶିଶୁଙ୍କ ପ୍ରବେଶ ମନା

# ଶିଶୁ ଅଧିକାର ସୁରକ୍ଷା ଆୟୋଗ ଅଧ୍ୟକ୍ଷାଙ୍କ କ୍ଷୋଭ



**ଭୁବନେଶ୍ୱର :** ଶ୍ରୀଲିଙ୍ଗରାଜ ମନ୍ଦିର ପ୍ରଶାସନର ଅଜବ ନିୟମକୁ ନେଇ ପ୍ରଶ୍ନ ଉଠାଇଛନ୍ତି ଶିଶୁ ଅଧିକାର ସୁରକ୍ଷା ଆୟୋଗ ଅଧ୍ୟକ୍ଷା ସନ୍ଧ୍ୟାବତୀ ପ୍ରଧାନ। ଲିଙ୍ଗରାଜ ମନ୍ଦିରକୁ ଭକ୍ତଙ୍କୁ ପ୍ରବେଶ ଅନୁମତି ଅଛି, ହେଲେ ଶିଶୁଙ୍କୁ ନାହିଁ। ଏପରି ନିୟମ ଲାଗୁ ହେବା ଦ୍ୱାରା ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି ଭକ୍ତ। ନା ନିଜେ ପ୍ରଭୁଙ୍କ ଦର୍ଶନ କରିବାକୁ ଯାଇପାରୁଛନ୍ତି, ନା ପିଲାଙ୍କୁ ବାହାରେ ଛାଡ଼ି ପାରୁଛନ୍ତି। ପିଲାମାନେ ବାହାରେ ଘଣ୍ଟା ଘଣ୍ଟା ଧରି ଖରା, ବର୍ଷାରେ ଛିଡ଼ା ହେବା ଦ୍ୱାରା ସେମାନଙ୍କ ଶିଶୁ ଅଧିକାର ଉଲ୍ଲଂଘନ ହେଉଛି। ତେଣୁ ତୁରନ୍ତ ଏ ଦିଗରେ ପଦକ୍ଷେପ ନେବାକୁ ତାଗିଦ କରିଛନ୍ତି ସନ୍ଧ୍ୟାବତୀ ପ୍ରଧାନ। ସୂଚନାଯୋଗ୍ୟ, ପୁରୀ ଶ୍ରୀମନ୍ଦିର ଭିତରକୁ ଭକ୍ତଙ୍କ ସମେତ ସେମାନଙ୍କ ଶିଶୁଙ୍କୁ ପ୍ରବେଶ ଅନୁମତି ରହିଛି। ହେଲେ ଲିଙ୍ଗରାଜ ମନ୍ଦିରରେ ଏଥିରେ ଲାଗିଛି କଟକଣା। କୋଭିଡ କଟକଣା ପାଇଁ ୧୮ ବର୍ଷରୁ କମ୍ ବୟସ୍କଙ୍କୁ ଲିଙ୍ଗରାଜ ମନ୍ଦିରକୁ ବାରଣ କରାଯାଇଛି। ଫଳରେ ଶ୍ରଦ୍ଧାଳୁମାନଙ୍କୁ ଭିତରକୁ ଯିବାକୁ ଅନୁମତି ଥିବା ବେଳେ ପିଲାମାନଙ୍କ ପାଇଁ କିନ୍ତୁ ଲାଗିଛି କଟକଣା। ଏପରି କ୍ଷେତ୍ରରେ ଶ୍ରଦ୍ଧାଳୁମାନେ କାହା ଭରସାରେ ଓ କେଉଁଠି ପିଲାଙ୍କୁ ଛାଡ଼ି ପ୍ରଭୁ ଦର୍ଶନ ପାଇଁ ଯିବେ ତାକୁ ନେଇ ଦ୍ୱନ୍ଦ୍ୱ ଓ ଅସନ୍ତୋଷ ଦେଖା ଦେଇଛି। ଏପରି ନିୟମ ଲାଗୁ ହେବା ପରେ ମନ୍ଦିର ପ୍ରଶାସନ କର୍ତ୍ତୃପକ୍ଷଙ୍କ ଉପରେ ଗର୍ଜିଛନ୍ତି ଶିଶୁ ଅଧିକାର ସୁରକ୍ଷା ଆୟୋଗ ଅଧ୍ୟକ୍ଷା ସନ୍ଧ୍ୟାବତୀ ପ୍ରଧାନ। ରୀମନ୍ଦିରରେ ପର୍ଯ୍ୟଟକମାନେ ଶିଶୁଙ୍କୁ ନେଇ ଦର୍ଶନ କରୁଥିବାବେଳେ ଶ୍ରୀଲିଙ୍ଗରାଜଙ୍କ ମନ୍ଦିରରେ କାହିଁକି ଅନୁମତି ➤ ପୃ-୬

# ଓଡିଶାର ଆକାଂକ୍ଷୀ ଜିଲ୍ଲାର ୩,୯୩୩ ଗାଁରେ ମିଳିବ ୪ଜି ସେବା : ଧର୍ମେନ୍ଦ୍ର



**ନୂଆଦିଲ୍ଲୀ/ଭୁବନେଶ୍ୱର :** ଓଡ଼ିଶା ସମେତ ଦେଶର ୫ଟି ରାଜ୍ୟର ଆକାଂକ୍ଷୀ ଜିଲ୍ଲା ଗୁଡ଼ିକରେ ୪ଜି ମୋବାଇଲ ସେବା ଉପଲବ୍ଧ କରିବା ପାଇଁ ୟୁନିଭର୍ସାଲ ସର୍ଭିସ ଓବଲିଗେସନ ଫଣ୍ଡ (ୟୁଏସଓଏଫ) ଅଧୀନରେ ୬,୪୬୬ କୋଟି ଟଙ୍କା କେନ୍ଦ୍ର କ୍ୟାବିନେଟ୍ ମଞ୍ଜୁରି ପ୍ରଦାନ କରିଥିବାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଧନ୍ୟବାଦ ଜଣାଇଛନ୍ତି। ଏହି ନିଷ୍ପତି ଦ୍ୱାରା ଓଡିଶାର ଆକାଂକ୍ଷୀ ଜିଲ୍ଲାର ୩,୯୩୩ ଗ୍ରାମରେ ୪ଜି ମୋବାଇଲ ସେବା ଉପଲବ୍ଧ ହେବ ବୋଲି ଶ୍ରୀ ପ୍ରଧାନ ଟ୍ୱିଟ୍ କରିଛନ୍ତି। କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ଟ୍ୱିଟ୍ କରିଛନ୍ତି ଯେ ଏହା ଏକ ଜନକଲ୍ୟାଣକାରୀ ପଦକ୍ଷେପ। ଓଡ଼ିଶା ସମେତ ୫ଟି ରାଜ୍ୟ ଆନ୍ଧ୍ରପ୍ରଦେଶ, ଛତିଶଗଡ଼, ଝାଡ଼ଖଣ୍ଡ ଏବଂ ମହାରାଷ୍ଟ୍ରର ମୋଟ ୪୪ ଆକାଂକ୍ଷୀ ଜିଲ୍ଲା ଗୁଡିକର ଗ୍ରାମ ଗୁଡିକ ୪ଜି ମୋବାଇଲ ସେବା ଦ୍ୱାରା ଉପକୃତ ହେବେ। ୪ଜି ସେବା ଯୋଗାଇ ଦେବା ପାଇଁ ୟୁଏସଓଏଫ୍ ଯୋଜନାରେ ୬,୪୬୬ କୋଟି ଟଙ୍କା ଖର୍ଚ୍ଚ ହେବ ବୋଲି ଆକଳନ କରାଯାଇଛି। ଓପନ କମ୍ପିଟେଟିଭ୍ ବିଡିଂ ➤ ପୃ-୬

# ବିରୋଧୀଙ୍କ ହଙ୍ଗାମା; ଚାଲିପାରୁନି ଗୃହ



**ଭୁବନେଶ୍ୱର :** ମମିତା ମେହେର ହତ୍ୟା ମାମଲାରେ ଗୃହ ରାଷ୍ଟ୍ରମନ୍ତ୍ରୀଙ୍କ ବରଖାସ୍ତ ଓ ସିବିଆଇ ତଦନ୍ତ ଦାବିରେ ଶୁକ୍ରବାର ଦିନ ବି ଗୃହ କାର୍ଯ୍ୟ ବାଧାପ୍ରାପ୍ତ ହୋଇଛି। ବିରୋଧୀ ବିଜେପି ଓ କଂଗ୍ରେସ ସଭ୍ୟଙ୍କ ହଟ୍ଟଗୋଳ ଯୋଗୁ ବାରମ୍ବାର ଗୃହ ମୁଲତବୀ ହୋଇଥିଲା। ଏପରିକି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭର୍ଚୁଆଲରେ ଗୃହ କାର୍ଯ୍ୟରେ ସାମିଲ ହୋଇ ୨ମାସ ପରେ ମମିତା ମେହେର ପ୍ରସଙ୍ଗରେ ମୁହଁ ଖୋଲି ନିରପେକ୍ଷ ତଦନ୍ତର ଆଶ୍ୱାସନା ଦେଇଥିଲେ ମଧ୍ୟ ତାହା ବିରୋଧୀଙ୍କୁ ସନ୍ତୁଷ୍ଟ କରାଇ ପାରି ନାହିଁ। ଉଭୟ କଂଗ୍ରେସ ଓ ବିଜେପି ମୁଖ୍ୟମନ୍ତ୍ରୀଙ୍କ ବୟାନକୁ ନାପସନ୍ଦ କରିବା ସହ ପ୍ରତ୍ୟାଖ୍ୟାନ କରିଛନ୍ତି। ଶୁକ୍ରବାର ପୂର୍ବାହ୍ନରେ ଗୃହ କାର୍ଯ୍ୟ ଆରମ୍ଭ ହେବାମାତ୍ରେ ବିରୋଧୀ ସଦସ୍ୟମାନେ ଗୃହର ମଧ୍ୟଭାଗକୁ ଆସି ପ୍ରବଳ ହଟ୍ଟଗୋଳ କରିଥିଲେ। ବାଚସ୍ପତି ସୂର୍ଯ୍ୟ ନାରାୟଣ ପାତ୍ର ଗୃହକୁ ପ୍ରଥମ ସାଢ଼େ ୧୧ଟା ଓ ପରେ ଅପରାହ୍ନ ୪ଟା ପର୍ଯ୍ୟନ୍ତ ମୁଲତବୀ ଘୋଷଣା କରିଥିଲେ। ବିଜେପି ସଦସ୍ୟମାନେ ଅଭିନବ ଉପାୟରେ ବିଧାନସଭା ପରିସରରେ ଗଙ୍ଗା ଜଳ ଓ ଝୁଣା ଧୂଆଁ ବୁଲାଇ ତଥା ଗୋବର ପାଣି ପକାଇ ଝାଡୁରେ ଓଳାଇ ଗୃହମନ୍ତ୍ରୀ ➤ ପୃ-୬

## ବକ୍ରବାଣୀ



ଜୱାଦଟା ଏବେ ଆଉଚି ବୋଲି
ଚାହିଁଛନ୍ତି ସବୁ ଟିଭିକି ଖୋଲି
ବାବୁ ବାବୁଆଣୀ ହୁଅନ୍ତି ଖୁସି
ହିସାବ କରନ୍ତି ଏକାଠି ବସି
କୁଆଡୁ କେଯାଏଁ ଲାଭ କରିବେ
ରିଲିଫ୍ ପଇସା କେତେ ମାରିବେ
ମନ୍ତ୍ରୀ ଯନ୍ତ୍ରୀ ତନ୍ତ୍ରୀ ରାଇଜେ ଯେତେ
ହିସାବ କରନ୍ତି କାହାର କେତେ
ଚାଷୀପୁଅ କାନ୍ଦେ କ୍ଷେତକୁ ଚାହିଁ
ପାଚିଲା ଧାନକୁ ପାଇବ ନାହିଁ।

——— ଟୁଟୁ

### 'ସ୍ମାର୍ଟ ସ୍କୁଲ' ପରେ 'ସ୍ମାର୍ଟ କଲେଜ'

# ହେବ ନବକଳେବର



**ଭୁବନେଶ୍ୱର :** ରାଜ୍ୟ ସରକାରଙ୍କ ଫୋକସରେ ଶିକ୍ଷା। ଶିକ୍ଷାକୁ ଅଧିକ ଗୁରୁତ୍ୱ ଦେଉଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସରକାର। ଏଥିପାଇଁ ସମସ୍ତ ସ୍କୁଲକୁ ସ୍ମାର୍ଟ ସ୍କୁଲରେ ପରିଣତ କରିବା ପରେ ଏବେ ଫୋକରେ ରହିଛି ସ୍ମାର୍ଟ କଲେଜ। ରାଜ୍ୟ ସରକାର ଫାଇଭ-ଟି ସ୍କୁଲ ରୂପାନ୍ତର କାର୍ଯ୍ୟକ୍ରମ ମାଧ୍ୟମରେ ପ୍ରଥମ ପର୍ଯ୍ୟାୟରେ ୧୦୭୮ଟି ସ୍କୁଲର ରୂପାନ୍ତର କାର୍ଯ୍ୟ ଶେଷ କରିଥିବାବେଳେ ଏବେ କଲେଜଗୁଡ଼ିକୁ ଅନୁରୂପ ଶୈଳୀରେ ରୂପାନ୍ତର କରିବାକୁ ନିଷ୍ପତ୍ତି ନେଇଛନ୍ତି। ଏଥିପାଇଁ ସରକାର ପ୍ରତ୍ୟେକ ଜିଲ୍ଲାରେ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଡିଷ୍ଟ୍ରିକ୍ଟ କଲେଜ ଡେଭଲପମେଣ୍ଟ ଫେସିଲେସନ କମିଟି(ଡିସିଡିଏଫସି) ଗଠନ କରିଛନ୍ତି ଓ ଡିସେମ୍ବର ଦ୍ୱିତୀୟାର୍ଦ୍ଧ ସୁଦ୍ଧା ଏହି କମିଟିର ପ୍ରଥମ ବୈଠକ ଶେଷ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହି କଲେଜ ଗୁଡ଼ିକର ନବକଳେବର ପାଇଁ ସରକାରଙ୍କ ଦ୍ୱାରା ଉକ୍ତ କମିଟି ଗଠନ ହୋଇଥିବାବେଳେ ମୁଖ୍ୟ ସଚିବ ସୁରେଶ କୁମାର ମହାପାତ୍ର ଓ ଉନ୍ନୟନ କମିଶନର ପ୍ରଦୀପ କୁମାର ଜେନା ଗୁରୁବାର ଏନେଇ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଥିବା ଜଣାପଡ଼ିଛି। ମୁଖ୍ୟ ସଚିବଙ୍କ କାର୍ଯ୍ୟାଳୟରୁ ମିଳିଥିବା ସୂଚନା ଅନୁସାରେ, ଭିଡିଓ କନଫରେନ୍ସିଂ ମାଧ୍ୟମରେ ସମସ୍ତ ଜିଲ୍ଲାର ଅଧିକାରୀମାନଙ୍କ ସହ ଏହି ସ୍ମାର୍ଟ କଲେଜ ବା ଫାଇଭ-ଟି ଅନ୍ତର୍ଗତ କଲେଜ ରୂପାନ୍ତର କାର୍ଯ୍ୟକ୍ରମକୁ ନେଇ ବିସ୍ତୃତ ଆଲୋଚନା ହୋଇଛି। ସରକାରଙ୍କ ଦ୍ୱାରା ଗଢ଼ାଯାଇଥିବା କମିଟିକୁ ଆସନ୍ତା ୧୫ରୁ ୩୧ତାରିଖ ମଧ୍ୟରେ ନିଶ୍ଚିତ ଭାବେ ଥରେ ବୈଠକ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଜିଲ୍ଲାରେ ବହୁ ସଂଖ୍ୟାରେ କଲେଜ ଥିବାରୁ ଫଳପ୍ରଦ ବୈଠକ ପାଇଁ ସମସ୍ୟା ଥିବା କଲେଜକୁ ଚିହ୍ନଟ କରି ତା'ର କର୍ତ୍ତୃପକ୍ଷଙ୍କୁ ଡାକି ସେହି ପ୍ରସଙ୍ଗରେ ଆଲୋଚନା କରିବାକୁ ପରାମର୍ଶ ଦିଆଯାଇଛି। କମିଟିର ବୈଠକରେ କେଉଁ ପ୍ରସଙ୍ଗରେ ଆଲୋଚନା ହେବ ତାହା ପୂର୍ବରୁ ସ୍ଥିର କରି ସେହି ସଂକ୍ରାନ୍ତ ସମସ୍ୟା ଥିବା କଲେଜର ଅଧ୍ୟକ୍ଷମାନଙ୍କୁ ଡାକି ଆଲୋଚନା କଲେ ତାହା ଖୁବଶୀଘ୍ର ଫଳପ୍ରଦ ହୋଇପାରିବ। ପ୍ରଥମ ପର୍ଯ୍ୟାୟରେ ଜମି ସମସ୍ୟା ଥିବା କଲେଜଗୁଡ଼ିକ ସହ ଆଲୋଚନା କରିବାକୁ କୁହାଯାଇଛି। କମିଟି ନିଶ୍ଚିତ ଭାବେ ପ୍ରତି ତିନିମାସରେ ଥରେ ବୈଠକ କରି ଜିଲ୍ଲାର ସମସ୍ତ ସରକାରୀ ଓ ଅନୁଦାନପ୍ରାପ୍ତ ଡିଗ୍ରୀ କଲେଜର ସମସ୍ୟାଗୁଡ଼ିକ ଉପରେ ଆଲୋଚନା ସହ ତା'ର ସମାଧାନ କରିବେ। ଅଧିକାଂଶ କଲେଜର ଜମିଜମା ସମସ୍ୟା ଥିବାରୁ ତା'ର ସମାଧାନ କରାଇବେ। ସେହିପରି କଲେଜଗୁଡ଼ିକର ଭିତ୍ତିଭୂମି ସୁଧାର କରିବା ସହ ସ୍ମାର୍ଟ କ୍ଲାସରୁମ, ଇ-ଲାଇବ୍ରେରୀ, ଅତ୍ୟାଧୁନିକ ଲାବ୍ରୋଟେରୀ, କମ୍ପ୍ୟୁଟର ରୁମ୍ ଆଦି ସୁବିଧାର ବନ୍ଦୋବସ୍ତ କରାଯିବ। କଲେଜରେ ମରାମତି, ପୁନରୁଦ୍ଧାର, ନୂଆ ନିର୍ମାଣ ଆଦି କାର୍ଯ୍ୟ ହାତକୁ ନିଆଯିବ। ସାଂସଦ ପାଣ୍ଠି, ଏମଏଲଏ ଲ୍ୟାଡ, ପଶ୍ଚିମଓଡ଼ିଶା ବିକାଶ ପରିଷଦ ପାଣ୍ଠି, କେବିକେ ପାଣ୍ଠି, ଡିଏମଏଫ ଓ ଓଏମବିଏଡିସି ପାଣ୍ଠିରୁ କଲେଜ ଭିତ୍ତିଭୂମି ବିକାଶ ନିମନ୍ତେ ଖର୍ଚ୍ଚ କରିବାକୁ ଜିଲ୍ଲାପାଳମାନଙ୍କୁ ପରାମର୍ଶ ଦିଆଯାଇଛି। କଲେଜ ପରିସରରେ ନିଶା କାରବାର ଓ ଅସାମାଜିକ ବ୍ୟକ୍ତିଙ୍କ କାର୍ଯ୍ୟକଳାପ ଯେପରି ନହୁଏ ସେଥିପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ପୁଲିସ ଏସପିମାନଙ୍କୁ ➤ ପୃ-୬



CITY HOMES
Near AMRI Hospital, Ghatikia, Khandagiri
Bhubaneswar

Developed By-
Evos Buildcon Pvt .Ltd
Plot No-284/2485,
Patrapada Bhubaneswar

Luxurious 2BHK / 3BHK Apartment At An Affordable Price

Approved By-
Odisha Real Estate Regulatory Authority
State Bank of India THE BANKER TO EVERY INDIAN
Bhubaneswar Municipal Corporation Progress Through Partnership for Better Bhubaneswar

EVOS PARADISE,
Near AIIMS Hospital,BBSR




For More Information Contact:-
7440005812 / 7440005813
www.evosbuildcon.com
Email- support@evos.co.in

# ଚିନ୍ତା ବଢ଼ାଇଲା 'ଓମିକ୍ରନ'

## ମାସକରେ ୨୫ ଲକ୍ଷ ବାହାଘର ସାଜିପାରେ ବିପଦର କାରଣ



**ନୂଆଦିଲ୍ଲୀ :** ବର୍ତ୍ତମାନ ଦେଶରେ ବିବାହ ଋତୁ ଚାଲିଛି। ମହାମାରୀ କରୋନାର କୋପ ସାମାନ୍ୟ କମିଥିବାରୁ ଲୋକମାବେ ବେଶ ଧୂମଧାମରେ ବାହାଘର କାର୍ଯ୍ୟକ୍ରମ କରୁଛନ୍ତି। ହେଲେ ଏବେ ଓମିକ୍ରନ ଭୟ ସମସ୍ତଙ୍କୁ ଚିନ୍ତାରେ ପକାଇଛି। ନଭେମ୍ବର ୧୪ରୁ ଡିସେମ୍ବର ୧୩ ମଧ୍ୟରେ ଭାରତର ବିଭିନ୍ନ ସ୍ଥାନରେ ୨୫ ଲକ୍ଷ ବାହାଘର ହେବ। କିଛି ବାହାଘର ସରିଥିବା ବେଳେ ଆଗକୁ ମଧ୍ୟ ଅନେକ ଲୋକଙ୍କ ବାହାଘର ହେବ। ଏହା ମଧ୍ୟରୁ କେବଳ ଦିଲ୍ଲୀ ଏନସିଆର ରିଜନରେ ଦେଢ଼ ଲକ୍ଷ ବାହାଘର ହେବାର କାର୍ଯ୍ୟକ୍ରମ ରହିଛି। ତେବେ ଆଜିକାଲି ବାହାଘର ବେଳେ କୋଭିଡ ନିୟମର ପାଳନ କରାଯାଉନି। ଲୋକମାନେ ବିନା ମାସ୍କ ଓ ସାମାଜିକ ଦୂରତାକୁ ଫୁଁ' କରି ବାହାଘର କାର୍ଯ୍ୟକ୍ରମ କରୁଛନ୍ତି। ପୁଲିସ୍ ଓ ପ୍ରଶାସନ ମଧ୍ୟ ଆଗ ଭଳି କାହା ବିରୋଧରେ କାର୍ଯ୍ୟାନୁଷ୍ଠାନ ନେଉନାହାନ୍ତି। ତେବେ ଏପରି ନିୟମ ଉଲ୍ଲଙ୍ଘନ ଆଗାମୀ ଦିନରେ ବଡ଼ଧରଣର ବିପଦକୁ ଟାଣି ଆଣିବ ବୋଲି ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ଆଶଙ୍କା କରିଛନ୍ତି। ସେମାନେ କହିଛନ୍ତି ଯେ ଗେଷ୍ଟ ହାଉସ୍ ଓ ଅନ୍ୟାନ୍ୟ ସ୍ଥାନରେ ଅନୁଷ୍ଠିତ ବାହାଘରରେ କୋଭିଡ୍ ମାନଦଣ୍ଡକୁ କେହି ବି ପାଳନ କରୁନାହାନ୍ତି। ଏହା ବଢୁଥିବା ଓମିକ୍ରନ୍ ଭାରିଆଣ୍ଟର ବିପଦ ମଧ୍ୟରେ ବଡ଼ ସମସ୍ୟା ସୃଷ୍ଟି କରିପାରେ। ସେମାନଙ୍କ ମତରେ ଲୋକମାନେ ଏବେ ଅନେକ ସ୍ଥାନରେ ଭିଡ଼ କରୁଛନ୍ତି। ଦୋକାନ ବଜାର ଠାରୁ ଆରମ୍ଭ କରି ମାର୍କେଟରେ କୋରନା ନିୟମର ଧଜିଆ ଉଡୁଛି। ଏଭଳି ପରିସ୍ଥିତିରେ ସଂକ୍ରମଣ ବ୍ୟାପିବାର ଆଶଙ୍କା ଅଧିକ ରହିଛି। ଯଦିଓ ଦିଲ୍ଲୀ-ଏନସିଆର ଠାରୁ ଆରମ୍ଭ କରି ଦେଶର ବିଭିନ୍ନ ପ୍ରାନ୍ତରେ ଏବେ ସଂକ୍ରମଣ ହ୍ରାସ ପାଇଛି, ତଥାପି ଓମିକ୍ରନ୍ ବିପଦ ସୃଷ୍ଟି କରିଥିବାରୁ ପ୍ରଶାସନ କୌଣସି ରିସ୍କ ନେବା କଥା ନୁହେଁ। ଯଥାସମ୍ଭବ ଭିଡ଼ କମ କରିବା ସପକ୍ଷରେ ସେମାନେ ମତ ଦେଇଛନ୍ତି। ଏମ୍ସର ପୂର୍ବତନ ନିର୍ଦ୍ଦେଶକ ଏମସି ମିଶ୍ର କହିଛନ୍ତି ଯେ ପାର୍ବଣ ପରେ ବିବାହର ଏହି ଋତୁ ଅର୍ଥନୀତିକ ଓ ବ୍ୟବସାୟିକ ଦୃଷ୍ଟିକୋଣରୁ ଭଲ। କାହାକୁ ବି ବିବାହ ପାଇଁ ବାରଣ କରାଯାଇପାରିବ ନାହିଁ। କିନ୍ତୁ କୋଭିଡର ଉଚିତ ବ୍ୟବହାର ସହ ମଧ୍ୟ ବୁଝାମଣା କରିବା କଥା ନୁହେଁ। ନିୟମ ଉଲ୍ଲଙ୍ଘନକୁ କୌଣସି ପ୍ରକାରର ଗ୍ରହଣ କରାଯିବା ଉଚିତ୍ ନୁହେଁ। ➤ ପୃ-୬

## କେମିତି କଟିବ ଏ ସପ୍ତାହ

**ମେଷ**
ମାନସିକ ସ୍ଥିତି ଉତ୍ତମ ରହିବ। ଆବଶ୍ୟକ ଠାରୁ ଅଧିକ ଖର୍ଚ୍ଚ କରନ୍ତୁନାହିଁ। ଅର୍ଥ ବିନିଯୋଗ ପାଇଁ ବୟସ୍କଙ୍କ ଠାରୁ ପରାମର୍ଶ ନିଅନ୍ତୁ। କାର୍ଯ୍ୟକ୍ଷେତ୍ରରେ ନିଜେ ସବୁ କରିବା ଦରକାର। ଛାତ୍ରମାନେ ଅଧିକ ପରିଶ୍ରମ କରନ୍ତୁ।

**ବୃଷ**
ଭାବୁକ ହେବେ। ଅଜଣା ଶ୍ରୋତରୁ ଧନପ୍ରାପ୍ତି ଯୋଗ ଅଛି। ଯାନବାହନ କିଣି ପାରନ୍ତି। ଭାବନାକୁ ନିୟନ୍ତ୍ରଣରେ ରଖନ୍ତୁ। ଝଗଡା ହୋଇପାରେ। ଛାତ୍ରଙ୍କୁ ଭାଗ୍ୟର ସଂଯୋଗ ମିଳିବ। ଜୀବନସାଥୀଙ୍କ ସହ ପ୍ରତି ବିଷୟରେ ଆଲୋଚନା କରନ୍ତୁ।

**ମିଥୁନ**
ଭବିଷ୍ୟତ ପାଇଁ ସଞ୍ଚୟ କରନ୍ତୁ। ନିଜ ପ୍ରୟାସରେ ଅଗ୍ରସର ହୁଅନ୍ତୁ ଲାଭ ମିଳିବ। ବାପା ମାଆଙ୍କ ସହଯୋଗ ମିଳିବ। ପ୍ରତିଯୋଗିତା ମୂଳକ ପରୀକ୍ଷାରେ ସଫଳତା ମିଳିବ। ଜୀବନସାଥୀଙ୍କ ଖରାପ ବ୍ୟବହାର ବ୍ୟଥିତ କରିବ।

**କର୍କଟ**
ଉତ୍ତମ ସ୍ୱାସ୍ଥ୍ୟ ରହିବ। ବୀପରିତ ଲିଙ୍ଗ ବ୍ୟକ୍ତିଙ୍କ ପ୍ରତି ଆକର୍ଷିତ ହେବେ। ଅନାବଶ୍ୟକ ଖର୍ଚ୍ଚ କରନ୍ତୁ ନାହିଁ। ସମ୍ମାନିତ ହୋଇପାରନ୍ତି। କାର୍ଯ୍ୟକ୍ଷେତ୍ରରେ କ୍ଷମତା ବୃଦ୍ଧି ହେବ। ପ୍ରେମରେ ପ୍ରତିବନ୍ଧକ ଦୂର ହେବ।

**ସିଂହ**
କୌଣସି ବଡ ଅସୁସ୍ଥତା ହେବନାହିଁ। ତର ତର ହୋଇ କୌଣସି କାମ କରନ୍ତୁ ନାହିଁ। ବ୍ୟବସାୟରେ ଉନ୍ନତି ହେବ। ଛାତ୍ରମାନେ ପାଠରେ ମନଦେବେ। ଆପଣଙ୍କ ବେପରୁଆ ସ୍ୱଭାବ ପାଇଁ ଅସୁବିଧାରେ ପଡିପାରନ୍ତି।

**କନ୍ୟା**
ସୁନ୍ଦର ସ୍ୱାସ୍ଥ୍ୟ ପାଇଁ ଅଧିକ ଚେଷ୍ଟା କରନ୍ତୁ। ବୈଦ୍ୟୁତିକ ସରଞ୍ଜାମ ଖରାପ ହୋଇପାରେ। ପରିବାରକୁ ନୂତନ ଅତିଥି ଆସିପାରନ୍ତି। କାର୍ଯ୍ୟକ୍ଷେତ୍ରରେ ପ୍ରତିବନ୍ଧକର ସାମନା କରିବେ। ପ୍ରତିଯୋଗିତାମୂଳକ ପରୀକ୍ଷାରେ ସଫଳ ହେବେ।

**ତୁଳା**
ପୁରୁଣା ରୋଗରୁ ମୁକ୍ତି ପାଇବେ। ଆର୍ଥିକ ସ୍ଥିତି ବଢ଼ିବ। ପରିବାରର ଲୋକ ସହଯୋଗ କରିବେ। ପରାମର୍ଶ ଯୋଗୁ ପରୀକ୍ଷାରେ ସଫଳତା ମିଳିବ। ପ୍ରେମ ଜୀବନ ପ୍ରଭାବିତ ହୋଇପାରେ। କମ କଥା କୁହନ୍ତୁ।

**ବିଛା**
ମନ ବିଚଳିତ ରହିବ। ବେକାର ପ୍ରତିଶ୍ରୁତି ଦିଅନ୍ତୁ ନାହିଁ। ଆୟ ବ୍ୟୟରେ ବୃଦ୍ଧି ଘଟିବ। ବାପାମାଆଙ୍କୁ ପରାମର୍ଶ କରନ୍ତୁ। ଘରେ ମାଙ୍ଗଳିକ କାର୍ଯ୍ୟ ହୋଇପାରେ। କାର୍ଯ୍ୟକ୍ଷେତ୍ରରେ ଆଗକୁ ବଢ଼ିବା ପାଇଁ ଅନୁକୂଳ।

**ଧନୁ**
ଖେଳକୁଦରେ ଭାଗନେବେ। ଅର୍ଥହାନୀ ହୋଇପାରେ। ଏକା ରହିବା ପାଇଁ ଇଚ୍ଛା କରିବେ। ପରିବାରର ସହଯୋଗ ପାଇଷବ। ସଠିକ ବସ୍ତ୍ର ପରିଧାନ କରନ୍ତୁ। ମନର କଥା ପ୍ରେମୀଙ୍କ ଆଗରେ ରଖିପାରିବେନାହିଁ।

**ମକର**
ନିଜ ଚେଷ୍ଟାରେ ଚାରିପାଖର ପ୍ରତିବନ୍ଧକ ହଟାନ୍ତୁ। ସହଜ ରାସ୍ତା ଦେଇ ଅଧିକ ଅର୍ଥ ଉପାର୍ଜନ କରିପାରନ୍ତି। ଧନହାନୀ ଯୋଗ ଅଛି। ଭ୍ରମଣରେ ଯାଇପାରନ୍ତି। ଛାତ୍ରମାନେ ଅଳସୁଆମୀ ହୁଅନ୍ତୁ ନାହିଁ।

**କୁମ୍ଭ**
ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ଆତ୍ମଚିନ୍ତନ କରନ୍ତୁ। ଆର୍ଥିକ ଦିଗରେ ସଚେତନ ରହନ୍ତୁ। ସନ୍ତାନମାନଙ୍କ ସଫଳତା ପାଇଁ ଗୌରବାନ୍ୱିତ ହେବେ। ଅହଙ୍କାରୀ ହୁଅନ୍ତୁ ନାହିଁ। କୌଣସି ମହିଳାଙ୍କୁ କମେଟ୍ ମାରନ୍ତୁ ନାହିଁ। ଜୀବନସାଥୀଙ୍କ ବ୍ୟବହାରରେ ଅତିଷ୍ଠ ହୋଇପାରନ୍ତି।

**ମୀନ**
ମନ ଅଶାନ୍ତ ରହିବ। ଧନ ସମ୍ବନ୍ଧୀୟ ସମସ୍ୟା ଦୂର ହୋଇପାରେ। ବଡ ଭାଇଭଉଣୀଙ୍କ ସହଯୋଗ ପାଇବେ। ଛାତ୍ରମାନଙ୍କୁ ସଫଳତା ମିଳିବ। କୌଣସି ନିଜ ଲୋକକୁ ଆପଣଙ୍କୁ ଅସୁବିଧାରେ ପକାଇବେ। ଜୀବନସାଥୀଙ୍କୁ କିଛି ଉପହାର ଦିଅନ୍ତୁ।

ଅନ୍ନପୂର୍ଣ୍ଣା ଖୁଣ୍ଟିଆ
ଜ୍ୟୋତିର୍ବିଦ୍
ଭୁବନେଶ୍ୱର

# ଦେଶରେ ୧,୩୧,୫୨୬ କୋଟି ଟଙ୍କାର ଜିଏସଟି ସଂଗ୍ରହ

**ନୂଆଦିଲ୍ଲୀ :** ଦେଶରେ ନଭେମ୍ବର ମାସରେ ମୋଟ୍ ୧,୩୧,୫୨୬ କୋଟି ଟଙ୍କାର ଜିଏସଟି ରାଜସ୍ୱ ସଂଗ୍ରହ କରାଯାଇଛି। ଏଥିମଧ୍ୟରୁ ସିଜିଏସଟି ପରିମାଣ ୨୩,୯୭୮ କୋଟି ଟଙ୍କା, ଏସଜିଏସଟି ପରିମାଣ ୩୧,୧୨୭ କୋଟି ଟଙ୍କା, ଆଇଜିଏସଟି ପରିମାଣ ୬୬,୮୧୫ ଆଦାୟ କରାଯାଇଥିବା ବେଳେ ୨୦୨୧ ନଭେମ୍ବର ମାସରେ ୪,୧୩୬ କୋଟି ଟଙ୍କାର ଜିଏସଟି ରାଜସ୍ୱ ସଂଗୃହିତ ହୋଇଛି।ନିୟମିତ ପରିଶୋଧ ଆକାରରେ ସରକାର ଆଇଜିଏସଟିରୁ ୨୭,୨୭୩ କୋଟି ଟଙ୍କା ସିଜିଏସଟିକୁ ଏବଂ ୨୨,୬୫୫ କୋଟି ଟଙ୍କା ଏସଜିଏସଟିକୁ

### ଗତ ମାସରେ ସଂଗୃହିତ ରାଜସ୍ୱକୁ ଟପିଲା
### ଜିଏସଟି କାର୍ଯ୍ୟକାରୀ ହେବା ପରଠାରୁ ରାଜସ୍ୱ ସଂଗ୍ରହ ପରିମାଣ ଦ୍ୱିତୀୟ ସର୍ବାଧିକ

କୋଟି ଟଙ୍କା (ସାମଗ୍ରୀ ରପ୍ତାନି ଉପରେ ସଂଗୃହିତ ୩୨,୧୬୫ କୋଟି ଟଙ୍କା ସମେତ) ଏବଂ ସେସ ପରିମାଣ ୯,୬୦୬ କୋଟି ଟଙ୍କା (ସାମଗ୍ରୀ ରପ୍ତାନି ଉପରେ ୬୫୩ କୋଟି ଟଙ୍କା ସମେତ) ରହିଛି। ଅନ୍ୟପକ୍ଷରେ ୨୦୨୧ ନଭେମ୍ବର ମାସରେ ଓଡ଼ିଶାରେ ଜିଏସଟି ରାଜସ୍ୱ ସଂଗ୍ରହ ୬୪ ପ୍ରତିଶତ ବୃଦ୍ଧି ପାଇଛି। ଗତବର୍ଷ ଅର୍ଥାତ୍ ୨୦୨୦ ନଭେମ୍ବର ମାସରେ ଓଡ଼ିଶାରେ ୨,୫୨୮ କୋଟି ଟଙ୍କାର ଜିଏସଟି ରାଜସ୍ୱ ପରିଶୋଧ କରିଛନ୍ତି। ନଭେମ୍ବର ୨୦୨୧ ମାସରେ ନିୟମିତ ପରିଶୋଧ ପରେ ମୋଟ ରାଜସ୍ୱ ପରିମାଣ ସିଜିଏସଟି ବାବଦରେ ୫୧,୨୫୧ କୋଟି ଟଙ୍କା ଏବଂ ଏସଜିଏସଟି ପାଇଁ ୫୩,୭୮୨ କୋଟି ଟଙ୍କା ରହିଛି। ଜିଏସଟି କ୍ଷତିପୂରଣ ଆକାରରେ କେନ୍ଦ୍ର ସରକାର ୦୩.୧୧.୨୦୨୧ରେ ରାଜ୍ୟ ଓକେନ୍ଦ୍ର ଶାସିତ ପ୍ରଦେଶମାନଙ୍କୁ ୧୭,୦୦୦ କୋଟି ଟଙ୍କା ଜାରି କରିଛନ୍ତି। ଲଗାତାର ଦୁଇ ମାସ ଧରି ଜିଏସଟି ସଂଗ୍ରହ




ପରିମାଣ ୧.୩୦ ଲକ୍ଷ କୋଟି ଟଙ୍କା ଅତିକ୍ରମ କରିଛି। ନଭେମ୍ବର ମାସରେ ସଂଗୃହିତ ଜିଏସଟି ପରିମାଣ ଗତବର୍ଷର ସମାନ ମାସ ତୁଳନାରେ ୨୫ ପ୍ରତିଶତ ଅଧିକ ଏବଂ ୨୦୧୯-୨୦ ତୁଳନାରେ ୨୭ ପ୍ରତିଶତ ଅଧିକ ରହିଛି। ଏହି ମାସରେ ସାମଗ୍ରୀ ରପ୍ତାନିରୁ ସଂଗୃହିତ ରାଜସ୍ୱ ଏବଂ ଘରୋଇ କାରବାରରୁ ସଂଗୃହିତ ରାଜସ୍ୱ (ସେବା ରପ୍ତାନି ସମେତ) ପରିମାଣ ଗତବର୍ଷର ସମାନ ମାସରେ ଏହି ଦୁଇଟି ଉତ୍ସରୁ ସଂଗୃହିତ ରାଜସ୍ୱ ତୁଳନାରେ ଯଥାକ୍ରମେ ୪୩ ପ୍ରତିଶତ ଏବଂ ୨୦ ପ୍ରତିଶତ ଅଧିକ ରହିଛି। ଜିଏସଟି କାର୍ଯ୍ୟକାରୀ ହେବା ପରଠାରୁ ୨୦୨୧ ନଭେମ୍ବର ମାସରେ ସଂଗୃହିତ ଜିଏସଟି ରାଜସ୍ୱ ପରିମାଣ ଦ୍ୱିତୀୟ ସର୍ବାଧିକ। ଏପ୍ରିଲ ୨୦୨୧ରେ ସର୍ବାଧିକ ରାଜସ୍ୱ ସଂଗ୍ରହ କରାଯାଇଥିଲା, ଯାହାକି ବର୍ଷର ଶେଷର ରାଜସ୍ୱ ଆୟ ସହିତ ଜଡିତ ଏବଂ ଗତ ମାସର ସଂଗ୍ରହଠାରୁ ଅଧିକ। ଏହା ଉପରେ ତ୍ରୈମାସିକ ଆଧାରରେ ଦାଖଲ କରାଯାଉଥିବା ରିଟର୍ଣ୍ଣର ପ୍ରଭାବ ମଧ୍ୟ ରହିଛି। ୨୦୨୧ ନଭେମ୍ବର ମାସରେ ରାଜସ୍ୱ ସଂଗ୍ରହ ଉଲ୍ଲେଖନୀୟ ରହିବା ଆର୍ଥିକ ପ୍ରଗତିର ଧାରାକୁ ଦର୍ଶାଉଛି। ଜିଏସଟି ଅନୁପାଳନରେ ସୁଧାର ଆଣିବା ଲାଗି ନିକଟ ଅତୀତରେ ସରକାରଙ୍କ ପକ୍ଷରୁ ବିଭିନ୍ନ ପ୍ରକାରର ନୀତିଗତ ଏବଂ ପ୍ରଶାସନିକ ପଦକ୍ଷେପ ଗ୍ରହଣ କରାଯାଇଛି। ଯାହାର ଫଳସ୍ୱରୂପ ଜିଏସଟି ରାଜସ୍ୱ ସଂଗ୍ରହ ସର୍ବୋଚ୍ଚ ସ୍ତରରେ ପହଞ୍ଚି ପାରିଛି। କେନ୍ଦ୍ରୀୟ ଟିକସ ପ୍ରବର୍ତ୍ତନ ଏଜେନ୍ସି, ରାଜ୍ୟ ଏଜେନ୍ସିମାନଙ୍କ ସହିତ ମିଶି ବହୁସଂଖ୍ୟକ ଟିକସ ଫାଙ୍କି ମାମଲାକୁ ଧରିପାରିଛନ୍ତି, ଏଥିରେ ମୁଖ୍ୟତଃ ନକଲି ଇନଭଏସ ସଂକ୍ରାନ୍ତ ମାମଲା ରହିଛି। ଜିଏସଟିଏନ ଦ୍ୱାରା ବିକଶିତ ବିଭିନ୍ନ ଆଇଟି ଟୁଲ୍ ସହାୟତାରେ ରିଟର୍ଣ୍ଣ, ଇନଭଏସ ଏବଂ ଇ- ୱେ ବିଲ ତଥ୍ୟ ଉପଯୋଗ କରାଯାଇ ସନ୍ଦିଗ୍ଧ ଟିକସଦାତାଙ୍କୁ ଠାବ କରାଯିବା ସମ୍ଭବ ହୋଇପାରିଛି।

# ବଦଳିବ ଭାରତୀୟ ସେନାର ୟୁନିଫର୍ମ

**ନୂଆଦିଲ୍ଲୀ :** ନୂଆ ୟୁନିଫର୍ମରେ ନଜର ଆସିବେ ଭାରତୀୟ ସେନା ଯବାନ। ଅପେକ୍ଷାକୃତ ହାଲୁକା ଓ ପରିବେଶକୁ ସୁହାଇଲା ଭଳି ୟୁନିଫର୍ମ ଯବାନଙ୍କ ପାଇଁ ତିଆରି କରିବାକୁ ସେନା ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ଆସନ୍ତା ଜାନୁଆରୀ ୧୫ ସେନା ଦିବସ ପରେଡ୍ ଅବସରରେ ଯବାନମାନେ ନୂଆ ୟୁନିଫର୍ମ ସହ ନଜର ଆସିବେ ବୋଲି ଖବର ମିଳିଛି। ମିଳିଥିବା ସୂଚନା ଅନୁଯାୟୀ, ନୂଆ ଡିଜିଟାଲ କାମୋଫ୍ଲାଜ୍ ପ୍ୟାଟର୍ନରେ ୟୁନିଫର୍ମକୁ ପ୍ରସ୍ତୁତ କରାଯିବ। ୟୁନିଫର୍ମର ଢାଞ୍ଚା ଉପରେ ଚୂଡ଼ାନ୍ତ ନିଷ୍ପତ୍ତି ନେବା ପୂର୍ବରୁ ଏକାଧିକ ବୈଠକ ହୋଇଥିଲା। ବୈଠକ ବେଳେ ବିଭିନ୍ନ ଦେଶର ଯବାନମାନେ ପିନ୍ଧୁଥିବା ୟୁନିଫର୍ମ ଉପରେ ଆଲୋଚନା ହୋଇଥିଲା। ଶେଷରେ ଉଭୟ ଖରା ଓ ଶୀତକୁ ସହ୍ୟ କରୁଥିବା ଅତ୍ୟାଧୁନିକ ୟୁନିଫର୍ମ ପ୍ରସ୍ତୁତ ହୋଇଛି। ବିଶେଷ କରି ଲଢ଼େଇ ବେଳେ ଶତ୍ରୁପକ୍ଷକୁ ମାତ ଦେବା ପାଇଁ ମଧ୍ୟ ୟୁନିଫର୍ମରେ ବ୍ୟବସ୍ଥା କରାଯିବ। ଏହି ୟୁନିଫର୍ମରେ



ଯବାନମାନେ ଅଧିକ ତେଜସ୍ୱୀ, ପରାକ୍ରମୀ ଓ ସ୍ମାର୍ଟ ଦେଖାଯିବେ। ଭାରତୀୟ ସେନା ଯବାନ ଅପରେସନ ବେଳେ ପିନ୍ଧୁଥିବା ୟୁନିଫର୍ମରେ ଡିଜିଟାଲ କାମୋଫ୍ଲାଜ୍ ପ୍ୟାଟର୍ନ ରହିବ। ଆମେରିକା ଭଳି ବହୁ ଶକ୍ତିଶାଳୀ ଦେଶର ସେନା ଏପରି ଡିଜିଟାଲ ପ୍ୟାଟର୍ନ ୟୁନିଫର୍ମ ପିନ୍ଧୁଛନ୍ତି।ଏହି ପୋଷାକ ଚତୁପାର୍ଶ୍ୱର ଭୌଗଳିକ ସ୍ଥିତି ସହ ମେଳ ଖାଇଥାଏ। ପର୍ବତାଞ୍ଚଳ, ଜଙ୍ଗଲ ଓ ମରୁଭୂମିର ପାରିପାର୍ଶ୍ୱିକ ସ୍ଥିତି ଅନୁସାରେ ଯବାନଙ୍କ ୟୁନିଫର୍ମ ତିଆରି ହୋଇଛି। ଏକାଧିକ ରଙ୍ଗ ୟୁନିଫର୍ମରେ ରହିବ। ବିଶେଷ କରି ଅଲିଭ ଓ ଆର୍ଥନ ରଙ୍ଗକୁ ଗୁରୁତ୍ୱ ଦିଆଯାଇଛି। ଯବାନମାନେ ମୁତୟନ ହେଉଥିବା ସ୍ଥାନ ଓ ସେଠାକାର ପାଣିପାଗକୁ ଦୃଷ୍ଟିରେ ରଖି ହିଁ ୟୁନିଫର୍ମକୁ ପ୍ରସ୍ତୁତ କରାଯାଉଥିବା ଜଣାପଡ଼ିଛି। ନ୍ୟାଶନାଲ ଇନଷ୍ଟିଚ୍ୟୁଟ ଅଫ୍ ଫ୍ୟାସନ ଟେକ୍ନୋଲୋଜି ସହାୟତାରେ ଭାରତୀୟ ଯବାନଙ୍କ ୟୁନିଫର୍ମ ଡିଜାଇନକୁ ଚୂଡ଼ାନ୍ତ କରାଯାଇଛି। ଏହା ହାଲୁକା ହୋଇଥିଲେ ମଧ୍ୟ ମଜବୁତ କପଡ଼ାରେ ତିଆରି ହେବ। ଯୁଦ୍ଧ ଓ ଫରଓ୍ୱାର୍ଡ ପୋଜିସନ ବେଳେ ଯବାନମାନେ ପରିଧାନ କରୁଥିବା ୟୁନିଫର୍ମକୁ ଅଧିକ ପାରଦର୍ଶୀ କରିବା ଲାଗି ବିଭିନ୍ନ ମହଲରୁ ଦାବି ହୋଇ ଆସୁଥିଲା। ଏହାକୁ ଦୃଷ୍ଟିରେ ରଖି ଏବେ ୟୁନିଫର୍ମରେ ପରିବର୍ତ୍ତନ କରାଯାଇଛି। ତେବେ ଭାରତୀୟ ସୈନ୍ୟଙ୍କ ନୂଆ ୟୁନିଫର୍ମରେ ବ୍ରିଟିଶ ସେନାର ଛାପ ଥିବା କୁହାଯାଉଛି। ଆସନ୍ତା ଜାନୁଆରୀ ୧୫ ସେନା ଦିବସ ଅବସରରେ ଭାରତୀୟ ଯବାନ ଏହି ୟୁନିଫର୍ମ ପରିଧାନ କରିବେ। ଅଗଷ୍ଟ ମାସ ସୁଦ୍ଧା ସବୁ ଯବାନମାନଙ୍କୁ ଏହି ୟୁନିଫର୍ମ ଯୋଗାଇ ଦେବାକୁ ଲକ୍ଷ୍ୟ ରଖାଯାଇଛି।

# ଖୁବ୍‌ଶୀଘ୍ର ଛୋଟ ପିଲାଙ୍କୁ ଟିକା

**ନୂଆଦିଲ୍ଲୀ :** ଦେଶରେ ଛୋଟ ପିଲାମାନଙ୍କୁ ଟିକାକରଣ ପାଇଁ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଡିସେମ୍ବର ମାସର ଶେଷ ସପ୍ତାହରେ ପିଲାମାନଙ୍କୁ କୋଭିଡ୍ ୧୯ ଟିକା ଦିଆଯିବା ନେଇ ସମ୍ଭାବନା ଅଛି। ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ଅନୁଯାୟୀ ପ୍ରାଥମିକ ପର୍ଯ୍ୟାୟରେ ୪ରୁ ୬କୋଟି ପିଲାଙ୍କୁ ଅଗ୍ରାଧିକାର ଦିଆଯିବ। ଯେଉଁ ପିଲାମାନେ କିଛି ଗମ୍ଭୀର ରୋଗରେ ପୀଡିତ ସେମାନଙ୍କୁ ଆଗେ ଡୋଜ୍ ଦିଆଯିବ। ଇଣ୍ଡିଆନ୍ କାଉନସିଲ୍ ଅଫ୍ ମେଡିକାଲ୍ ରିସର୍ଚ୍ଚ (ଆଇସିଏମ୍ଆର) କୋଭିଡ -୧୯ ଟାସ୍କ ଫୋର୍ସର ଚେୟାରମ୍ୟାନ୍ ଡକ୍ଟର ନରେନ୍ଦ୍ର କୁମାର ଆରୋରା କହିଛନ୍ତି ଯେ, ଦେଶରେ ଟିକାକରଣ ଆରମ୍ଭ ହେବା ପରେ ପ୍ରଥମେ ବୃଦ୍ଧ, ଅସୁସ୍ଥ ଏବଂ ପରେ ବୟସ୍କଙ୍କ ଉପରେ ଧ୍ୟାନ ଦିଆଯାଇଥିଲା। ସେବେଠାରୁ ପିଲାମାନଙ୍କ ପାଇଁ ଟିକା ଲଗାତାର ପରୀକ୍ଷା କରାଯାଉଥିଲା । ଯାହାଦ୍ୱାରା ଛୋଟ ପିଲା ଏବଂ କିଶୋରମାନେ ମଧ୍ୟ ଟିକାକରଣର ସୁରକ୍ଷା ପାଇପାରିବେ। ଭାରତରେ ଭାରତ ବାୟୋଟେକ ଟିକା ବ୍ୟତୀତ ଅନ୍ୟ କେତେକ କମ୍ପାନୀର ଟିକାକୁ




ପିଲାମାନଙ୍କ ପାଇଁ ବ୍ୟବହାର କରିବାକୁ ଅନୁମତି ଦିଆଯାଇଛି। ଏଭଳି ପରିସ୍ଥିତିରେ ଡିସେମ୍ବର ମାସର ଶେଷ ସପ୍ତାହରେ ଭାରତରେ ପିଲାମାନେ କରୋନା ଟିକା ପାଇବା ନେଇ ଆଶା କରାଯାଉଛି। ଡକ୍ଟର ଆରୋରା କହିଛନ୍ତି ଯେ, ଦେଶରେ ମୋଟ ୪୪କୋଟି ଛୋଟ ପିଲା ଅଛନ୍ତି। ଯେଉଁଥିରେ ୧୨ ବର୍ଷରୁ କମ୍ ପିଲାଙ୍କ ସଂଖ୍ୟା ହେଉଛି ୩୨କୋଟି। ୧୨ ରୁ ୧୭ବର୍ଷ ବୟସ ବର୍ଗରେ ସମୁଦାୟ ୧୨ କୋଟି ପିଲା ଅଛନ୍ତି। ଏହି ବୟସରେ ପିଲାମାନଙ୍କୁ ଟିକାକରଣ ପାଇଁ ଜିଡସ୍ କ୍ୟାଡିଲାଙ୍କ ଜିକୋଭି ଡି (ଜିକୋଭି-ଡି) କୁ ଅନୁମୋଦନ ଦିଆଯାଇଛି। ଏଥି ସହିତ ଭାରତ ବାୟୋଟେକର ଟିକା ୨ ରୁ ୧୮ ବର୍ଷର ପିଲାମାନଙ୍କ ପାଇଁ ଜରୁରୀକାଳୀନ ବ୍ୟବହାର ପାଇଁ ଅନୁମତି ଦିଆଯାଇଛି।

# ଭାରତରେ ବ୍ୟାନ ହେବନି କ୍ରିପ୍ଟୋକରେନ୍ସି !

**ନୂଆଦିଲ୍ଲୀ:** ଡିଜିଟାଲ ମୁଦ୍ରା ବା କ୍ରିପଟ୍ଟୋକରେନ୍ସିକୁ ନେଇ ବଡ଼ ଖବର ସାମ୍ନାକୁ ଆସିଛି। କିଛି ଦିନ ତଳେ ଭାରତ ସରକାର ସ୍ୱତନ୍ତ୍ର ବିଲ୍ ଜରିଆରେ ଭାରତରେ ପ୍ରଚଳିତ ଥିବା ସମସ୍ତ ଘରୋଇ କ୍ରିପଟ୍ଟୋକରେନ୍ସିକୁ ବ୍ୟାନ କରିବେ ବୋଲି ଖବର ମିଳିଥିଲା। କିନ୍ତୁ ଏବେ ସରକାର ନିଜ ମନ ବଦଳାଇଛନ୍ତି। ନୂଆ କ୍ରିପ୍ଟୋକରେନ୍ସି ବିଲ୍ ଜରିଆରେ ସରକାର କେବଳ କ୍ରିପ୍ଟୋକରେନ୍ସି ଗୁଡ଼ିକୁ ରେଗୁଲେଟ କରିବେ। ଅର୍ଥାତ ଏଥିପାଇଁ ସ୍ୱତନ୍ତ୍ର ନିୟମ ପ୍ରଚଳନ ହେବ। ଏହା ଦେଶରେ କୌଣସି ପ୍ରକାରର ବ୍ୟାନ କରାଯିବ ନାହିଁ। ଗତଥର ବିଟକଏନ ଭଳି କ୍ରିପ୍ଟୋକରେନ୍ସି ବ୍ୟାନ ହେବାର ଖବର ମିଳିବା ପରେ ଡିଜିଟାଲ ମୁଦ୍ରା ମାର୍କେଟ କ୍ରାଶ ହୋଇ ଯାଇଥିଲା। ପୁଞ୍ଜି



ନିବେଶକାରୀ ନିଜର ଅର୍ଥକୁ ନେଇ ଚିନ୍ତାରେ ପଡ଼ି ଯାଇଥିଲେ। ହେଲେ ଏବେ ସମସ୍ତଙ୍କୁ ଆଶ୍ୱସ୍ତ କରିବା ଭଳି ଖବର ମିଳିଛି। ଭାରତୀୟମାନେ ବିଭିନ୍ନ କ୍ରିପଟ୍ଟୋକରେନ୍ସିରେ ପ୍ରାୟ ୪୦ ହଜାର କୋଟି ଟଙ୍କାର ପୁଞ୍ଜି ନିବେଶ କରିଛନ୍ତି। ଏହାକୁ ଦୃଷ୍ଟିରେ ରଖି ଭାରତ ସରକାର ଏଗୁଡ଼ିକୁ ବ୍ୟାନ କରିବେ ନାହିଁ ବୋଲି ନିଷ୍ପତ୍ତି ନେଇଥିବା କୁହାଯାଉଛି। ସରକାର ଆଣିବାକୁ ଥିବା କ୍ରିପ୍ଟୋକରେନ୍ସି ବିଲ୍ ଉପରେ ଜାରି କ୍ୟାବିନେଟ୍ ନୋଟରେ ଘରୋଇ କ୍ରିପଟ୍ଟୋକରେନ୍ସିକୁ ବ୍ୟାନ କରିବା ପରିବର୍ତ୍ତେ ରେଗୁଲେଟ କରିବାକୁ ପରାମର୍ଶ ଦିଆଯାଇଛି। ଏହି ନୋଟରେ ଦର୍ଶାଯାଇଛି ଯେ କ୍ରିପ୍ଟୋକରେନ୍ସିକୁ ଭାରତରେ ଆଇନଗତ ମୁଦ୍ରାର ମାନ୍ୟତା ଦିଆଯିବ ନାହିଁ। ଏବେ କାର୍ଯ୍ୟ କରୁଥିବା କ୍ରିପ୍ଟୋ ଏକ୍ସଚେଞ୍ଜ୍ ପ୍ଲାଟଫର୍ମରେ ହିଁ କ୍ରିପ୍ଟୋକ୍ରେନ୍ସିର କାରବାର କରାଯିବ। ଏହା ସେବି ଦ୍ୱାରା ନିୟନ୍ତ୍ରଣ ଓ ପରିଚାଳିତ ହେବ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା, ଭାରତ ସରକାର କ୍ରିପ୍ଟୋ ଏକ୍ସଚେଞ୍ଜ ପ୍ଲାଟଫର୍ମଗୁଡ଼ିକ ପାଇଁ ସ୍ୱତନ୍ତ୍ର ନିୟମ ଜାରି କରିବେ। ଯଦି କେହି ଏହାକୁ ଉଲ୍ଲଙ୍ଘନ କରିବେ, ତା'ହେଲେ ସେମାନଙ୍କୁ ୫ କୋଟିରୁ ୨୦ କୋଟି ଟଙ୍କା ଯାଏ ଜୋରିମାନା ମଧ୍ୟ ଲାଗୁ କରାଯିବ। ସୂଚନାଯୋଗ୍ୟ ଯେ କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ରାଜ୍ୟସଭାରେ କହିଥିଲେ ଯେ କ୍ୟାବିନେଟର ଅନୁମୋଦନ ଲାଭ ପରେ ସରକାର ଖୁବଶୀଘ୍ର କ୍ରିପ୍ଟୋକରେନ୍ସି ଉପରେ ଏକ ବିଲ୍ ଆଣିବେ। ମୌସୁମୀ ଅଧିବେଶନ ସମୟରେ ଉକ୍ତ ବିଲକୁ ଆଣିବାକୁ ପ୍ରୟାସ କରାଯାଇଥିଲା। ତେବେ ବିଭିନ୍ନ କାରଣରୁ ଏହା ସମ୍ଭବ ହୋଇପାରି ନଥିଲା। କିନ୍ତୁ ଶୀତ ଅଧିବେଶରେ ଏହି ବିଲ୍ ? ଆଣିବାକୁ ଲକ୍ଷ୍ୟ ରଖାଯାଇଛି। ସେହିପରି ସରକାର, ରିଜର୍ଭ ବ୍ୟାଙ୍କ ଓ ସେବି ପକ୍ଷରୁ କ୍ରିପ୍ଟୋକରେନ୍ସି ସମ୍ପର୍କରେ ବାରମ୍ବାର ଲୋକଙ୍କୁ ସଚେତନ କରାଯାଉଛି ବୋଲି ସେ କହିଥିଲେ।

## ତେଲ-ଆଭିଭ ହଂକଂ ବିଶ୍ୱର ସବୁଠାରୁ ମହଙ୍ଗା ସହର

**ପ୍ୟାରିସ :** ସାଧାରଣରେ ବିଶ୍ୱାସ ଯେ ବିଶ୍ୱର ସବୁଠାରୁ ମହଙ୍ଗା ସହର କହିଲେ ପ୍ୟାରିସ, ହଂସଂ କିମ୍ବା ସିଙ୍ଗାପୁର ହୋଇଥିବ। କିନ୍ତୁ ଇତିହାସରେ ପ୍ରଥମ ଥର ପାଇଁ ଇସ୍ରାଏଲର ତେଲ ଆଭିଭ ସହର ବିଶ୍ୱର ସବୁଠାରୁ ମହଙ୍ଗା ସହର ତାଲିକାର ଶୀର୍ଷରେ ରହିଛି। ବୁଧବାର ଦିନ ପ୍ରକାଶିତ ଏକ ରିପୋର୍ଟ ଅନୁଯାୟୀ ମୁଦ୍ରାସ୍ଫୀତିରେ ମାତ୍ରାଧିକ ବୃଦ୍ଧି କାରଣରୁ ତେଲ ଆଭିଭରେ ବାସ କରିବା ସବୁଠାରୁ ମହଙ୍ଗା ବିବେଚିତ ହେଉଛି ଏବଂ ସେଥିପାଇଁ ଏହା ବିଶ୍ୱର ସବୁଠାରୁ ମହଙ୍ଗା ସହର ପାଲଟିଛି। ଇକୋନୋମିଷ୍ଟ ଇଣ୍ଟେଲିଜେନ୍ସ ୟୁନିଟ (ଇଆଇୟୁ) ପକ୍ଷରୁ ସଂକଳନ କରାଯାଇଥିବା ବିଶ୍ୱବ୍ୟାପୀ ବାସ କରିବା ଖର୍ଚ୍ଚ ସୂଚୀରେ ବିଶ୍ୱର ୧୭୩ଟି ସହରରେ ଆମେରିକୀୟ ଡଲାର ମୂଲ୍ୟରେ ବିଭିନ୍ନ ସାମଗ୍ରୀ ଓ ସେବାକୁ ତୁଳନା କରାଯାଇଥିଲା। ସେହି ତାଲିକାରୁ ଇସ୍ରାଏଲର ତେଲ ଆଭିଭ ସହର ସବୁଠାରୁ ମହଙ୍ଗା ବୋଲି ଜଣାଯାଇଛି।

# ନଭେମ୍ବରରେ ଭାରତର ରପ୍ତାନି ୨୬% ବୃଦ୍ଧି

**ନୂଆଦିଲ୍ଲୀ:** ଚଳିତ ବର୍ଷ ନଭେମ୍ବର ମାସରେ ଭାରତର ରପ୍ତାନି ପୂର୍ବବର୍ଷ ନଭେମ୍ବର ତୁଳନାରେ ୨୬.୪୯% ବୃଦ୍ଧିପାଇଛି। ଗତବର୍ଷ ନଭେମ୍ବରରେ ଦେଶରୁ ୨୩.୬୨ ବିଲିଅନ ଡଲାର ମୂଲ୍ୟର ରପ୍ତାନି କରାଯାଇଥିବାବେଳେ ଚଳିତ ବର୍ଷ ନଭେମ୍ବରରେ ରପ୍ତାନି ପରିମାଣ ୨୯.୮୮ ବିଲିଅନ ଡଲାରକୁ ବୃଦ୍ଧିପାଇଛି। ଅନ୍ୟପକ୍ଷରେ ଚଳିତ ବର୍ଷ ନଭେମ୍ବର ମାସରେ ବାଣିଜ୍ୟ ନିଅଣ୍ଟ ପରିମାଣ ରେକର୍ଡ ୨୩.୨୭ ବିଲିଅନ ଡଲାର ହୋଇଛି, ଯାହା ଗତବର୍ଷ ନଭେମ୍ବର ତୁଳନାରେ ୧୨୮.୩୦% ଅଧିକ ବୋଲି ଜଣାଯାଇଛି। ଗତବର୍ଷ ନଭେମ୍ବରରେ ବାଣିଜ୍ୟ ନିଅଣ୍ଟ ୧୦.୧୯ ବିଲିଅନ ଡଲାର ଥିଲା। ସୂଚନାଯୋଗ୍ୟ ଯେ ରପ୍ତାନି ଓ ଆମଦାନୀ ମଧ୍ୟରେ ରହୁଥିବା ପାର୍ଥକ୍ୟ ହେଉଛି ବାଣିଜ୍ୟ ନିଅଣ୍ଟ। କେନ୍ଦ୍ର ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରଣାଳୟ ପକ୍ଷରୁ ପ୍ରକାଶିତ ତଥ୍ୟରେ କୁହାଯାଇଛି ଯେ ଚଳିତ ଆର୍ଥିକ ବର୍ଷର ପ୍ରଥମ ୮ ମାସ ମଧ୍ୟରେ ବାଣିଜ୍ୟ ନିଅଣ୍ଟ ୧୨୧.୯୮ ବିଲିଅନ ଡଲାର ହୋଇଛି। କେବଳ ନଭେମ୍ବର ମାସରେ ସୁନା ଆମଦାନୀ ପରିମାଣ ୮% ବୃଦ୍ଧିପାଇବା କାରଣରୁ ଏହି ମାସରେ ବାଣିଜ୍ୟ ନିଅଣ୍ଟ ଆଶାତୀତ ଭାବରେ ବୃଦ୍ଧିପାଇଛି। ଏହା ପୂର୍ବରୁ ୨୦୧୨ ନଭେମ୍ବର ମାସରେ ବାଣିଜ୍ୟ ନିଅଣ୍ଟ ୨୦.୨ ବିଲିଅନ ଡଲାରରେ ପହଞ୍ଚି ରେକର୍ଡ ସୃଷ୍ଟି କରିଥିଲା। ଚଳିତ ବର୍ଷ ନଭେମ୍ବରରେ ମୋଟ ୫୩.୧୫ ବିଲିଅନ ଡଲାର ମୂଲ୍ୟର ଆମଦାନୀ କରାଯାଇଛି। ଏହା ୨୦୨୦ ନଭେମ୍ବରରେ ହୋଇଥିବା ଆମଦାନୀ ପରିମାଣ ୩୩.୮୧ ବିଲିଅନ ଡଲାର ତୁଳନାରେ ୫୭.୧୮% ଅଧିକ ଏବଂ ୨୦୧୯ ନଭେମ୍ବରରେ ହୋଇଥିବା ୩୮.୫୨



ବିଲିଅନ ଡଲାର ମୂଲ୍ୟର ଆମଦାନୀ ତୁଳନାରେ ୩୭.୯୬% ଅଧିକ ଥିବା ଜଣାଯାଇଛି। ଚଳିତ ବର୍ଷ ଆଲୋଚ୍ୟ ମାସରେ ଅଶୋଧିତ ପେଟ୍ରୋଲିୟମ ଏବଂ ସୁନା ଆମଦାନୀ ବୃଦ୍ଧିପାଇଛି। ସେହିଭଳି ୨୦୨୧ ଏପ୍ରିଲରୁ ନଭେମ୍ବରରେ ଭାରତରୁ ରପ୍ତାନି ପରିମାଣ ୩୮୪.୪୪ ବିଲିଅନ ଡଲାର ହୋଇଛି, ଯାହା ୨୦୨୦ ଏପ୍ରିଲ-ନଭେମ୍ବରରେ ହୋଇଥିବା ୨୧୯.୧୯ ବିଲିଅନ ଡଲାର ମୂଲ୍ୟର ରପ୍ତାନି ତୁଳନାରେ ୭୫.୩୯% ଅଧିକ। ଏହା ମଧ୍ୟ ୨୦୧୯ ଏପ୍ରିଲ-ନଭେମ୍ବରରେ ହୋଇଥିବା ରପ୍ତାନି ୩୨୪.୫୯ ବିଲିଅନ ଡଲାର ତୁଳନାରେ ୧୮.୪୪% ଅଧିକ। ଚଳିତ ବର୍ଷ ନଭେମ୍ବର ମାସରେ ଅଶୋଧିତ ପେଟ୍ରୋଲିୟମ ଏବଂ ପେଟ୍ରୋଲିମଜାତ ସାମଗ୍ରୀ ଆମଦାନୀ ୧୩୨.୪୪% ବୃଦ୍ଧିପାଇ ୧୪.୬୮ ବିଲିଅନ ଡଲାରରେ ପହଞ୍ଚିଛି। ଅନ୍ୟପକ୍ଷରେ ଏହି ମାସରେ ପେଟ୍ରୋଲିୟମ ଉତ୍ପାଦ, ହସ୍ତତନ୍ତ ସାମଗ୍ରୀ, ଇଞ୍ଜିନିୟରିଂ, ରାସାୟନିକ ପଦାର୍ଥ, ପ୍ଲାଷ୍ଟିକ ଏବଂ ସାମୁଦ୍ରିକ ପଦାର୍ଥ ରପ୍ତାନି କ୍ଷେତ୍ରରେ ଅଭିବୃଦ୍ଧି ପରିଲକ୍ଷିତ ହୋଇଛି।

### ତୃତୀୟ ଲହରକୁ ନେଇ ମୁଖ୍ୟମନ୍ତ୍ରୀଙ୍କ ସମୀକ୍ଷା

# କୋଭିଡ ନିୟମ ପାଳନ କରିବା ପାଇଁ ଜନସାଧାରଣଙ୍କୁ ନିବେଦନ




**ଭୁବନେଶ୍ୱର :** ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କୋଭିଡର ସମ୍ଭାବ୍ୟ ତୃତୀୟ ଲହରର ମୁକାବିଲା ପାଇଁ ପ୍ରସ୍ତୁତି ସଂପର୍କରେ ସମୀକ୍ଷା କରିଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ରାଜ୍ୟବାସୀଙ୍କୁ ସତର୍କ ରହିବା ସହିତ କୋଭିଡ ନିୟମାବଳୀକୁ କଡାକଡି ଭାବରେ ପାଳନ କରିବା ଏବଂ ସରକାରଙ୍କୁ ପୂର୍ଣ୍ଣ ସହଯୋଗ ଯୋଗାଇ ଦେବା ପାଇଁ ଅନୁରୋଧ କରିଛନ୍ତି। ମୁଖ୍ୟମନ୍ତ୍ରୀ କହିଥିଲେ ଯେ କୋଭିଡର ନୂଆ ଭାରିଏଣ୍ଟର ଭୟଭୟତା ସଂପର୍କରେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ସବୁ ଦେଶକୁ ସତର୍କ କରାଇ ଦେଇଛନ୍ତି ଏବଂ ଏହା ଗୁରୁତର ପ୍ରଭାବ ପକାଇବାର ମଧ୍ୟ ଅଶଂକା ବ୍ୟକ୍ତ କରିଛନ୍ତି। ଗତ କିଛି ସପ୍ତାହ ହେଲା ଇରୋପରେ ସଂକ୍ରମଣ ବୃଦ୍ଧି ପାଇଛି। ଏହି ନୂଆ ଭାରିଏଣ୍ଟ ଅଧିକ ସଂକ୍ରମଣଶୀଳ ଥିବାରୁ ଜନସାଧାରଣ ଏହାକୁ ଗୁରୁତର ସହ ନେବା ପାଇଁ ମୁଖ୍ୟମନ୍ତ୍ରୀ ସତର୍କ କରାଇ ଦେଇଥିଲେ। ମୁଖ୍ୟମନ୍ତ୍ରୀ କହିଥିଲେ ଯେ ପ୍ରଥମରୁ ହିଁ ଓଡିଶା ଏହି ମହାମାରୀ ମୁକାବିଲା ପାଇଁ ସତର୍କତା ମୂଳକ ପଦକ୍ଷେପ ଗ୍ରହଣ କରିଆସିଛି । ଆହ୍ୱାନମୂଳକ ପରିସ୍ଥିତି ସତ୍ତ୍ୱେ ଜନସାଧାରଣଙ୍କ ସହଯୋଗରେ ଓଡିଶା ସଫଳତାର ସହିତ ପ୍ରଥମ ଓ ଦ୍ୱିତୀୟ ଲହରୀର ମୁକାବିଲା କରିଥିଲା ଏବଂ ବର୍ତ୍ତମାନ ପରିସ୍ଥିତିର ଆମେ ମଧ୍ୟ ସଫଳ ମୁକାବିଲା କରିପାରିବା ବୋଲି ମୁଖ୍ୟମନ୍ତ୍ରୀ ଦୃଢ ଆଶାବ୍ୟକ୍ତ କରିଥିଲେ। ଏହି ପରିପ୍ରେକ୍ଷୀରେ ଆମର କୋଭିଡ ମୁକାବିଲା ପାଇଁ ଆମର ଥିବା ପ୍ରସ୍ତୁତିକୁ ପୁଣି ଥରେ ପୁନଃ ସକ୍ରିୟ କରିବା ସହିତ ଡାକ୍ତର, ନର୍ସ, ସ୍ୱାସ୍ଥ୍ୟକର୍ମୀଙ୍କ ସମତେ ଏଥିରେ ସଂଶ୍ଲିଷ୍ଟ ସବୁ ଅଧିକାରୀ ମାନଙ୍କୁ ଜାଗତିଆର ରଖିବା ପାଇଁ ପରାମର୍ଶ ଦେଇଥିଲେ। କୋଭିଡ ନିୟମର ଯେପରି କଡାକଡି ପାଳନ କରାଯିବ, ସେଥିପ୍ରତି ସତର୍କ ପଦକ୍ଷେପ ନେବାପାଇଁ ପୋଲିସ ମହାନିର୍ଦ୍ଦେଶକଙ୍କୁ ମଧ୍ୟ ନିର୍ଦ୍ଦେଶ ଦେଇଥିଲେ। ଏହାସହିତ ମାସ୍କ ପିନ୍ଧିବା, ହାତ ଧୋଇବା ଓ ସାମାଜିକ ଦୂରତା ରକ୍ଷା କରିବା ଆଦି କୋଭିଡ ନିୟମ ସଂପର୍କରେ ବ୍ୟାପକ ସଚେତନତା କାର୍ଯ୍ୟକ୍ରମ କରିବା ପାଇଁ ସୂଚନା ଓ ଲୋକସଂପର୍କ ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ। ପଞ୍ଚାୟତ ପ୍ରତିନିଧିଙ୍କ ଠାରୁ ଆରମ୍ଭ କରି ମିଶନ ଶକ୍ତି ଗ୍ରୁପ ପର୍ଯ୍ୟନ୍ତ ସମାଜର ସବୁ ବର୍ଗର ଲୋକଙ୍କୁ ସାମିଲ କରି ସଚେତନତା ତଥା କୋଭିଡ ନିୟମ ଅନୁପାଳନକୁ ସୁନିର୍ଶ୍ଚିତ କରିବା ପାଇଁ ଜିଲ୍ଲାପାଳ ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଆଲୋଚନାରେ ଭାଗ ନେଇ ମୁଖ୍ୟ ଶାସନ ସଚିବ ସୁରେଶ ମହାପାତ୍ର କହିଲେ ଯେ ରାଜ୍ୟ ସରକାରଙ୍କ ସମସ୍ତ ବିଭାଗ ପୁରାପୁରି ସତର୍କ ଅଛନ୍ତି। କୋଭିଡ ଭିତ୍ତିଭୂମିକୁ ସୁଦୃଢ ରହିଛି ଏବଂ ତାକୁ ଆହୁରି ଅଧିକ ଜୋରଦାର କରିବା ପାଇଁ ପଦକ୍ଷେପ ନିଆଯାଉଛି। ସ୍ୱାସ୍ଥ୍ୟ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ରାଜ କୁମାର ଶର୍ମା କୋଭିଡ ମୁକାବିଲା ସଂପର୍କରେ ଏକ ଉପସ୍ଥାପନା ରଖିଥିଲେ। ସେ କହିଥିଲେ ଯେ ରାଜ୍ୟରେ ବର୍ତ୍ତମାନ ଟେଷ୍ଟ ପଜିଟିଭ ହାର ମାତ୍ର ୦.୪୪ ପ୍ରତିଶତ ରହିଛି। ଚାରୋଟି ଜିଲ୍ଲା ଖୋର୍ଦ୍ଧା, କଟକ, ସୁନ୍ଦରଗଡ ଓ ସମ୍ବଲପୁରର କିଛି ଅଞ୍ଚଳରେ ଅପେକ୍ଷାକୃତ ଅଧିକ କେସ୍ ବାହାରିଥିଲେ ମଧ୍ୟ ପରିସ୍ଥିତି ସଂପୂର୍ଣ୍ଣ ନିୟନ୍ତ୍ରଣାଧୀନ ରହିଛି। ନୂଆ ରୋଗୀ ମାନଙ୍କର ଜେନମ ସିକ୍ୟୁଏନ୍ସି ପାଇଁ ମଧ୍ୟ ନମୁନା ପଠାଯାଉଛି। ରାଜ୍ୟରେ ପ୍ରଥମ ଡୋଜ ଟୀକାକରଣ ୮୫.୬ ପ୍ରତିଶତ ଥିବାବେଳେ ଦ୍ୱିତୀୟ ଡୋଜ ଟୀକାକରଣ ୪୮.୪ ପ୍ରତିଶତ ରହିଛି, ଯାହା କି ଜାତୀୟ ହାର ଠାରୁ ଉନ୍ନତ ରହିଛି। ଘରକୁ ଘର ବୁଲି ଟୀକାକରଣ କାର୍ଯ୍ୟକୁ ତ୍ୱରାନ୍ୱିତ କରାଯାଉଛି। ଆଲୋଚନାରେ ଭାଗ ନେଇ ମୁଖ୍ୟମନ୍ତ୍ରୀଙ୍କ ସଚିବ (୫-ଟି) ଭି.କେ. ପାଣ୍ଡିଆନ କୋଭିଡରୁ ମୁକାବିଲା ପାଇଁ ପ୍ରସ୍ତୁତିକୁ ଆହୁରି ଉନ୍ନତ କରିବା, ଅକ୍ସିଜେନ ସପ୍ଲାଇ ଚେନ୍‌କୁ ଆହୁରି ମଜବୁତ କରିବା ଏବଂ ଘରୋଇ ହସ୍‌ପିଟାଲଗୁଡିକୁ କୋଭିଡ ଚିକିତ୍ସା ପାଇଁ ପ୍ରସ୍ତୁତି ରଖିବା ଉପରେ ଗୁରୁତ୍ୱ ଦେଇଥିଲେ। ବୈଠକରେ ପୋଲିସ ମହାନିର୍ଦ୍ଦେଶକ ଶ୍ରୀ ଅଭୟ, ପୋଲିସ କମିଶନରଙ୍କ ସମେତ ବିଭିନ୍ନ ଜିଲ୍ଲାର ଜିଲ୍ଲାପାଳ, ମହାନଗର ନିଗମ ଗୁଡିକର କମିଶନର ଏବଂ ବରିଷ୍ଠ ଅଧିକାରୀ ମାନେ ଯୋଗ ଦେଇଥିଲେ।

## ହୀରାକୁଦ ଜଳ ଭଣ୍ଡାରରୁ ଉତ୍ପାଦନ ହେବ ସୌର ବିଦ୍ୟୁତ



**ସମ୍ବଲପୁର :** ହୀରାକୁଦ ଜଳ ଭଣ୍ଡାର ନିର୍ମାଣର ପ୍ରମୁଖ ୩ଟି କାରଣ ଥିଲା- ବନ୍ୟା ନିୟନ୍ତ୍ରଣ, ଜଳ ସେଚନ ଓ ଜଳ ବିଦ୍ୟୁତ ଉତ୍ପାଦନ। ଏବେ ଏଥିରେ ଆଉ ଗୋଟିଏ ଫର୍ଦ୍ଦ ଯୋଡ଼ି ହୋଇ ଯାଇଛି। ଏଠାରୁ ଉତ୍ପାଦନ ହେବ ସୌର ବିଦ୍ୟୁତ। ପ୍ରଥମ ପର୍ଯ୍ୟାୟରେ ୪୦ ମେଗାୱାଟ୍ ବିଦ୍ୟୁତ ଉତ୍ପାଦନ କରିବାକୁ ଲକ୍ଷ୍ୟ ରଖାଯାଇଛି। ସେଥିପାଇଁ ସର୍ଭେ କାମ ସରିଯାଇଛି।ହୀରାକୁଦ ଜଳଭଣ୍ଡାରରେ ରହିଛି ବିସ୍ତିର୍ଣ୍ଣ ଜଳ ରାଶି। ଯେଉଁ ଆଡ଼େ ଚାହିଁବେ କେବଳ ପାଣି ହିଁ ପାଣି। ଏବେ ଏହି ଜଳଭଣ୍ଡାରରେ ନିର୍ମାଣ ହେବାକୁ ଯାଉଛି ସୌର ବିଦ୍ୟୁତ ପ୍ରକଳ୍ପ। ଡ୍ୟାମ୍ ଭିତରେ ସୋଲାର ପାନାଲ ଗୁଡ଼ିକରୁ ଉତ୍ପାଦନ ହେବ ବିଜୁଳି। ସେଥିପାଇଁ ଜଳ ରାଶିରେ ଭାସମାନ ଅବସ୍ଥାରେ ରଖାଯିବ ସୋଲାର ପାନେଲ୍। ସେହି ପାନେଲ୍ ଗୁଡ଼ିକୁ ଏମିତି ଢ଼ଙ୍ଗରେ ରଖାଯିବ ଯେ, ଡ୍ୟାମର ଜଳସ୍ତର କମିଲେ କି ବଢ଼ିଲେ ମଧ୍ୟ ଯେପରି ସ୍ଥାନାନ୍ତର କରିବାକୁ ପଡ଼ିବନାହିଁ। ଜଳଭଣ୍ଡାରରେ ବ୍ୟବହାର ହେବାକୁ ଥିବା ପାନେଲ ଗୁଡ଼ିକର ଆୟୁଷ ୨୫ ବର୍ଷ ରହିବ। ଭାରତ ସରକାରଙ୍କ ନବୀକରଣଯୋଗ୍ୟ ଉର୍ଜା ମନ୍ତ୍ରାଳୟ ଦ୍ୱାରା ପରିଚାଳିତ ସୋଲାର ଏନର୍ଜି କର୍ପୋରେସନ ଅଫ୍ ଇଣ୍ଡିଆ ଏହି ପ୍ରକଳ୍ପ କାମ ହାତକୁ ନେଇଛି। ପ୍ରକଳ୍ପ ନିର୍ମାଣ ପୂର୍ବରୁ ସର୍ଭେ କାମ ସରିଛି। ଏକ ଘରୋଇ ସଂସ୍ଥା ଡ୍ୟାମ୍‌ର ୧୦ ବର୍ଗ କିଲୋମିଟର ଅଞ୍ଚଳରେ ସର୍ଭେ କାମ ସାରିଦେଇଛି। ତା'ମଧ୍ୟରୁ ୧ ବର୍ଗ କିଲୋମିଟର ଅଞ୍ଚଳରେ ପ୍ରକଳ୍ପ କାମ କରାଯିବ। ଏ ବାବଦକୁ ଖର୍ଚ୍ଚ ହେବ ପ୍ରାୟ ୨୦୦ କୋଟି ଟଙ୍କା।ପ୍ରଥମ ପର୍ଯ୍ୟାୟରେ ସୋଲାର ପାନେଲ୍‌ରୁ ୪୦ ମେଗାୱାଟ ବିଦ୍ୟୁତ ଉତ୍ପାଦନ ହେବ। ଏହି ପ୍ରକଳ୍ପ ପାଇଁ ଓଡ଼ିଶା ଜଳ ସମ୍ପଦ ବିଭାଗ ଓ ଶକ୍ତି ବିଭାଗ ଅନୁମତି ଦେଇଛି। ଏଠାରେ ଉତ୍ପାଦିତ ହେବାକୁ ଥିବା ବିଜୁଳି ଗ୍ରୀଡ୍‌କୋ କିଣିବାକୁ ସହମତି ଦେଇସାରିଛି। ଯାହାର ଗ୍ରୀଡ୍ ସବ୍ ଷ୍ଟେସନ୍ ବୁର୍ଲା କଣ୍ଟାପାଲିରେ ରହିବ। ହୀରାକୁଦ ନଦୀବନ୍ଧ ନିର୍ମାଣର ତିନିଟି ମୁଖ୍ୟ ଲକ୍ଷ୍ୟ ଥିଲା। ପ୍ରଥମଟି ହେଉଛି ବନ୍ୟା ନିୟନ୍ତ୍ରଣ। ଦ୍ୱିତୀୟଟି ହେଉଛି ଜଳ ସେଚନ। ତୃତୀୟଟି ହେଉଛି ଜଳ ବିଦ୍ୟୁତ ଉତ୍ପାଦନ। ଡ୍ୟାମ୍‌ର ଜଳ ବିଦ୍ୟୁତ ଉତ୍ପାଦନ କ୍ଷମତା ଦୈନିକ ୨୭୫ ମେଗାୱାଟ ରହିଥିବା ବେଳେ ବର୍ତ୍ତମାନ ହାରାହାରି ୭୦ ମେଗାୱାଟ ବିଦ୍ୟୁତ ଉତ୍ପାଦନ ହେଉଛି। କିନ୍ତୁ ବିଭିନ୍ନ କାରଣ ଯୋଗୁ ପୂର୍ଣ୍ଣ କ୍ଷମତା ଅନୁସାରେ ବିଜୁଳି ଉତ୍ପାଦନ ହୋଇପାରୁ ନାହିଁ। ଏହି ସମୟରେ ବିନା କୌଣସି ପ୍ରଦୂଷଣରେ ପ୍ରସ୍ତାବିତ ସୌର ବିଦ୍ୟୁତ ପ୍ରକଳ୍ପ ରାଜ୍ୟ ଶକ୍ତି ଉତ୍ପାଦନ କ୍ଷେତ୍ରରେ ଏକ ନୂଆ ଫର୍ଦ୍ଦ ଯୋଡିବ ବୋଲି କୁହାଯାଉଛି।

## ଓଡ଼ିଶାରେ ୩୩୫ ବ୍ଲାକସ୍ପଟ୍



**ଭୁବନେଶ୍ୱର :** ରାଜ୍ୟରେ ପ୍ରତିଦିନ କେଉଁଠି ନା କେଉଁଠି ଦୁର୍ଘଟଣା ଖବର ସାମ୍ନାକୁ ଆସୁଛି। ଜାତୀୟ ରାଜପଥଠାରୁ ଆରମ୍ଭ କରି ସର୍ଭିସ ରୋଡ ପର୍ଯ୍ୟନ୍ତ, ଏମିତି ବିଭିନ୍ନ ସ୍ଥାନରେ ସଡ଼କ ଦୁର୍ଘଟଣା ହେଉଥିବାର ଦେଖିବାକୁ ମିଳୁଛି। ଖାସକରି ରାସ୍ତାରେ ଥିବା ବ୍ଲାକସ୍ପଟଗୁଡିକରେ ଏହି ଦୁର୍ଘଟଣା ସଂଖ୍ୟା ଅଧିକରୁ ଅଧିକ ଘଟୁଛି। ତେବେ ରାଜ୍ୟରେ ଏବେ କେତେ ସଂଖ୍ୟକ ବ୍ଲାକ ସ୍ପଟ ରହିଛି ସେ ବାବଦରେ ବିଧାନସଭାରେ ଉତ୍ତର ରଖିଛନ୍ତି ପରିବହନ ମନ୍ତ୍ରୀ ପଦ୍ମନାଭ ବେହେରା। ବିଧାୟକ ନାଉରୀ ନାୟକଙ୍କ ପ୍ରଶ୍ନର ଉତ୍ତରରେ ପଦ୍ମନାଭ କହିଛନ୍ତି, ରାଜ୍ୟରେ ୨୦୧୯ ମସିହା ସୁଦ୍ଧା ୩୩୫ଟି ବ୍ଲାକସ୍ପଟ ରହିଛି। ଏହାଛଡା ୨୦୧୫ରୁ ୨୦୧୯ ଯାଏଁ ରାଜ୍ୟରେ ଥିବା ବ୍ଲାକସ୍ପଟର ହିସାବ ଦେଇଛନ୍ତି ପଦ୍ମନାଭ ବେହେରା। ୨୦୧୫ରେ ରାଜ୍ୟରେ ବ୍ଲାକସ୍ପଟ ସଂଖ୍ୟା ୨୫୧ ରହିଥିବା ବେଳେ ୨୦୧୬ରେ ଏହି ସଂଖ୍ୟା ୨୮୬ ରହିଥିଲା। ସେହିଭଳି ୨୦୧୭ରେ ଏହା ବୃଦ୍ଧି ପାଇ ୪୩୫ରେ ପହଞ୍ଚିଥିବା ବେଳେ ୨୦୧୮ରେ ଏହା ହ୍ରାସ ପାଇ ୨୭୫କୁ ଖସିଥିଲା। ତେବେ ୨୦୧୯ରେ ଏହି ବ୍ଲାକସ୍ପଟ ସଂଖ୍ୟା ବୃଦ୍ଧି ପାଇ ୩୩୫ରେ ପହଞ୍ଚିଛି।

## 'ଉତ୍ତମ ପ୍ରଶାସନିକ ବ୍ୟବସ୍ଥାର ପ୍ରତିଫଳନ' ଉପରେ ଦୁଇଦିନିଆ ଆଞ୍ଚଳିକ ସମ୍ମିଳନୀ




**ଭୁବନେଶ୍ୱର :** 'ଉତ୍ତମ ପ୍ରଶାସନିକ ବ୍ୟବସ୍ଥାର ପ୍ରତିଫଳନ' ଶୀର୍ଷକ ବିଷୟବସ୍ତୁ ଉପରେ ଏକ ଦୁଇଦିନିଆ ଆଞ୍ଚଳିକ ସମ୍ମିଳନୀ ଭୁବନେଶ୍ୱରଠାରେ ଉଦ୍‌ଘାଟିତ ହୋଇଯାଇଛି। ଭାରତ ସରକାରଙ୍କ ପ୍ରଶାସନିକ ସଂସ୍କାର ଏବଂ ସାଧାରଣ ଅଭିଯୋଗ (ଡିଏଆରପିଜି) ବିଭାଗ ଏବଂ ଓଡ଼ିଶା ସରକାରଙ୍କ ମିଳିତ ଆନୁକୂଲ୍ୟରେ ଏହି ସମ୍ମିଳନୀ ଆୟୋଜିତ ହେଉଛି। ଉଦ୍‌ଘାଟନୀ ଅଧିବେଶନରେ ଉଦ୍‌ବୋଧନ ଦେଇ ଡିଆରପିଜି ସଚିବ ସଞ୍ଜୟ ସିଂ କହିଥିଲେ ଯେ, ଉତ୍ତମ ପ୍ରଶାସନିକ ବ୍ୟବସ୍ଥାର ପ୍ରଚଳନ କ୍ଷେତ୍ରରେ ଏହି ସମ୍ମିଳନୀ ସକାରାତ୍ମକ ଭୂମିକା ନିର୍ବାହ କରିବ। ଏହି ସମ୍ମିଳନୀର ଉଦ୍ଦେଶ୍ୟ ହେଉଛି ଉତ୍ତମ ପ୍ରଶାସନ କ୍ଷେତ୍ରରେ ଶ୍ରେଷ୍ଠ ବ୍ୟବସ୍ଥା ଏବଂ ଅଭିନବ ଉପାୟ ବିଷୟରେ ଜାଣିବା ଏବଂ ସବୁଠୁ ଗୁରୁତ୍ୱପୂର୍ଣ୍ଣ ଏହାକୁ ଦୀର୍ଘସ୍ଥାୟୀ କରିବା'। ଉତ୍ତମ ପ୍ରଶାସନିକ ବ୍ୟବସ୍ଥାକୁ କାର୍ଯ୍ୟକାରୀ କରିବାର ଗୁରୁତ୍ୱ ଉପରେ ଆଲୋକପାତ କରି ଶ୍ରୀ ସିଂ କହିଥିଲେ ଯେ, କେନ୍ଦ୍ର, ରାଜ୍ୟ, ଜିଲ୍ଲା ଏବଂ ପଞ୍ଚାୟତସ୍ତରରେ ଉତ୍ତମ ପ୍ରଶାସନିକ ବ୍ୟବସ୍ଥା ପ୍ରତିଫଳନ ହେବା ଫଳରେ ଏହା ନାଗରିକ କୈନ୍ଦ୍ରିକ ପ୍ରଶାସନକୁ ସାକରା ରୂପ ଦେବାରେ ସହାୟକ ହେବ। ସର୍ବାଧିକ ପ୍ରଶାସନ ଏବଂ ସର୍ବନିମ୍ନ ସରକାର ସଂକଳ୍ପକୁ ଏହା ବାସ୍ତବରେ କାର୍ଯ୍ୟକାରୀ କରିବ। ଏ କ୍ଷେତ୍ରରେ ପ୍ରଶାସନିକ ସଂସ୍କାର ଏବଂ ସାଧାରଣ ଅଭିଯୋଗ ବିଭାଗର ପ୍ରୟାସକୁ କାର୍ଯ୍ୟକାରୀ କରିବା ଲାଗି ଉତ୍ତମ ପ୍ରଶାସନିକ କାର୍ଯ୍ୟକ୍ରମ ଗୁଡିକର ଦସ୍ତାବିଜ ପ୍ରସ୍ତୁତ କରିବା ଏବଂ ଏହାର ପ୍ରଚାର ପ୍ରସାର କରିବା ପାଇଁ ପଦକ୍ଷେପ ଗ୍ରହଣ କରାଯାଉଛି। ଏଥିପାଇଁ ବିଭାଗ ପକ୍ଷରୁ ପ୍ରକାଶନୀ ଭଳି ମାଧ୍ୟମକୁ ଉପଯୋଗ କରାଯାଉଛି, ରାଜ୍ୟ ଓ କେନ୍ଦ୍ରଶାସିତ ପ୍ରଦେଶ ଗୁଡିକୁ ସହାୟତା ଯୋଗାଇ ଦିଆଯାଉଛି ଯାହାଫଳରେ ସେମାନେ ପେସାଦାର ଭାବେ ସେମାନଙ୍କର ଶ୍ରେଷ୍ଠ ପ୍ରଶାସନିକ ଉପାୟ ଗୁଡିକୁ ନେଇ ଏକ ରେକର୍ଡ ଦସ୍ତାବିଜ ପ୍ରସ୍ତୁତ କରିପାରିବେ। ଏ କ୍ଷେତ୍ରରେ ବିଭାଗ ପକ୍ଷରୁ ଅଭିନବ ବିଚାର ବିନିମୟ ଲାଗି ସମ୍ମିଳନୀ ଆୟୋଜନ କରାଯାଉଛି ଏବଂ ପ୍ରାମାଣିକ ଚଳଚ୍ଚିତ୍ର ପ୍ରଯୋଜନା ମଧ୍ୟ କରାଯାଉଛି। ପ୍ରତ୍ୟେକ ପ୍ରୟାସ ସଫଳ ହେବାର ଏକ କାରଣ ରହିଛି। ଅଭିନବ ଉପାୟକୁ ସଫଳ, ଫଳପ୍ରଦ କରିବା ଲାଗି, ଭିନ୍ନ ଭିନ୍ନ କ୍ଷେତ୍ରରେ ଭିନ୍ନ ଭିନ୍ନ ଉପାୟ ଅବଲମ୍ବନ କରାଯାଉଛି। ପ୍ରତ୍ୟେକ ପରିସ୍ଥିତି ପାଇଁ ଭିନ୍ନ ରଣନୀତି ଓ ଜ୍ଞାନକୌଶଳ ପ୍ରୟୋଗ କରାଯାଉଥିବା ସେ କହିଥିଲେ। ପ୍ରଶାସନିକ ସଂସ୍କାର ଏବଂ ସାଧାରଣ ଅଭିଯୋଗ ବିଭାଗର ସ୍ୱତନ୍ତ୍ର ସଚିବ ଭି. ଶ୍ରୀନିବାସ ଉଦ୍‌ଘାଟନୀ ଅଭିଭାଷଣରେ କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ପ୍ରତିନିଧିମାନଙ୍କୁ ଅଭିବାଦନ ଜଣାଇବା ସହିତ ସମ୍ମିଳନୀର ବିଷୟବସ୍ତୁ ଏବଂ ପ୍ରସଙ୍ଗ ଉପରେ ଆଲୋକପାତ କରିଥିଲେ। ସମ୍ମିଳନୀର ଗୁରୁତ୍ୱ ଉପରେ ଆଲୋକପାତ କରି ଶ୍ରୀ ଶ୍ରୀନିବାସ କହିଥିଲେ, ଅଭିନବ ଉପାୟ ଅବଲମ୍ବନ କରିବା କ୍ଷେତ୍ରରେ ସାରା ଦେଶରେ ଜିଲ୍ଲା ପ୍ରଶାସନ ଗୁଡିକ ଉଲ୍ଲେଖନୀୟ ପଦକ୍ଷେପ ଗ୍ରହଣ କରୁଛନ୍ତି। ଏହି ଦୁଇଦିନିଆ ଆଞ୍ଚଳିକ ସମ୍ମିଳନୀ ଅବସରରେ, ଅଭିନବମାନେ ଉପସ୍ଥାପନା କରାଯିବ ଯେଉଁଥିରୁ ଆମେ ଶିଖିପାରିବା ଏବଂ ଏହାକୁ ଆବଶ୍ୟକ କ୍ଷେତ୍ରରେ ପ୍ରତିଫଳିତ କରିପାରିବା।

## ପାଇକ ବିଦ୍ରୋହ ପ୍ରଥମ ସ୍ୱାଧୀନତା ଆନ୍ଦୋଳନ ନୁହେଁ: କେନ୍ଦ୍ର



**ଭୁବନେଶ୍ୱର:** ୧୮୧୭ ମସିହାରେ ଇଷ୍ଟଇଣ୍ଡିଆ କମ୍ପାନୀ ଶାସନ ବିରୋଧରେ ଓଡ଼ିଆ ପାଇକଙ୍କ ଦ୍ୱାରା ହୋଇଥିବା ବିଦ୍ରୋହକୁ ସ୍ୱାଧୀନତାର ପ୍ରଥମ ସଂଗ୍ରାମ ବୋଲି କୁହାଯାଇପାରିବ ନାହିଁ । ଗୁରୁବାର ରାଜ୍ୟସଭାରେ କେନ୍ଦ୍ର ସଂସ୍କୃତି ମନ୍ତ୍ରୀ ଜି କିଷନ ରେଡ୍ଡୀ ଏନେଇ ସୂଚନା ଦେଇଛନ୍ତି । ରାଜ୍ୟସଭାରେ ବିଜେଡି ସଦସ୍ୟ ପ୍ରଶାନ୍ତ ନନ୍ଦ ପଚାରିଥିଲେ ଯେ ଏହା ସତ କି ପାଇକ ବିଦ୍ରୋହ ଭଳି ଐତିହାସିକ ଘଟଣାର ୨୦୦ ବର୍ଷ ହୋଇଯାଇଥିଲେ ବି ପ୍ରଥମ ସ୍ୱାଧୀନତା ସଂଗ୍ରାମ ଘୋଷଣା ପାଇଁ ଓଡିଶା ସରକାରଙ୍କ ପ୍ରସ୍ତାବ ସଂସ୍କୃତି ମନ୍ତ୍ରାଳୟ ପାଖରେ ପଡ଼ିରହିଛି ? ସରକାର ଜୟୀ ରାଜଗୁରୁଙ୍କ ସମେତ ଅନ୍ୟ ବୀର ପାଇକମାନଙ୍କୁ ସମ୍ମାନ ଦେବାକୁ କେବେ ପ୍ରଥମ ସ୍ୱାଧୀନତା ସଂଗ୍ରାମ ବୋଲି ଘୋଷଣା କରିବେ ? ଏହାର ଉତ୍ତରରେ ସଂସ୍କୃତି, ପର୍ଯ୍ୟଟନ ମନ୍ତ୍ରୀ କହିଛନ୍ତି ଯେ ଭାରତୀୟ ଐତିହାସିକ ଅନୁସନ୍ଧାନ ପରିଷଦରୁ ମିଳିଥିବା ରିପୋର୍ଟ ଅନୁଯାୟୀ ପାଇକ ବିଦ୍ରୋହକୁ ସ୍ୱାଧିନତାର ପ୍ରଥମ ସଂଗ୍ରାମ ବୋଲି କହିହେବ ନାହିଁ । ପାଇକ ବିଦ୍ରୋହକୁ ସ୍ୱାଧୀନତାର ପ୍ରଥମ ସଂଗ୍ରାମ ବୋଲି ଘୋଷଣା କରିବାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କରିଥିବା ଅନୁରୋଧ ସଂସ୍କୃତି ମନ୍ତ୍ରାଳୟର ହସ୍ତଗତ ହୋଇଥିଲା।

### ବିଶ୍ୱବିଦ୍ୟାଳୟ କୁଳାଧିପତିଙ୍କ ନିଷ୍ପତ୍ତି

## ଏବର୍ଷ କୌଣସି ବିଶ୍ୱବିଦ୍ୟାଳୟରେ ହେବନି ସମାବର୍ତ୍ତନ ଉତ୍ସବ




**ଭୁବନେଶ୍ୱର :** କରୋନା ଭୂତାଣୁର ଓମିକ୍ରନ୍ ଭାରିଏଣ୍ଟ ଏପର୍ଯ୍ୟନ୍ତ ଓଡ଼ିଶାରେ ଚିହ୍ନଟ ହୋଇ ନାହିଁ। ମାତ୍ର ତାହାକୁ ନେଇ ରାଜଭବନ ପକ୍ଷରୁ ଚିନ୍ତା ପ୍ରକଟ କରାଯିବା ସହ ଏବର୍ଷ ପାଇଁ ରାଜ୍ୟର କୌଣସି ବି ସରକାରୀ ବିଶ୍ୱବିଦ୍ୟାଳୟରେ ଚଳିତ ଶିକ୍ଷାବର୍ଷରେ ସମାବର୍ତନ ଉତ୍ସବ ନ କରିବାକୁ ନିଷ୍ପତ୍ତି ନିଆଯାଇଛି। ଏନେଇ ରାଜ୍ୟପାଳଙ୍କ ସଚିବାଳୟର ଅତିରିକ୍ତ ସଚିବ ଚିତ୍ତରଞ୍ଜନ ମହାନ୍ତି ଗତ ୩୦ ତାରିଖରେ ସମସ୍ତ ବିଶ୍ୱବିଦ୍ୟାଳୟ କୁଳପତିଙ୍କୁ ଚିଠି ଲେଖି ଅବଗତ କରାଇଛନ୍ତି। କେ ?ଣସି ବି ପରିସ୍ଥିତିରେ ସମାବର୍ତନ ଉତ୍ସବ ନ କରିବାକୁ ପରାମର୍ଶ ଦିଆଯାଇଛି। ଶ୍ରୀ ମହାନ୍ତି ଚିଠିରେ ଉଲ୍ଲେଖ କରିଛନ୍ତି ଯେ ସମାବର୍ତନ ଉତ୍ସବ ବଦଳରେ ଛାତ୍ରଛାତ୍ରୀଙ୍କ ନିକଟକୁ ଡାକରେ ଡିଗ୍ରି ସାର୍ଟିଫିକେଟ୍ ପଠାଯିବ। ଯଦି ସମାବର୍ତନ ଉତ୍ସବ ଲାଗି କୁଳାଧିପତି କୌଣସି ବିଶ୍ୱବିଦ୍ୟାଳୟକୁ ସହମତି ଦେଇଛନ୍ତି ତେବେ ତାହାକୁ ପ୍ରତ୍ୟାହାର କରିବାକୁ ନିର୍ଦ୍ଦେଶ ଦିଆଯାଇଛି।କୁଳାଧିପତି ତଥା ରାଜ୍ୟପାଳଙ୍କ କାର୍ଯ୍ୟାଳୟ ପକ୍ଷରୁ ଏଭଳି ଚିଠି ମିଳିବା ପରେ ବିଶ୍ୱବିଦ୍ୟାଳୟଗୁଡ଼ିକ ମଧ୍ୟ ନିଜର ଯୋଜନାକୁ ସ୍ଥଗିତ ରଖିଛନ୍ତି। ରାଜ୍ୟର କେତେକ ବିଶ୍ୱବିଦ୍ୟାଳୟ ଇତିମଧ୍ୟରେ ସମାବର୍ତନ ଉତ୍ସବ କରିବାକୁ ଯୋଜନା କରିଥିଲେ। ଏମିତିକି ତାରିଖ ସ୍ଥିର କରି ସାରିଥିଲେ। ହେଲେ ନିର୍ଦ୍ଦେଶ ପାଇବା ପରେ କାର୍ଯ୍ୟକ୍ରମକୁ ବାତିଲ୍ କରିବା ସହ ଛାତ୍ରଛାତ୍ରୀଙ୍କ ନିକଟକୁ ଡାକରେ ଡିଗ୍ରି ପଠାଇବାକୁ ନିଷ୍ପତ୍ତି ନେଇଛନ୍ତି। ତେବେ ସମାବର୍ତନ ଉତ୍ସବ ପାଳିତ ହୋଇଥିଲେ ବିଶ୍ୱବିଦ୍ୟାଳୟଗୁଡ଼ିକ ନାକ୍ ? ମାନ୍ୟତା ସମୟରେ ଲାଭବାନ ହୋଇଥାନ୍ତି। ବର୍ତମାନ ଏହାକୁ ବନ୍ଦ କରାଯିବା ଦ୍ୱାରା ତାହା ଉପରେ ନକାରାତ୍ମକ ପ୍ରଭାବ ପଡ଼ିବ ନାହିଁ ତ ? ବିଶ୍ୱବିଦ୍ୟାଳୟ ବିଧି ଅନୁଯାୟୀ କୁଳାଧିପତି ସମାବର୍ତନ ଉତ୍ସବରେ ଯୋଗ ନ ଦେଇପାରିଲେ କୁଳପତି ସମାବର୍ତନ ଉତ୍ସବ କରିପାରିବା ବିଧି ରହିଛି।

# ୨୦୨୧-୨୨ ଆର୍ଥିକ ବର୍ଷ ପାଇଁ ୧୯,୮୩୩ କୋଟିର ଅତିରିକ୍ତ ବଜେଟ୍



**ଭୁବନେଶ୍ୱର :** ବିଧାନସଭାରେ ୨୦୨୧-୨୨ ଆର୍ଥିକ ବର୍ଷ ପାଇଁ ୧୯୮୩୩ କୋଟି ଟଙ୍କାର ଅତିରିକ୍ତ ବଜେଟକୁ ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀ ଉପସ୍ଥାପନ କରିଛନ୍ତି। ୨୦୨୧-୨୨ ଆର୍ଥିକ ବର୍ଷର ମୂଳ ବଜେଟ ୧.୭୦ଲକ୍ଷ କୋଟି ଟଙ୍କା ହୋଇଥିବାବେଳେ ଆଜି ଆଗତ ଅତିରିକ୍ତ ବଜେଟର ଆକାର ତା'ର ୧୧.୬୭%। ବଜେଟରେ ପ୍ରଶାସନିକ ବ୍ୟୟ-୪୫୬୭କୋଟି, କାର୍ଯ୍ୟକ୍ରମ ବ୍ୟୟ ୧୩୫୬୮କୋଟି, ବିପର୍ଯ୍ୟୟ ପ୍ରଶମନ ପାଣ୍ଠି-୧୬୮୨କୋଟି ଓ ରାଜ୍ୟ ବଜେଟରୁ ସ୍ଥାନାନ୍ତର ୬କୋଟି ଟଙ୍କାର ବ୍ୟୟବରାଦ ହୋଇଛି। ପ୍ରଶାସନିକ ବ୍ୟୟ ବାବଦରେ ଥିବା ୪୫୬୭ କୋଟି ଟଙ୍କା ମୂଳ ବଜେଟରେ ଆଡଜଷ୍ଟ ଓ ସରେଣ୍ଡରରୁ ସଂଗ୍ରହ ନିମନ୍ତେ ଲକ୍ଷ୍ୟ ରଖିଥିବା ସରକାର କାର୍ଯ୍ୟକ୍ରମ ବ୍ୟୟ ବାବଦରେ ଥିବା ୧୩୫୬୮କୋଟି ଟଙ୍କା ମଧ୍ୟରୁ ୭୪୩୧କୋଟି ଟଙ୍କା ନିଜର ଖଣି ରାଜସ୍ୱରୁ ଓ ବାକି ୬୧୩୭ କୋଟି ଟଙ୍କା ସହବନ୍ଧିତ(ବୁଝାମଣା)ରେ ଭରଣା କରିବାକୁ ଲକ୍ଷ୍ୟ ରଖିଛନ୍ତି। ଆଗକୁ ପଞ୍ଚାୟତ ନିର୍ବାଚନ ଥିବାବେଳେ ଅତିରିକ୍ତ ବଜେଟରେ ରାଜ୍ୟ ସରକାର ୩୫୬୭କୋଟି ଟଙ୍କାକୁ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ, ୨୦୩୮.୧୬କୋଟି ଟଙ୍କା ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ୧୧୩୪.୯୮କୋଟି ଟଙ୍କା ଖାଦ୍ୟଯୋଗାଣ ଓ ଖାଉଟି କଲ୍ୟାଣ, ୨୧୪୧.୫୩କୋଟି ଟଙ୍କା ଶକ୍ତି କ୍ଷେତ୍ର ଓ ୧୦୭୩.୬୭କୋଟି ଟଙ୍କା ସ୍କୁଲ ଓ ଗଣଶିକ୍ଷା ବିଭାଗ ନିମନ୍ତେ ବ୍ୟୟବରାଦ ହୋଇଛି। ବିଶେଷକରି ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ପାଇଁ ୪୯୮.୫୧କୋଟି ଟଙ୍କାର ବ୍ୟୟବରାଦ କରିଥିବା ଓଡ଼ିଶା ସରକାର ନୂଆ ଯୋଜନା 'ପ୍ରଧାନମନ୍ତ୍ରୀ ଆତ୍ମନିର୍ଭର ସୁସ୍ଥ ଭାରତ ଯୋଜନା'ରେ ରାଜ୍ୟର ଅଂଶଧନ ପାଇଁ ୨୨୯.୫୫କୋଟି ଓ ଜାତୀୟ ସ୍ୱାସ୍ଥ୍ୟ ମିଶନରେ ଓଡ଼ିଶାର ଅଂଶଧନ ବାବଦରେ ୯୦୭.୮୩କୋଟି ଟଙ୍କା ବ୍ୟୟବରାଦ ହୋଇଛି। ସେହିପରି କୋଭିଡରେ ପିତାମାତାଙ୍କୁ ହରାଇଥିବା ପିଲାଙ୍କ ନିମନ୍ତେ ଉଦ୍ଦିଷ୍ଟ 'ଆର୍ଶୀବାଦ' ଯୋଜନା ପାଇଁ ୩୫କୋଟି ଟଙ୍କା, ମଧୁବାବୁ ପେନସନ ପାଇଁ ୨୧୫.୪୩ କୋଟି ଟଙ୍କା ସମେତ ମୋଟ ୫୮୪.୯୨କୋଟି ଟଙ୍କାର ସାମାଜିକ ସୁରକ୍ଷା ଯୋଜନା, ଅଙ୍ଗନୱାଡ଼ି କେନ୍ଦ୍ରଗୁଡ଼ିକୁ ନୂଆ ରନ୍ଧନ ଗ୍ୟାସ ସଂଯୋଗ ଓ ଅଙ୍ଗନବାଡ଼ି କର୍ମୀଙ୍କ ଭତ୍ତା ବାବଦରେ ୧୩୦.୮୧କୋଟି ଟଙ୍କା, ଏରୋଡ୍ରମ ନିର୍ମାଣ ବାବଦରେ ୪୦କୋଟି, ବିଦ୍ୟୁତଚାଳିତ ଗାଡ଼ି କ୍ରୟରେ ସବସିଡି ପାଇଁ ୫କୋଟି, ବିଜୁ ଗ୍ରାମ୍ୟ ଜ୍ୟୋତି ପାଇଁ ୪୦କୋଟି, ବାୟୋଟେକ୍ନୋଲୋଜି ବିକାଶ ପାଇଁ ୧୩କୋଟି, ପ୍ଲାନେଟୋରିୟମ ଓ ମ୍ୟୁଜିୟମ ବିକାଶ ପାଇଁ ୩୨.୫୦କୋଟି, ନୂଆ କଳାମଣ୍ଡଳ ନିର୍ମାଣ ପାଇଁ ୪୧.୯୪କୋଟି ଟଙ୍କା, ସଂସ୍କୃତି ନିର୍ଦ୍ଦେଶାଳୟ ପାଇଁ ୨୪.୬୯କୋଟି, ମୋ ସ୍କୁଲ ଅଭିଯାନ ପାଇଁ ୮୮୭ କୋଟି, ମଡେଲ ଐତିହ୍ୟ ଗାଁ ନିର୍ମାଣ ପାଇଁ ୬କୋଟି ଟଙ୍କା ବ୍ୟୟବରାଦ ହୋଇଛି। ସେହିପରି ଗ୍ରୀଡକୋରେ ଅଂଶଧନ ବିନିଯୋଗ ବାବଦରେ ୨୦୩୯.୬୯କୋଟି ଟଙ୍କା, କୋଭିଡ୍ କଟକଣା ଯୋଗୁ ଓଏସଆରଟିସି ବସ୍ ଚଳାଚଳ କ୍ଷତି ଭରଣା ନିମନ୍ତେ ୫୦କୋଟି ଟଙ୍କା, ପ୍ରଧାନମନ୍ତ୍ରୀ ଆବାସ ଓ ବିଜୁ ପକ୍କାଘର ବାବଦରେ ୨୫୬୪ କୋଟି ଟଙ୍କା, ଅନୁସୂଚିତ ଜାତିଙ୍କ ବିକାଶ ପାଇଁ ୯୦.୧୬କୋଟି ଟଙ୍କା, ବିପିଏଲ ପରିବାରରଙ୍କୁ କୋଭିଡ୍ ସହାୟତା ଓ ଚାଉଳ ଯୋଗାଣ ପାଇଁ ୧୧୦୫.୧୮କୋଟି ଟଙ୍କା, ମିଶନ ଶକ୍ତି ଅଧୀନରେ ଥିବା କାର୍ଯ୍ୟକ୍ରମ ପାଇଁ ୮୪.୫କୋଟି ଟଙ୍କା, କ୍ରୀଡ଼ା ଭିତ୍ତିଭୂମିର ବିକାଶ ପାଇଁ ୧୮୦କୋଟି ଟଙ୍କା ବ୍ୟୟବରାଦ ହୋଇଛି। ବଜେଟ ଉପସ୍ଥାପନବେଳେ ରାଜ୍ୟ ଅର୍ଥମନ୍ତ୍ରୀ ଶ୍ରୀ ପୂଜାରୀ ସ୍ପଷ୍ଟ କରିଛନ୍ତି ଯେ, କୋଭିଡର ଦ୍ୱିତୀୟ ଲହର ଯୋଗୁ ବାଧାପ୍ରାପ୍ତ ହୋଇଥିବା ଅର୍ଥନୀତିରେ ଏବେ ସୁଧାର ଆସିବାରେ ଲାଗିଛି। ଏଫଆରବିଏମ୍ ଆକ୍ଟର ପ୍ରାବଧାନ ଅନୁସାରେ ବିତ୍ତୀୟ ନିଅଣ୍ଟ ପରିମାଣକୁ ରାଜ୍ୟ ମୋଟ ଘରୋଇ ଉତ୍ପାଦ(ଜିଏସଡିପି)ର ୩% ମଧ୍ୟରେ ସୀମିତ ରଖାଯାଇଥିବାବେଳେ ଋଣ ଭାର ମଧ୍ୟ ଜିଏସଡିପିର ୨୫% ମଧ୍ୟରେ ସୀମିତ ରହିବ। ଚଳିତ ଆର୍ଥିକ ବର୍ଷରେ ରାଜ୍ୟ ସରକାର ଅଧିକ ପରିମାଣର ଖଣି ରାଜସ୍ୱ ପାଇବେ ବୋଲି ଅର୍ଥମନ୍ତ୍ରୀ ତାଙ୍କ ବଜେଟ ଭାଷଣରେ ଉଲ୍ଲେଖ କରିଛନ୍ତି।




ସୁଖ ପାଖରେ ଜ୍ଞାନ ନଥାଏ। ଯିଏ ଜ୍ଞାନୀ ସେ ସୁଖ ପଛରେ ଗୋଡ଼ାଏ ନାହିଁ।

EKAMAATRA
ଏକମାତ୍ର
ଅନୁସନ୍ଧାନ ପରେ ଖବର

ଭୁବନେଶ୍ୱର, ୦୬ - ୧୨ ଡିସେମ୍ବର, ୨୦୨୧


# ପୁଣି କରୋନାକୁ ନେଇ ଚିନ୍ତା ବଢୁଛି

କରୋନାର ସମ୍ଭାବ୍ୟ ତୃତୀୟ ଲହରକୁ ନେଇ ଦେଶରେ ସତର୍କତା ଜାରି ହେବା ପରେ ପୁଣିଥରେ ଲୋକଙ୍କ ମନରେ ଅହେତୁକ ଭୟ ଜାତ ହେଉଛି। ନୂଆ ରୂପରେ ଆସୁଥିବା ଓମିକ୍ରନ ପ୍ରଜାତି ଅତି ଭୟଙ୍କର ଓ ମାରାତ୍ମକ ବୋଲି ରିପୋର୍ଟ ପଢିଲା ପରେ ବିଶ୍ୱବ୍ୟାପୀ ଭୟ ବଢୁଛି। କେନ୍ଦ୍ର ସରକାର ଡିସେମ୍ବର ୩୧ ପର୍ଯ୍ୟନ୍ତ କରୋନା ନିର୍ଦ୍ଦେଶାବଳୀ ଜାରି କରିଛନ୍ତି।ଏଥିରେ ରାଜ୍ୟ ମାନଙ୍କୁ ଟେଷ୍ଟିଙ୍ଗ ବଢାଇବାକୁ ନିର୍ଦ୍ଦେଶ ଦିଆଯିବା ସହ କଡାକଡି ପାଳନ କରିବାକୁ କୁହାଯାଇଛି।କୋଭିଡର ଓମିକ୍ରନ ପ୍ରଜାତିର ମୁକାବିଲା ନିମନ୍ତେ କେନ୍ଦ୍ର ସରକାର ଉଚ୍ଚସ୍ତରୀୟ ବୈଠକ ମଧ୍ୟ କରିଛନ୍ତି। ଓମିକ୍ରନ ଆରଟିପିସିଆର ଏବଂ ryat testରୁ ଖସିପାରିବନି ବୋଲି କେନ୍ଦ୍ର ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୁହାଯାଇଛି।ଉଭୟ ଟେଷ୍ଟିଙ୍ଗରେ ଏହା ଧରାପଡିବ। ଭାରତରେ ଅଧିକାଂଶ ଲୋକ କୋଭିଡର ଓମିକ୍ରନ ପ୍ରଜାତି କବଳରୁ ସୁରକ୍ଷା ପାଇପାରିବେ ବୋଲି କହିଛନ୍ତି ପ୍ରଖ୍ୟାତ ଭୂତାଣୁ ବିଜ୍ଞାନୀ ଡାକ୍ତର ସାହିଦ ଜମାଲ। ସେ କହିଛନ୍ତି, ଓମିକ୍ରନକୁ ନେଇ ଭୟ କରିବାର କୌଣସି କାରଣ ନାହିଁ। ଅନ୍ୟପକ୍ଷେ ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ ଆମେରିକାବାସୀଙ୍କୁ ଘରେ ଓ ବାହାରେ ମାସ୍କ ପିନ୍ଧିବା ପାଇଁ ପରାମର୍ଶ ଦେଇଛନ୍ତି। ଭାରତରେ ଓମିକ୍ରନକୁ ରୋକିବା ପାଇଁ ପରୀକ୍ଷା ବ୍ୟବସ୍ଥାକୁ ଶକ୍ତିଶାଳୀ କରାଯାଉଛି। ଏବେ କିଛି ବିଶେଷଜ୍ଞଙ୍କ ଅନୁମାନ କୋଭିଡର ନୂତନ ମାରାତ୍ମକ ଭାରିଆଣ୍ଟ ଭାରତରେ ବୁଲିଲାଣି ଅଥଚ ତାହା ଚିହ୍ନଟ ହୋଇପାରିନି। କରୋନାର ନୂଆ ପ୍ରଜାତି ଓମିକ୍ରନ ଦ୍ରୁତ ଗତିରେ ବ୍ୟାପୁଥିବାରୁ ସତର୍କତା ଜରୁରୀ ହୋଇପଡିଛି। ଓମିକ୍ରନର ଭୟାବହତା ସମ୍ପର୍କରେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ସବୁ ଦେଶକୁ ସତର୍କ କରାଇଛନ୍ତି। ଏହା ଗୁରୁତର ପ୍ରଭାବ ପକାଇବ ବୋଲି ହୁ' ଆଶଙ୍କା କରିଛି। ଏ ନେଇ ଆମ ରାଜ୍ୟରେ ମଧ୍ୟ ଗୁରୁତ୍ୱ ଦିଆଯାଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କୋଭିଡ ମୁକବିଲାର ସମୀକ୍ଷା କରିବା ସହ ସମସ୍ତେ କୋଭିଡ କଟକଣା ମାନିବାକୁ ଆହ୍ୱାନ ଦେଇଛନ୍ତି। ଏଥିସହିତ ପୋଲିସ ପକ୍ଷରୁ ଉଲ୍ଲଙ୍ଘନକାରୀଙ୍କଠାରୁ ଜରିମାନା ଆଦାୟ କରିବାକୁ, ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସମସ୍ତ ଭିତ୍ତିଭୂମି ପ୍ରସ୍ତୁତ କରିବାକୁ ଏବଂ ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ବ୍ୟାପକ ସଚେତନତା କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଦକ୍ଷିଣ ଆଫ୍ରିକାରେ ପ୍ରଥମେ ଚିହ୍ନଟ ହୋଇଥିବା କୋଭିଡ 'ଓମିକ୍ରନ' ପ୍ରଜାତି ଏବେ ୩୦ ରାଷ୍ଟ୍ରକୁ ବ୍ୟାପି ସାରିଲାଣି।ସମସ୍ତ ରାଷ୍ଟ୍ର କୋଭିଡର ଏହି ମାରାତ୍ମକ ପ୍ରଜାତିକୁ ନେଇ ସତର୍କତା ପଦକ୍ଷେପ ଗ୍ରହଣ କରିଛନ୍ତି।ଆମେରିକା ଓ ଭାରତରେ ପ୍ରଥମ ଓମିକ୍ରନ ମାମଲା ଚିହ୍ନଟ ହୋଇଛି। ଦେଶରେ ଗତ ୪ ଦିନ ଧରି ଓମିକ୍ରନ ଭୟ ଦେଖାଦେଇଛି। କାରଣ ସଂକ୍ରମଣ ମାମଲା ବଢୁଛି।ସେପଟେ ଦକ୍ଷିଣ ଆଫ୍ରିକାରେ ଓମିକ୍ରନ ପାଇଁ ଭୟାନକ ସ୍ଥିତି ଲାଗିରହିଛି। କରୋନାର ଏହି ନୂଆ ପ୍ରଜାତିକୁ ନେଇ ଚାରିଆଡେ ଆତଂକଜନିତ ପରିସ୍ଥିତି ଥିବାବେଳେ ଭାରତରେ ପ୍ରଥମଥର ଦୁଇଜଣ ବ୍ୟକ୍ତି ମାରାତ୍ମକ ଭୂତାଣୁ ଦ୍ୱାରା ଆକ୍ରାନ୍ତ ଚିହ୍ନଟ ହେବା ଚିନ୍ତାର ବିଷୟ। ଏହି ଦୁଇଜଣ ବ୍ୟକ୍ତି କର୍ଣ୍ଣାଟକରେ ଚିହ୍ନଟ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ଜଣେ ବିଦେଶୀ ନାଗରିକ ବୋଲି ଜଣାପଡିଛି।ସେ ନିକଟରେ ଦକ୍ଷିଣ ଆଫ୍ରିକାରୁ ଫେରିଥିବାର ସୂଚନା ମିଳୁଥିଲା ବେଳେ ଆଉଜଣଙ୍କର କୌଣସି ଭ୍ରମଣ ରେକର୍ଡ ନାହିଁ। କେନ୍ଦ୍ର ସରକାରଙ୍କ ପକ୍ଷରୁ ଆଶ୍ୱାସନା ଦିଆଯାଇଛି ଯେ, ଆତଙ୍କିତ ନହୋଇ ସତର୍କତା ଅବଲମ୍ବନ ପାଇଁ କୁହାଯାଇଛି। ଓଡିଶାକୁ ଗତ କିଛିଦିନ ଭିତରେ ବିଦେଶୀ ଫେରନ୍ତାଙ୍କ ସମ୍ପର୍କରେ ତଥ୍ୟ ହାସଲ ପାଇଁ ଉଦ୍ୟମ ଆରମ୍ଭ ହୋଇଯାଇଛି। କେଉଁ ଜିଲ୍ଲାରୁ କେତେଜଣ ବିଦେଶରୁ ଫେରିଛନ୍ତି ତାହା ଏଯାଏ ସ୍ପଷ୍ଟ ହୋଇନାହିଁ। ମାତ୍ର ପ୍ରାଥମିକ ଭାବେ ମିଳିଥିବା ବିଦେଶ ଫେରନ୍ତାଙ୍କ ତଥ୍ୟ ଆଧାରରେ ସେମାନଙ୍କୁ ଠାବ କରିବା ପାଇଁ ପ୍ରତି ଜିଲ୍ଲାପାଳଙ୍କୁ ସ୍ୱାସ୍ଥ୍ୟ ବିଭାଗ ଚିଠି କରିଛି। ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି ଯେ, ଜିଲ୍ଲା ଆରଆରଟି ଟିମ ବିଦେଶ ଫେରନ୍ତାଙ୍କ ଉପରେ ନଜର ରଖିବ। ଓମିକ୍ରନ ରିସ୍କ ଦେଶରୁ ଫେରୁଥିବା ନାଗରିକଙ୍କ ରିପୋର୍ଟ ନେଗେଟିଭ ବାଧ୍ୟତାମୂଳକ ରହିଛି। ସବୁ ବିମାନ ବନ୍ଦରରେ ବିଦେଶ ଫେରନ୍ତାଙ୍କ ପରୀକ୍ଷା କରାଯାଉଛି। ଯେଉଁ ମାନଙ୍କ ରିପୋର୍ଟ ପଜିଟିଭ ଆସିବ ସେମାନଙ୍କୁ ପୃଥକବାସରେ ରଖାଯିବ ବୋଲି ସ୍ୱାସ୍ଥ୍ୟ ବିଭାଗ କହିଛି। ଯଦି ରିପୋର୍ଟ ନେଗେଟିଭ ଆସେ, ତେବେ ସେମାନଙ୍କୁ ଗୃହ ସଂଗରୋଧରେ ରହିବାକୁ ଛଡ଼ାଯିବ। ସଂଗରୋଧରେ ୭ ଦିନ ରହିବା ପରେ ଅଷ୍ଟମ ଦିନ ପୁଣିଥରେ ବିଦେଶ ଫେରନ୍ତାଙ୍କ ନମୁନା ପରୀକ୍ଷା କରାଯିବ।



ସମ୍ବାଦକୀୟ

ତାରକ ମହାନ୍ତି

ଏବେ ଦେଶବ୍ୟାପୀ ଓମିକ୍ରନ ଭୟ ଦେଖାଦେଇଛି। ଓମିକ୍ରନ ପାଇଁ ଦକ୍ଷିଣ ଆଫ୍ରିକାରେ ଅତି ଭୟାନକ ସ୍ଥିତି ଉପୁଜିଛି। ଏଠାରେ ଚତୁର୍ଥ ଲହର ନିଜର କାୟା ବିସ୍ତାର କରିଚାଲିଛି। ଭାରତରେ ଦୁଇଟି ଓମିକ୍ରନ ପ୍ରଜାତି ଚିହ୍ନଟ ହେବାପରେ ଦେଶବ୍ୟାପୀ ଓମିକ୍ରନକୁ ନେଇ ଭୟ ଦେଖାଦେଇଛି।କେନ୍ଦ୍ର ସମେତ ରାଜ୍ୟ ସରକାର ଏ ନେଇ ସତର୍କ ଅଛନ୍ତି। ଅନ୍ୟପକ୍ଷେ ଭାରତରେ ୪୦ ବର୍ଷରୁ ଉର୍ଦ୍ଧ୍ୱ ବ୍ୟକ୍ତିଙ୍କୁ ବୁଷ୍ଟର ଡୋଜ ଦେବା ପାଇଁ ବୈଜ୍ଞାନିକମାନେ ପରାମର୍ଶ ଦେଇଛନ୍ତି। ବୈଜ୍ଞାନିକଙ୍କ ସୂଚନା ଅନୁଯାୟୀ ଓମିକ୍ରନ ପ୍ରଜାତି ଭୂତାଣୁକୁ ନିଷ୍ପ୍ରଭ କରିବା ଲାଗି ବର୍ତ୍ତମାନର ଟୀକା ଦ୍ୱାରା ସୃଷ୍ଟ ଆଣ୍ଟିବଡି ଯଥେଷ୍ଟ ହେବନାହିଁ। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ କହିଛି ଯେ, କରୋନା ଡ଼େଲ୍‌ଟା ପ୍ରଜାତି ମୁକାବିଲା ପାଇଁ ଯେଉଁ ପଦକ୍ଷେପ ଗ୍ରହଣ ହୋଇଥିଲା, ତାହା ଓମିକ୍ରନ ପ୍ରଜାତି ବିରୋଧରେ କାମ ଦେବ। ଦେଶରେ ଟୀକାକରଣ ଉପରେ ଗୁରୁତ୍ୱ ଦିଆଯାଇଥିଲେ ବି ଏଯାବତ କେବଳ ୪୯% ଲୋକ ଟୀକା ଦ୍ୱିତୀୟ ଡୋଜ ଟୀକା ନେଇଥିବା ତଥ୍ୟରୁ ଜଣାପଡିଛି। କେନ୍ଦ୍ର ସରକାରଙ୍କ ତଥ୍ୟ ଅନୁଯାୟୀ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଂଚଳ ମାନଙ୍କୁ ୧୩୮ କୋଟି ଟୀକା ଦିଆଯାଇଛି। ଓମିକ୍ରନର ଭୟାବହତା ଆଶଙ୍କା କରି ଟୀକା ନନେଇ ବିପଦ ବର୍ଗରେ ଥିବା ବ୍ୟକ୍ତିଙ୍କୁ ପ୍ରଥମେ ଟୀକା ଦେବା ସହିତ ୪୦ ବର୍ଷରୁ ଅଧିକ ବୟସର ବ୍ୟକ୍ତି ଯେଉଁମାନଙ୍କର ବିଭିନ୍ନ ପ୍ରକାର ଜଟିଳ ରୋଗ ରହିଛି ସେମାନଙ୍କୁ ଅଗ୍ରାଧିକାର ଭିତ୍ତିରେ ବୁଷ୍ଟର ଦେଖବାକୁ ବୈଜ୍ଞାନିକମାନେ ପରାମର୍ଶ ଦେଇଛନ୍ତି। ଆଗକୁ ଓମିକ୍ରନ କ୍ଷୀପ୍ର ସଂକ୍ରମଣ ଘଟାଇବା ଆଶଙ୍କା ଥିବାରୁ ଅନେକ ସତର୍କତାମୂଳକ ପଦକ୍ଷେପ ଗ୍ରହଣ କରାଯାଇଥିବା ନେଇ ସରକାର ପ୍ରକାଶ କରିଛନ୍ତି ଏବଂ ଏଥିପାଇଁ ନୂଆ ଗାଇଡ ଲାଇନ ମଧ୍ୟ ଜାରି ହୋଇଛି। ସପ୍ତାହକ ମଧ୍ୟରେ ଓମିକ୍ରନ ସଂକ୍ରାନ୍ତ ତଥ୍ୟ ଆସିବାକୁ ଥିବାରୁ ଏହାପରେ ସରକାର ପୁଣି ନିର୍ଦ୍ଦେଶାବଳୀରେ ପରିବର୍ତ୍ତନ ଆଣିବେ ବୋଲି ଜଣାପଡିଛି। ବିଭିନ୍ନ ରାଷ୍ଟ୍ର ଯାତ୍ରା କଟକଣା କଡାକଡି କରିଛନ୍ତି। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ 'ହୁ' ସମସ୍ତ ରାଷ୍ଟ୍ରମାନଙ୍କୁ ଓମିକ୍ରନ ପାଇଁ ଅଧିକ ସଚେତନ ରହିବାକୁ କହିଛନ୍ତି। ଦକ୍ଷିଣ ଆଫ୍ରିକାରେ ଶିଶୁଙ୍କ ଠାରୁ ଆରମ୍ଭ କରି ବୟସ୍କଙ୍କ ପର୍ଯ୍ୟନ୍ତ ସମସ୍ତଙ୍କୁ ଓମିକ୍ରନ ଆକ୍ରାନ୍ତ କରିଥିବା ନେଇ ସୂଚନା ମିଳିଛି। ବିଦେଶରୁ ଭାରତ ଫେରିଥିବା ୧୬ ହଜାର ବିଦେଶ ଫେରନ୍ତାଙ୍କ ଆରଟିପିସିଆର ଟେଷ୍ଟ କରାଯାଇଛି। ସେମାନଙ୍କ ମଧ୍ୟରୁ ୧୮ ଜଣ ପଜିଟିଭ ଥିବା ଜଣାପଡିଛି। ତେଣୁ ମହାମାରୀ କରୋନା ଯେ କେତେ ଭୟଙ୍କର ତାହା ଓମିକ୍ରନ ପୁଣିଥରେ ଚେତେଇ ଦେଇଛି।


ଯୋଗାଯୋଗ ଠିକଣା

ଏକମାତ୍ର, ପ୍ଲଟ୍-୧୮୬, ଲେନ୍-୨, ବିମାନଘାଟୀ ଅଞ୍ଚଳ
ଭୁବନେଶ୍ୱର-୭୫୧୦୨୦, ଓଡ଼ିଶା
ଦୂରଭାଷ : ୦୯୩୩୮୨୨୫୯୩୦, ୯୪୩୭୧୩୩୭୭୭


# ଓଡ଼ିଶା ଓ ସମ୍ପର୍କରେ ପଡ଼ୋଶୀ



ବାଦଲ ଭୂୟାଁ

ବିଭିନ୍ନ କ୍ଷେତ୍ରରେ ଓଡ଼ିଶା ଉତ୍କର୍ଷ ହାସଲ ସହ ଜାତୀୟ ଓ ଅନ୍ତର୍ଜାତୀୟ କ୍ଷେତ୍ରରେ ପ୍ରଶଂସିତ ହେଉଛି। ମାତ୍ର ରାଜ୍ୟ ପାଇଁ ଘର ଭିତରେ ବିରୋଧୀ ବଇରୀ ସାଜିଥିବାବେଳେ ପଡ଼ୋଶୀ ଶିରପୀଡ଼ାର କାରଣ ହୋଇଛନ୍ତି। ଓଡ଼ିଶାର ୧୪ ଜିଲ୍ଲାର ୯୬ ରାଜସ୍ୱ ଗ୍ରାମ, ୧୪ଟି ପଡ଼ା ଉପରେ ପଡ଼ୋଶୀ ଆଖି ପକାଇଛନ୍ତି। ଆନ୍ଧ୍ରପ୍ରଦେଶ, ଛତିଶଗଡ଼, ଝାରଖଣ୍ଡ ଓ ପଶ୍ଚିମବଙ୍ଗ ବିଭିନ୍ନ ସମୟରେ ଏବଂ ବିଭିନ୍ନ କୌଶଳରେ ଓଡ଼ିଶା ସୀମା ବିବାଦ ଭିତରକୁ ଟାଣୁଛନ୍ତି। ସଂଘୀୟ ବ୍ୟବସ୍ଥା ଓ ଡବଲ ଇଞ୍ଜିନ୍ ଦ୍ୱାହି ଦେଉଥିବା କେନ୍ଦ୍ର ସରକାର କିନ୍ତୁ ସମ୍ପୂର୍ଣ୍ଣ ବେଫିକର। ଅନ୍ୟପକ୍ଷରେ ନିଜସ୍ତରରେ ସୀମା ବିବାଦ ସମାଧାନ ପାଇଁ ପଦକ୍ଷେପ ନେବାକୁ ପରାମର୍ଶ ଦେଇ ଚୁପ୍ ବସିଛି କେନ୍ଦ୍ର।

ପଡ଼ୋଶୀ ରାଜ୍ୟ ସହ ସୀମା ବିବାଦ କିଛି ନୂଆ ନୁହେଁ। ୧୯୩୬ ମସିହାରୁ ଓଡ଼ିଶା ସହିତ ପଡ଼ୋଶୀ ରାଜ୍ୟସୀମା ବିବାଦ ସୃଷ୍ଟି କରୁଛନ୍ତି। ଉପରୋକ୍ତ ରାଜ୍ୟ ବ୍ୟତୀତ ବିହାର ସହିତ ମଧ୍ୟ ସୀମା ବିବାଦ ରହିଥିଲା। ସମ୍ପ୍ରତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସହ ସବୁ ମୁଖ୍ୟମନ୍ତ୍ରୀଙ୍କ ଅତି ଉତ୍ତମ ସମ୍ପର୍କ ରହିଛି। ପଡ଼ୋଶୀ ରାଜ୍ୟର ମୁଖ୍ୟମନ୍ତ୍ରୀମାନେ ନବୀନଙ୍କ ଜନ୍ମ ଦିନରେ ଶୁଭେଚ୍ଛା ଜଣାଇବା ଠାରୁ ଆରମ୍ଭ କରି ଜାତୀୟ ସ୍ତରରେ ବିଭିନ୍ନ ପ୍ରସଙ୍ଗରେ ଶ୍ରୀ ପଟ୍ଟନାୟକଙ୍କୁ ସମର୍ଥନ କରୁଛନ୍ତି। ମାତ୍ର ସୀମା ବିବାଦ ପ୍ରସଙ୍ଗରେ ଏହି ରାଜ୍ୟ ଗୁଡ଼ିକ ଭିନ୍ନ ନୀତି ଆପଣେଉଛନ୍ତି। କିଏ ପାଚେରୀ ନିର୍ମାଣ କଲାଣି ତ ଆଉ କିଏ ଓଡ଼ିଶା ମଧ୍ୟରେ ପଞ୍ଚାୟତ ନିର୍ବାଚନ କଲାଣି। ଏପେଟ ରାଜ୍ୟରେ ଅନେକ ପ୍ରସଙ୍ଗକୁ ନେଇ ସରକାର କାମ କରୁଥିବାବେଳେ ଅଯଥାରେ ସୃଷ୍ଟି ହେଉଥିବା ସୀମା ବିବାଦ ପାଇଁ ବିକାଶଧାରା ପ୍ରଭାବିତ ହେଉଛି। ଆନ୍ଧ୍ରପ୍ରଦେଶ ସହ ଓଡ଼ିଶାର କୋରାପୁଟ ଜିଲ୍ଲା ଅନ୍ତର୍ଗତ ୩୦ ଗ୍ରାମ, ଗଞ୍ଜାମରେ ୨୦ ଗ୍ରାମ, ଗଜପତିରେ ୧୫ ଗ୍ରାମ, ରାୟଗଡ଼ାରେ ୫ ଗ୍ରାମକୁ ନେଇ ସୀମା ବିବାଦ ଲାଗି ରହିଛି। ଗଜପତି ଜିଲ୍ଲା ମଧ୍ୟ ସମାନ ଅବସ୍ଥା। ଏପରିକି ଆନ୍ଧ୍ର ମନ୍ତ୍ରୀ ଗଜପତିରେ ପ୍ରବେଶ କରି ରାଜ୍ୟ ସରକାରଙ୍କ ଅଧିକାରୀଙ୍କୁ ଧମକାଇବାକୁ ପଛାଉ ନାହାନ୍ତି। ସେହିପରି ବାଲେଶ୍ୱର ଜିଲ୍ଲା ଉଦୟପୁରରେ ଓଡ଼ିଶା ବେଳାଭୂମିରେ ପଶ୍ଚିମବଙ୍ଗ ସରକାର ଯୋର ଜବରଦସ୍ତି ପାଚେରୀ ନିର୍ମାଣ କରିବା ନୂଆ ଆଲୋଡ଼ନ ସୃଷ୍ଟି କରିଥିଲା। ଅବଶ୍ୟ ସରକାରଙ୍କ ହସ୍ତକ୍ଷେପ ପରେ ପରିସ୍ଥିତି ସ୍ୱାଭାବିକା ହୋଇଥିଲା। ବାଲେଶ୍ୱର ଓ ମୟୂରଭଞ୍ଜର ୧୫ ଗ୍ରାମକୁ ନେଇ ବିବାଦ ରହିଛି। ମୟୂରଭଞ୍ଜ, କେନ୍ଦୁଝର ଓ ସୁନ୍ଦରଗଡ଼ ଜିଲ୍ଲା ଉପରେ ଝାରଖଣ୍ଡ ସରକାରଙ୍କ ଲୋଲୁପ ଦୃଷ୍ଟି ପଡ଼ିଛି। ନବରଙ୍ଗପୁର ଓ ଝାରସୁଗୁଡ଼ା ଜିଲ୍ଲାରେ ଛତିଶଗଡ଼ ଅବାଧ ପ୍ରବେଶ କରୁଥିବା ଅଭିଯୋଗ ହେଉଛି। କିଛି ରାଜ୍ୟରେ ଓଡ଼ିଶା ଭାଷା ବିରୋଧୀ କାର୍ଯ୍ୟ ହେଉଥିବା ଅଭିଯୋଗ ଆସୁଛି। ସୀମାନ୍ତ ଯଦି ଓଡ଼ିଶାବାସୀ ପଡ଼ୋଶୀ ରାଜ୍ୟରେ ବେଆଇନ କାର୍ଯ୍ୟକୁ ବିରୋଧ କରୁଛନ୍ତି ତେବେ ତାଙ୍କ ନାମରେ ସେଠାକାର ସରକାର ଥାନାରେ ମାମଲା ରୁଜୁ କରୁଥିବା ଦେଖାଯାଇଛି। ଏସବୁ ରାଜ୍ୟରେ ଆଞ୍ଚଳିକ ଦଳ ଥିବାବେଳେ ଓଡ଼ିଶାରେ ମଧ୍ୟ ଏକ ଆଞ୍ଚଳିକ ଦଳ ଶାସନ କରୁଛି। କିନ୍ତୁ ଓଡ଼ିଶାରେ ସ୍ଥାୟୀ ସରକାର ଥିବାବେଳେ ପଡ଼ୋଶୀ ରାଜ୍ୟରେ ଅସ୍ଥିରତା ଲାଗି ରହୁଛି। ଓଡ଼ିଶା ସହ ବିବାଦ ସୃଷ୍ଟି କରି ନିଜ ଲୋକଙ୍କ ଦୃଷ୍ଟି ଆକର୍ଷଣ କରିବା ଉଦ୍ୟମରେ ଅଛନ୍ତି ବୋଲି ତଥ୍ୟାଭିଜ୍ଞ ମହଲରେ ମତପ୍ରକାଶ ପାଇଛି। ଏପରିସ୍ଥଳେ ସୀମା ବିବାଦର ସ୍ଥାୟୀ ସମାଧାନ ପାଇଁ ରାଜ୍ୟ ସରକାର ତୁରନ୍ତ ଏକ ଉଚ୍ଚସ୍ତରୀୟ କମିଟି ଗଠନ କରି ପରିସ୍ଥିତିର ଅନୁଧ୍ୟାନ ପରେଏକ ରିପୋର୍ଟ ପ୍ରକାଶ କରିବା ଆବଶ୍ୟକ। ଏହା ଆଧାରରେ ଆଇନଗତ ପଦକ୍ଷେପ ନିଆଯାଇ ପାରିବ ବୋଲି କୁହାଯାଇଛି।

ଅବସରପ୍ରାପ୍ତ ମୁଖ୍ୟ ଶାସନ ସଚିବ ସହଦେବ ସାହୁ ନିକଟରେ ଗଣମାଧ୍ୟମରେ ମତ ଦେଇଛନ୍ତି ଯେ ସୀମା ବିବାଦକୁ ନେଇ ଓଡ଼ିଶା ଦୀର୍ଘ ଦିନ ହେଲା ସମସ୍ୟା ଭୋଗୁଛି। ଏପରିସ୍ଥଳେ ରାଜ୍ୟ ସରକାର ଏଥିରେ ହସ୍ତକ୍ଷେପ କରି ପ୍ରତିପକ୍ଷ ସରକାରଙ୍କ ସହ ଆଲୋଚନା କରିବା ଆବଶ୍ୟକ। ସେହିପରି ଏକ ବିଶେଷଜ୍ଞ କମିଟି ଗଠନ କରାଯାଇ ସ୍ଥାୟୀ ସମାଧାନ ନିମନ୍ତେ ପଦକ୍ଷେପ ନେବା ଆବଶ୍ୟକ। କେନ୍ଦ୍ର କିମ୍ବା ଅନ୍ୟ ରାଜ୍ୟ ସରକାର ସହଯୋଗ କରନ୍ତୁ ଅବା ନକରନ୍ତୁ ଓଡ଼ିଶା ସରକାର ଏ ଦିଗରେ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିପାରିବେ। ଜଣେ ରାଜନେତାଙ୍କ କହିବାନୁଯାୟୀ, ନିଜ ଫାଇଦା ପାଇଁ ପଡ଼ୋଶୀ ରାଜ୍ୟ ସରକାର ଓଡ଼ିଶା ସହ ବିବାଦ ସୃଷ୍ଟି କରୁଛନ୍ତି। ଏଥିରେ ସେମାନଙ୍କର କିଛି ବଡ଼ ଉପଲବ୍ଧି ହେବନାହିଁ, କିନ୍ତୁ ହଟଚମଟ ସୃଷ୍ଟି ପାଇଁ ସେମାନେ ନିଜ ଅଧିକାରୀଙ୍କ ଜରିଆରେ ଏପରି କରୁଛନ୍ତି। ଏହି ମାମଲାରେ ସବୁବେଳେ ସଂଘୀୟ ବ୍ୟବସ୍ଥାର ଦ୍ୱାହି ଦେଉଥିବା କେନ୍ଦ୍ର ସରକାର ତୁରନ୍ତ ହସ୍ତକ୍ଷେପ କରିବା ଆବଶ୍ୟକ। ସୁପ୍ରିମକୋର୍ଟ ମଧ୍ୟ ଆପୋଷ ଆଲୋଚନା ଜରିଆରେ ସମାଧାନ ପାଇଁ ପରାମର୍ଶ ଦେଇଛନ୍ତି। ଭୁବନେଶ୍ୱର ଆଇଆଇଟି ପ୍ରଫେସର ୟୁସି ମହାନ୍ତି କହିଛନ୍ତି ଯେ ତାମିଲନାଡୁ ଓ କର୍ଣ୍ଣାଟକ ମଧ୍ୟରେ ଜଳ ବିବାଦ ଦୀର୍ଘ ଦିନ ହେଲା ଲାଗି ରହିଥିବାରୁ ଏବେ ତାହା ଉଗ୍ରରୂପ ଧାରଣ କଲାଣି। ତେଣୁ ସୀମା ବିବାଦକୁ ନେଇ ଓଡ଼ିଶା ସରକାର ତୁରନ୍ତ ଦୃଢ଼ ପଦକ୍ଷେପ ନେବା ଆବଶ୍ୟକ। କେନ୍ଦ୍ର ସରକାର ଅବହେଳା କରୁଛନ୍ତି ତେଣୁ ରାଜ୍ୟ ସରକାର ନିଜ ସ୍ତରରେ ଏଥିପାଇଁ ଉଦ୍ୟମ କରି ସ୍ଥାୟୀ ସମାଧାନ ପନ୍ଥା ନିର୍ଦ୍ଧାରଣ କରିବା ଜରୁରୀ। ସର୍ବଶେଷ ତଥ୍ୟ ଅନୁଯାୟୀ ମାନ୍ୟବର ସୁପ୍ରିମକୋର୍ଟ ଆନ୍ଧ୍ର ସରକାରଙ୍କ ଓଡ଼ିଶା ବିରୁଦ୍ଧରେ ଅଭିଯୋଗକୁ ଗ୍ରହଣ କରିନାହାଁନ୍ତି। ତେଣୁ ଏ ସବୁ କ୍ଷେତ୍ରରେ ସବୁଧର୍ମ, ସଂକୀର୍ଣ୍ଣ ଚିନ୍ତନ ଓ ରାଜନୈତିକ ଭାବନାକୁ ଦୂରେଇ ଓଡ଼ିଶା ପାଇଁ ଏକଜୁଟର ସମୟ ଆସିଛି।


ପ୍ରତିଷ୍ଠାତା ସମ୍ପାଦକ 'ସିଂହଭୂମ', ୪ଜି
ପ୍ରତାପ ଆପାର୍ଟମେଣ୍ଟ, ୭
ଏକ୍ସଟେନସନ ରୋଡ଼, ପୁରୁଣା
ସୋନାରୀ, ଜାମସେଦପୁର
ଦୂରଭାଷ : ୭୪୮୮୯୯୮୫୩୨


# ବିଶ୍ୱାସର କେନ୍ଦ୍ରବିନ୍ଦୁକୁ ବିକେନ୍ଦ୍ରୀକରଣ



ଉତ୍କଳାନନ୍ଦ ଅଜୟ କୁମାର ବେହେରା

'ବିଶ୍ୱାସେ ମିଳଇ ହରି ତର୍କେ ବହୁ ଦୂର' ଶ୍ରଦ୍ଧା ସବୁରି, ଶ୍ରଦ୍ଧା ବିଶ୍ୱାସ ଏମିତି କେତେ କଥା ବହୁସ୍ତରରେ ଦେଖିବାକୁ ଶୁଣିବାକୁ ପୁଣି ଉପଦେଶରେ ଗୁରୁ ମୁଖରୁ ମିଳେ। କେତେ ଜ୍ଞାନୀଗୁରୁ ତାଙ୍କର ଦସ୍ତଖତ ତଳେ ୱିଥ୍ ଫେଥ ବି ଲେଖି ଦେଇଥାନ୍ତି। ରାମାୟଣରେ ଏଇ ବିଶ୍ୱାସ ଅବିଶ୍ୱାସର ନଜିର ଭରିଦିଆ ଯାଇଛି। ଶ୍ରୀରାମଙ୍କ ପାଦୁକା ଯେ ଶ୍ରୀରାମଙ୍କ ପ୍ରତିନିଧି ଓ ଭରତ ଦେଶ ପାଳକ ହେଲେ ବି ଶ୍ରୀରାମଙ୍କ ଆଜ୍ଞାବହ ପାଦୁକା (କଠଉ, ଖଡ଼ମ)ରେ ବ୍ୟକ୍ତିଠାରୁ ବିଶ୍ୱାସକୁ ନିବିଡ଼ ସେ କରି ଦର୍ଶାଇଛନ୍ତି। ଗୁରୁ ଦେବତା ଅପ୍ରତ୍ୟକ୍ଷରେ ସେ ପ୍ରତ୍ୟକ୍ଷ ଅଛନ୍ତି। ଏହା ଦୃଢ଼ ଭାବରେ ମତ ରଖିଛନ୍ତି। ହନୁମାନ ନାମକୁ ଏତେ ପ୍ରାଧାନ୍ୟ ଦେଇଛନ୍ତି ଯେ ନାମ ଯାହା କରିପାରିଛି, ଖୋଦ ତାହା ରାମ କରିବା ସମ୍ଭବ ହୋଇନାହିଁ। ରାମ ନାମରେ ପଥର ପାଣିରେ ଭାସୁଥିଲା, ଅର୍ଥ ରାମ ପଥର ଖଣ୍ଡେ ପାଣିରେ ପିଙ୍ଗିଲେ ତାହା ବୁଡ଼ି ଯାଉଥିଲା। ସୀତା ଠାକୁରାଣୀ, ଜନକ ରାଜର୍ଷିଙ୍କ ଅଲ୍ୟଳି ବିଦୁଷୀକନ୍ୟା ତାଙ୍କ ଘର ରାଜବାଟୀକୁ ନିତ୍ୟ ଅନେକ ସନ୍ନ୍ୟାସୀ ସାଧୁ ଜ୍ଞାନୀ ବ୍ରାହ୍ମଣ ଆସୁଥିଲେ। ସେ ପୁଣି ସ୍ୱୟଂବରରେ ବଧୂ ହେବା ଦିନ କେତେ ସନ୍ନ୍ୟାସୀ ଋଷିଙ୍କ ଗହଣରେ ବିବାହ ହୋଇ ଅଯୋଧ୍ୟା ରାଜ ମହଲକୁ ଆସିଥିଲେ। ରାଜ ମହଲକୁ ସେହିପରି କେତେ ଋଷି ମୂନୀ ଅରଣ୍ୟର ସାଧକମାନେ ଆସୁଥିଲେ। କାଳର ଗତି ଏମିତି କଲା ରାଜ ପରିବେଶ ଛାଡ଼ି ସ୍ୱାମୀ ସହ ଅରଣ୍ୟବାସକୁ ଆସିଲେ ସେଠାରେ ବି ସନ୍ନ୍ୟାସୀକୁ ଦେଖି ବିଶ୍ୱାସର ଯଥାଯଥ ସମ୍ମାନ ଜଣାଇଁଲେ। ମାତ୍ର ବିଶ୍ୱାସରେ ବିଷ ଭରି ଅସୁର ରାଜା ହୋଇ ଛଳନା ସନ୍ନ୍ୟାସୀ ରୂପୀ ସତ୍ୟ ସନ୍ନ୍ୟାସୀର ତପଃ ପ୍ରଭାବରେ ଶକ୍ତିର ବୟାନ କରିବାରୁ ସୀତା ଲକ୍ଷ୍ମଣଙ୍କର ତିନିରେଖା ଡେଇଁ ମାୟାବୀ କପଟଚାରୀ ସନ୍ନ୍ୟାସୀ ରାବଣ ଦ୍ୱାରା ଅପହୃତା ହୋଇଥିଲେ। ବିଶ୍ୱାସରେ ରାବଣ ବିଷ ଦେଲେ ବି ସତୀ ସୀତାଙ୍କର ଏକ ସ୍ୱାମୀ ବ୍ରତର ଦୃଢ଼ ବିଶ୍ୱାସରେ ରାବଣ ବଂଶ ରାମଙ୍କ ଶକ୍ତିରେ ନିଶ୍ଚିହ୍ନ ହୋଇଯାଇଥିଲା। ଋଷି ଆଶ୍ରମ ମାତଙ୍ଗ ବନରେ ମାତଙ୍କ ଋଷିଙ୍କ କଥାରେ ବିଶ୍ୱାସ କରି ଶ୍ରୀରାମଙ୍କୁ ଶବରଣୀ ପ୍ରତିକ୍ଷାରତ ରହି ଆଶ୍ରମ ସ୍ୱାଗତ ପଥରୁ କଣ୍ଟକ ପୋଡ଼ି ନିତ୍ୟ ସଫା କରିବା ପୁଷ୍ପ ବିଛାଇ ରଖିବାରେ ଅନିଶ୍ଚିତ ସମୟ ଜାଣିବି କେବେ ଦିନେ ହେଲା କରୁନଥିଲେ। ଦୃଢ଼ ବିଶ୍ୱାସରେ ସତ୍ୟରେ ଦିନେ ଆସିଥିଲେ ରାମ ଲକ୍ଷ୍ମଣ। ଶ୍ରୀରାମଙ୍କ ପାଦରୁ କଠଉ ଦାନ ହୋଇଥିଲା। ବଡ଼ଭାଇଙ୍କ ପାଦ କଠଉ ପରିତ୍ୟକ୍ତ ବୋଲି ସାନ ଭାଇ ଲକ୍ଷ୍ମଣ ମଧ୍ୟ ସେହିପରି ପାଦରେ ଚଳ ପ୍ରଚଳ କରୁଥିଲେ। ଜଙ୍ଗଲରେ କଙ୍କର କଣ୍ଟକ ସର୍ବତ୍ର ପରିପୂର୍ଣ୍ଣ ଭୂମି ପୁଣି ସମତୁଲ ନୁହଁ ଏପରି ସଙ୍କଟ ପଥରେ ରାଜକୁମାର ଜଙ୍ଗଲରେ ଅମଡ଼ାବାଟରେ ଜନପଦ ଆଶ୍ରମ କୁଟୀର ଲୟରେ ଚାଲୁଥିଲେ। ହେଲେ ରାଜମହଲ ମଣିଷର ପାଦ କେତେ ସୂକ୍ଷ୍ମଚର୍ମ ବିଶିଷ୍ଟ ଜଙ୍ଗଲ ମାଟିର ଶବରୁଣୀଙ୍କ ଏହି ଜ୍ଞାନ ତାଙ୍କୁ ବ୍ୟଥିତ କରୁଥିଲା, ଏହାଥିଲା ତାଙ୍କର ଗୁରୁବାକ୍ୟରେ ଦୃଢ଼ ବିଶ୍ୱାସ, ନିଜର ସ୍ୱକୀୟ ଅନୁଭୂତିର ବିଶ୍ୱାସ।

ଗୁରୁଙ୍କ ଠାରୁ ମନ୍ତ୍ର ନ ହେଲେ କେହି ମୁକ୍ତି ଲଭି ନପାରେ ଏ ବିଶ୍ୱାସ ଲୋକରେ ଏବେ ବି ଅଛି। ଦିନେ କବୀର ସାହେବ ଏପରି ବିଶ୍ୱାସରେ ଯାଇ ନିଜେ ମୁସଲମାନ ଦମ୍ପତି ନିରୁ-ନିମା ପରି ଦରିଦ୍ର ତନ୍ତୀ ପରିବାରର ପିଲା ହୋଇ ମନ୍ତ୍ର ପାଇବା ଅସମ୍ଭବ ଜାଣିବି ଚେଷ୍ଟାରତ ଉପାୟ ଖୋଜି ଶେଷ ସ୍ୱାମୀ ରାମାନନ୍ଦ ପ୍ରାତଃ ଗଙ୍ଗାସ୍ନାନ ଚଲାପଥରେ ସ୍ୱଗୁରୁମନ୍ତ୍ର ଉଚ୍ଚାରଣ କରି ଗଲାବେଳେ ଲୁଚି ରହି କବୀର କର୍ଣ୍ଣରେ ଶୁଣି ତାକୁ ବିଶ୍ୱାସରେ ହିଁ ଜପ କରିବା ଆରମ୍ଭ କରି ସଂସାରରେ ପ୍ରତିଷ୍ଠା ପାଇଗଲେ। ବିଶ୍ୱାସ ସହିତ ଧୈର୍ଯ୍ୟର ମିଶ୍ରଣ ରହିବା ଦରକାର। ଆସନ୍ନ ଭବିଷ୍ୟତ ଚିନ୍ତାରେ ଆତଙ୍କ କାଳରେ ଅସ୍ଥିର ଚିନ୍ତା ସୃଷ୍ଟି କରେ। ଏଥିରେ ରୋଗ ସଂକଟ ଥିଲେ ରୋଗର ବା ରୋଗୀ କଷ୍ଟ ଉପସର୍ଗ ନିବାରଣ ପାଇଁ ଶରୀରରେ ଔଷଧ କାମ କରିବା ଯାଏ ଧୈର୍ଯ୍ୟଶୀଳ ନ ହୋଇ ଔଷଧ ପରିବର୍ତ୍ତନ ବା ଚିକିତ୍ସକ ପରିବର୍ତ୍ତନ ପାଇଁ ଚେଷ୍ଟିତ ହୋଇ ପଡ଼ିବା ଦେଖାଯାଏ। ସେହିପରି ଏକ ସିଦ୍ଧି ବା ଇପ୍‌ସିତବସ୍ତୁ ପ୍ରାପ୍ତି ସ୍ୱଳ୍ପକଳରେ ପାଇଯିବା ପାଇଁ ଅନେକ ଗୁରୁ ବା ଗୁରୁଦତ୍ତ ମନ୍ତ୍ର ଉପରେ ଆସ୍ଥାବନ ହୋଇ ନଥାନ୍ତି। ଏଥିରେ ଗୁରୁବାଦ କ୍ରିୟାରେ ପ୍ରକୃତରେ ଶେଷ ପରିଣାମ ମତ ଏକ ସ୍ଥଳୀ ଏକଥାରେ ବିଶ୍ୱାସ କରିବା ନିହାତି ଧୈର୍ଯ୍ୟସହ ରଖିବା ଦରକାର। ବିଶ୍ୱାସ ଭାଜନ ବିଶ୍ୱାସ ଅର୍ଜନ ପାଇଁ ଅନେକ ସାଧନା ଆବଶ୍ୟକ ଓ ଅନେକ ସମୟ ଲାଗେ। ଏଥିରେ ବି ଧୈର୍ଯ୍ୟ ଆବଶ୍ୟକ। ଶିକ୍ଷା ଓ ଦୀକ୍ଷା ଗୁରୁ ଏ ପାଇଁ ଆବଶ୍ୟକ। ଔଷଧକୁ ବିଶ୍ୱାସ, ଡାକ୍ତରଙ୍କୁ ବିଶ୍ୱାସ ନିତ୍ୟ ବ୍ୟବହାର ଦ୍ରବ୍ୟକୁ ବିଶ୍ୱାସ ଖାଦ୍ୟକୁ ବିଶ୍ୱାସ ପାନୀୟକୁ ବିଶ୍ୱାସ, ସ୍ତ୍ରୀକୁ ସ୍ୱାମୀର ବିଶ୍ୱାସ, ସ୍ୱାମୀର ସ୍ତ୍ରୀକୁ ବିଶ୍ୱାସ ନିଜର ପରିଶ୍ରମ ପ୍ରକ୍ରିୟାରେ ବିଶ୍ୱାସ, ପୋଲିସଙ୍କୁ ସୈନ୍ୟଙ୍କୁ ବିଶ୍ୱାସ ସରକାର ଓ ଦେଶବାସୀଙ୍କ ରଖାଯିବା ସହିତ ଏଇ ପର୍ଯ୍ୟାୟରେ ବିଶ୍ୱାସୀୟ ମହତ ବିଶ୍ୱାସ ଦାୟିତ୍ୱ ତୁଲାଇବା କର୍ତ୍ତବ୍ୟ ରହିବା ଦରକାର। ନେତାଙ୍କୁ ଆମେ ଦାଦା, ଭାଇ, ଆନ୍ନା ଡାକୁଛେ। ସେମାନେ ଯେଉଁ ସ୍ଥାନର ପ୍ରତିନିଧି କରୁଛନ୍ତି ପ୍ରକୃତ ସେ ସ୍ଥାନର ବହୁଳ ବିଶ୍ୱାସରେ ବଞ୍ଚାଯିବା ହିତକାରୀ ତତ୍କାଳ ଅଗ୍ରଗାମୀ ବ୍ୟକ୍ତି। ହେଲେ ସେ ଯଦି ବିଶ୍ୱାସ ଦ୍ୱାହିରେ ସ୍ୱ ଉନ୍ନତି କେବଳ ଆଶା କରନ୍ତି, ତାହା ପ୍ରବଳ ବିଶ୍ୱାସ ଘାତକତା ସଦୃଶ ହୋଇଯାଉଛି। ଦେବକଳା ହେଉଛି ବିଶ୍ୱାସ, ଏହାକୁ ସ୍ତର ଅନୁସାରେ ଠିକ ପ୍ରୟୋଗକାରୀଙ୍କର ନିଷ୍ଠେ ଦେବତାପରି ସମ୍ମାନ ପାଇବା ଜାଣି ହୋଇଯିବ। ଦେବତା ସ୍ଥାନରେ ଦିଅଁଙ୍କୁ ପ୍ରତିଷ୍ଠାକରି ପୁରୋହିତଗଣ ଦେବତାଙ୍କୁ ମନ୍ଦିର ମଧ୍ୟରେ ସ୍ଥାପନ କରାଇଛନ୍ତି। ଏହାପରେ ପଥର କାଠ କାଗଜ ଆଉ କାଗଜ ହୋଇନଥାଏ। କଳସ ମାଟିର ଘଟ ହୋଇ ରହେନାହିଁ ସୁପାରୀ ଆଉ ସୁପାରୀ ହୋଇ ରହେନାହିଁ। ଲୋକେ ଭକ୍ତି ଶ୍ରଦ୍ଧା ବିଶ୍ୱାସରେ ତାର ସମ୍ମୁଖରେ ମୁଣ୍ଡ ନୁଆଁନ୍ତି। ଏଇତ ବିଶ୍ୱାସ ଏଇଥିରେ ଏକ କିଛି ମିଳେ। ବଡ଼ ବଡ଼ ପୀଠକୁ ଲମ୍ବି ଥିବା ରାସ୍ତା ସୁନ୍ଦର ସୁଦୃଢ଼ ଏଥିରେ ଗମନାଗମନ ପାଇଁ ଅନେକ ପ୍ରକାର ଯାନ, ରେଳମାର୍ଗ, ଆକାଶମାର୍ଗରେ ବି ତୀର୍ଥ ସ୍ଥାନକୁ ଯାଇ ହେଲାଣି। ଲୋକେ ଅର୍ଥ ଅଭାବ ମଣୁନାହାଁନ୍ତି ହେଲେ ମନକୁ ଶାନ୍ତି କେଉଁଠି ମିଳୁନାହିଁ। ଶିରିଡ଼ି ସ୍ଥିତି ଏ ପରି ସବୁ ମନ୍ଦିରରେ ଅନୁସରଣ କରାଯାଉଛି କି? ସର୍ବଧର୍ମ ସମନ୍ୱୟରେ ଅଛି ଶିରିଡ଼ି ଅନୁଷ୍ଠାନ ଏପରି ସନ୍ନିଧାନରେ ନିର୍ମିତ ସବୁ ମନ୍ଦିର ବ୍ୟକ୍ତିଗତ ହୁଂମକିରେ ହେଉଛି କି? ଶିରିଡ଼ିର ଉଦି ପ୍ରସାଦ ଯାହା ଅନ୍ୟତ୍ର ସେହି ବିଭୁତ ସେହି ବିଶ୍ୱାସ ଦ୍ରବ୍ୟ କି? କେହି କେବେ ସ୍ଥିର ବିଶ୍ୱାସ ସ୍ଥଳୀକୁ ହଲଚଲ କରନ୍ତୁ ନାହିଁ ଲୋକେ ଯେଉଁ ହାରରେ ଏବେ ଶିକ୍ଷିତ ତା ମଧ୍ୟରୁ କେଇ ଜଣ ବେଦ ପୁରାଣ ପଢୁଛନ୍ତି। ଗୀତାର ମର୍ମ କେଇଜଣ କାମରେ ଲଗାଉଛନ୍ତି। ଏଥିରେ ଲାଗି ରହିବା ବିଶ୍ୱାସ କେମିତି ଦୃଢ଼ୀକରଣ ରହିବ। ରେଡ଼ିଓ ଭାଗବତ ଶୁଣିଲେ ମୋବାଇଲରେ ଚିପସ୍‌ରେ ଫୋନ ସେଟିଂରେ କଣ ଭାଗବତ ମର୍ମ ବୁଝି ହେଉଛି, ଟିଭିରେ ରାମାୟଣ କୃଷ୍ଣଲୀଳା ପ୍ରଚାର ପୂର୍ବର ଦକ୍ଷିଣୀନାଚ କୃଷ୍ଣ ଲୀଳା ରାମଲୀଳା ପରି ହେଉଛି। ପାଲା ବଦଳରେ ଏବେ ପ୍ରବଚନ ଏସବୁକୁ ପୁଣି ଟିଭି ଫୋନରେ ପ୍ରଚାର କରାଯାଉଛି ହେଲେ ଏଥିରୁ ପ୍ରଚାର ମାର୍ଫତ ଟିଭି କମ୍ପାନୀ ଆଉ ନିର୍ମାତା କେତେ ବାଣିଜ୍ୟିକ ମୁନଫା ପାଉଛନ୍ତି, ଏକଥା ପରଦା ଅନ୍ତରାଳରେ ରହୁଛି। ଏହା ଜ୍ଞାନପ୍ରଦ ନୁହେଁ ଏମିତି ନୁହଁ ତେବେ ପୁସ୍ତକ ପାଠ ପରି ଏହା ନିଶ୍ଚିନ୍ତ ଉଦାହରଣ ପ୍ରତ୍ୟକ୍ଷ ମର୍ମ ମହିମା ଗୁରୁଙ୍କ ଦ୍ୱାରା ମିଳିବ ଏପରି ଉପାୟ ଖୋଜିବା ଦୁର୍ଲଭବୋଧ ହେଉଛି। ବିଶ୍ୱାସ ପୃଥିବୀର ସ୍ଥିରତା ଉପରେ ଅଛି ବୋଲି ଘରଦ୍ୱାର, କାରଖାନା, ରାସ୍ତାପୋଲ ଏହା ଉପରେ କରାଯାଉଛି। ହେଲେ ପୃଥିବୀ ଦୁଇଗତି ଯେ ଅଛି ଏକଥାକୁ ବି ବିଶ୍ୱାସ କରିବାକୁ ପଡ଼ିବ। ବିଶ୍ୱାସର ସ୍ଥିର ଯାଗାକୁ ବଦଳାନ୍ତୁ ନାହିଁ।


ଅରୁଣୋଦୟ ନଗର, କଟକ
ଦୂରଭାଷ : ୯୪୩୭୦୩୧୨୫୩


# ମୋବାଇଲରେ ସମୟ ନଷ୍ଟ; ବିଶ୍ୱରେ ଭାରତ ଚତୁର୍ଥ



ଶ୍ୟାମସୁନ୍ଦର ସାମଲ

ଶସ୍ତା ମୋବାଇଲ ଇଣ୍ଟରନେଟ୍ ଡାଟା ଏବଂ କଲିଂ ଯୋଗୁଁ ଅଧିକରୁ ଅଧିକ ଭାରତୀୟ ମୋବାଇଲ ଇଣ୍ଟରନେଟ ସହ ସଂଯୋଗ ହୋଇପାରୁଛନ୍ତି। ସ୍ମାର୍ଟଫୋନରେ ଅଧିକ ସମୟ ବିତାଇବା କ୍ଷେତ୍ରରେ ଭାରତ ଚତୁର୍ଥ ସ୍ଥାନରେ ପହଞ୍ଚିଛି। ଏହି ପ୍ରସଙ୍ଗରେ ଭାରତୀୟମାନେ ଚୀନ ଏବଂ ଆମେରିକା ଭଳି ଦେଶକୁ ପଛରେ ପକାଇଛନ୍ତି। ଭାରତୀୟମାନେ ଅଧିକଂଶ ସମୟ ମୋବାଇଲ ଫୋନ ବ୍ୟବହାର କରିବାରେ ବରବାଦ କରିଥାନ୍ତି। ମୋବାଇଲ ଫୋନରେ ସର୍ବାଧିକ ସମୟ ବିତାଇବାରେ ଭାରତ ବିଶ୍ୱରେ ଚତୁର୍ଥ ସ୍ଥାନରେ ରହିଛି। ଭାରତୀୟମାନେ ଦିନକୁ ମୋବାଇଲ ଫୋନରେ ହାରାହାରି ୪.୮ ଘଣ୍ଟା ବିତାଇଥାନ୍ତି। ଭାରତରେ ମୋଟ ଆପ୍ ଡାଉନ୍‌ଲୋଡ଼ କରିବାରେ ମଧ୍ୟ ୨୮ ପ୍ରତିଶତ ବୃଦ୍ଧି ଘଟିଛି, ଯାହା ପରେ ଡାଉନଲୋଡ଼ ହୋଇଥିବା ଆପ୍ ସଂଖ୍ୟା ୨୪ ହଜାର କୋଟିରେ ପହଞ୍ଚିଛି। ପ୍ରତ୍ୟେକ ପାଞ୍ଚ ମୋବାଇଲ ଗେମ ଆପ୍ ଭାରତରେ ଡାଉନଲୋଡ ହୋଇଥାଏ ବୋଲି ମୋବାଇଲ ଡାଟା ଆନାଲିଟିକ୍ସ ପ୍ଲାଟଫର୍ମ ଆପ୍ ଆନି ପକ୍ଷରୁ ପ୍ରକାଶିତ ଏକ ରିପୋର୍ଟରେ କୁହାଯାଇଛି।

ବିଶ୍ୱର ସବୁଠାରୁ ଶସ୍ତା ଇଣ୍ଟରନେଟ ଡାଟା ଭାରତରେ ଉପଲବ୍ଧ। ୨୦୨୧ରେ ଟେଲିକମ୍ କମ୍ପାନୀଗୁଡ଼ିକ ଭାରତରେ ୧ ଜିବି ଡାଟା ପାଇଁ ୧୦.୯୩ ଟଙ୍କା ଖର୍ଚ୍ଚ କରୁଛନ୍ତି, ଯାହା ବିଶ୍ୱର ଯେକୌଣସି ଦେଶ ତୁଳନାରେ ୧ ଜିବି ଡାଟା ଚାର୍ଜ ଠାରୁ କମ୍। ୨୦୧୪ ପୂର୍ବରୁ ଭାରତୀୟଙ୍କୁ ୧ ଜିବି ଡାଟା ପାଇଁ ହାରାହାରି ୨୬୯ ଟଙ୍କା ଦେବାକୁ ପଡୁଥିଲା। ଗତ ଛଅ ବର୍ଷ ମଧ୍ୟରେ ଭାରତରେ ଇଣ୍ଟରନେଟ ଡାଟା ମୂଲ୍ୟ ପ୍ରାୟ ୯୬ପ୍ରତିଶତ ହ୍ରାସ ପାଇଛି। ଏଭଳି ପରିସ୍ଥିତିରେ ବର୍ତ୍ତମାନ ୧ ଜିବି ଡାଟା ମୂଲ୍ୟ ୧ କିଲୋଗ୍ରାମ ଅଟା ଠାରୁ ବି କମ୍। ଏହି କାରଣରୁ ଭାରତୀୟମାନେ ଅଧିକ ମାତ୍ରାରେ ଇଣ୍ଟରନେଟ ଏବଂ ମୋବାଇଲ ବ୍ୟବହାର କରୁଛନ୍ତି। ଆପ୍ ଆନି ରିପୋର୍ଟ ଅନୁଯାୟୀ ମୋବାଇଲ ଫୋନ ବ୍ୟବହାର କରିବାରେ ଇଣ୍ଡୋନେସିଆବାସୀ ଦିନକୁ ୫.୫ ଘଣ୍ଟା ସହିତ ପ୍ରଥମ ସ୍ଥାନରେ, ବ୍ରାଜିଲ ୫.୪ଘଣ୍ଟା ସହିତ ଦୁଇ ନମ୍ବର ସ୍ଥାନରେ, ଦକ୍ଷିଣ କୋରିଆ ୫ଘଣ୍ଟା ସହିତ ତୃତୀୟ ସ୍ଥାନରେ, ଭାରତ ୪.୮ ଘଣ୍ଟା ସହିତ ଚତୁର୍ଥ ସ୍ଥାନରେ ଏବଂ ମେକ୍ସିକୋ ୪.୮ ଘଣ୍ଟା ସହିତ ପଞ୍ଚମ ସ୍ଥାନରେ ରହିଛି। ଭାରତୀୟ ବ୍ୟବହାରକାରୀମାନେ ପ୍ରତିଦିନ ୨୪ ଘଣ୍ଟା ମଧ୍ୟରୁ ଘଣ୍ଟା ମଧ୍ୟରୁ ୪.୮ ଘଣ୍ଟା ମୋବାଇଲରେ ବିତାଇଥାନ୍ତି। ଗତବର୍ଷ ପ୍ରଥମ ତ୍ରୈମାସରେ ଏହି ସମୟ ୪ଘଣ୍ଟା ରହିଥିଲା। ଏହା ବ୍ୟତୀତ ଫିଣ୍ଟେକ ଏବଂ କ୍ରିପ୍ଟୋ ଆପ ମଧ୍ୟ ଭାରତରେ ବେଶ ଲୋକପ୍ରିୟ। ତେବେ ଦୁନିଆର ସବୁଠାରୁ ଶସ୍ତା ଇଣ୍ଟରନେଟ ତଥ୍ୟ ଭାରତରେ ଥିବାବେଳେ ସବୁଠାରୁ ମହଙ୍ଗା ତଥ୍ୟ ଆଫ୍ରିକୀୟ ଦେଶ ସେଣ୍ଟ ହେଲେନାରେ ଅଛି। ଭାରତରେ ୧ ଜିବି ଡାଟା ହାରାହାରି ୭ଟଙ୍କା ରହିଥିବାବେଳେ ସେଣ୍ଟ ହେଲେନାରେ ଏହାର ମୂଲ୍ୟ ୩୮,୦୦୦ ଟଙ୍କା ରହିଛି। ପାକିସ୍ତାନରେ ଏହା ଭାରତ ତୁଳନାରେ ୭ଗୁଣ ମହଙ୍ଗା। ଭାରତୀୟମାନେ ୟୁଟ୍ୟୁବ, ହ୍ୱାଟସଆପ୍, ମେସେଞ୍ଜର ଏବଂ ଫେସବୁକ୍ ସୋସିଆଲ ମିଡ଼ିଆକୁ ଅଧିକ ବ୍ୟବହାର କରିଥାନ୍ତି। ୨୦୨୦ରେ ଭାରତୀୟମାନେ ମୋବାଇଲ ଆପ୍ ଏବଂ ଗେମ୍‌ରେ ୬୫,୦୦୦ କୋଟି ଘଣ୍ଟା ନଷ୍ଟ କରିଛନ୍ତି। ଏରିକ୍ସନ ମୋବିଲିଟି ରିପୋର୍ଟର ସଦ୍ୟତମ ରିପୋର୍ଟ ଅନୁଯାୟୀ ୨୦୧୯ରେ ଭାରତୀୟଙ୍କ ମାସିକ ହାରାହାରି ଡାଟା ବ୍ୟବହାର ୧୩ ଜିବି ରହିଥିଲା, ଯାହାକି ୨୦୨୦ରେ୧୪.୬ ଜିବିକୁ ବୃଦ୍ଧି ପାଇଥିଲା। ୨୦୨୧ରେ ପ୍ରଥମାର୍ଦ୍ଧରେ ସର୍ବାଧିକ ଗେମ୍ ଡାଉନଲୋଡ଼ କରିବାରେ ଭାରତ ବିଶ୍ୱରେ ଆଗରେ। ଏହି ସମୟ ମଧ୍ୟରେ ଭାରତ ପ୍ରାୟ ୪୮୦ କୋଟି ଗେମିଂ ଆପ ଡାଉନଲୋଡ କରିଛି। ଆଗକୁ ଭାରତରେ ସ୍ମାର୍ଟଫୋନ ବ୍ୟବହାରକାରୀଙ୍କ ସଂଖ୍ୟା ବୃଦ୍ଧି ହେବାର ସମ୍ଭାବନା ରହିଛି। ଏହା ସହିତ ହାରାହାରି ମୋବାଇଲ ବ୍ୟବହାର ସମୟର ବୃଦ୍ଧି ପ୍ରତିଦିନ ରେକର୍ଡ଼ ହେବ। ଏଥିସହ ଆସନ୍ତାବର୍ଷ ସୁଦ୍ଧା ଭାରତରେ ୫ ଜି ସେବା ଆରମ୍ଭ ହେବାର ସମ୍ଭାବନା ରହିଛି। ଏଭଳି ପରିସ୍ଥିତିରେ ଡାଟା ବ୍ୟବହାର ବୃଦ୍ଧି ପାଇବ ବୋଲି ଆଶା କରାଯାଉଛି।


ବିଡ଼ାନାସୀ ବନ୍ଧଛକ, କଟକ
ଦୂରଭାଷ : ୯୭୭୮୬୩୫୯୨୬



ଓଡ଼ିଆ ସାହିତ୍ୟ ଜଗତରେ ଅନ୍ୟତମ ଧୁରୀଣ ସ୍ରଷ୍ଟା ରାଜ୍ୟବର୍ଦ୍ଧନ ଧଳ ମହାପାତ୍ର ଏକାଧାରରେ ଜଣେ ସଫଳ ଗାଳ୍ପିକ ଏବଂ ଔପନ୍ୟାସିକ ଭାବେ ସୁପରିଚିତ। ତାଙ୍କ ଲେଖାରେ ବର୍ଣ୍ଣନା ଶୈଳୀର ସ୍ୱତନ୍ତ୍ରତା ଏବଂ ସରଳତା ପାଠକୀୟ ଆଦର ଲାଭ କରିଛି। ସାମାଜିକ ଜୀବନ ଓ ସମ୍ପର୍କର ଢେଉ ଢେଉକା ପାହାଡ ପରି ସୁନ୍ଦର ଆବେଗଭରା ଶବ୍ଦ ସଂଯୋଗ ହିଁ ଶ୍ରୀ ଧଳ ମହାପାତ୍ରଙ୍କ ଗଳ୍ପ ଓ ଉପନ୍ୟାସରେ ଶିହରଣ ସୃଷ୍ଟି କରେ। ବେଳ ଭଲ ନାହିଁ ଉପନ୍ୟାସ ତାଙ୍କର ଏକ ଅନନ୍ୟ କୃତୀ ଭାବେ 'ଏକମାତ୍ର'ରେ ସ୍ଥାନ ପାଇଛି।

**ରାଜ୍ୟବର୍ଦ୍ଧନ ଧଳ ମହାପାତ୍ର**




# ବେଳ ଭଲ ନାହିଁ

**ମା**ଡି ଚାଲୁଥିବା ଉତ୍ତ୍ୟକ୍ତ ଜନତାଙ୍କ ଭିତରୁ ଜଣଙ୍କର ନାଆଁ ଧରି ସୁଦର୍ଶନ ବାବୁ ପଚାରିଲେ- କ'ଣ ହୋଇଛି ସଦାନନ୍ଦ, ଏମିତି ଠେଙ୍ଗା ବାଡି ଧରି କୁଆଡେ ଧାଇଁଛ ?

ସୁଦର୍ଶନ ବାବୁଙ୍କ କଥାର ସିଧା ଜବାବ ନଦେଇ ସଦାନନ୍ଦ କହିଲା- କ'ଣ ଆଉ ହେବ। କହୁଥିଲେ କ'ଣ ନା କଲେଜ ହୋଇଗଲେ ଆମ ଅଞ୍ଚଳର ଶିକ୍ଷାର ବିକାଶ ହେବ। ଏଠି କଲେଜ ହେବାରୁ ଶିକ୍ଷାର ବିକାଶ ହେଉଛି ନା କ'ଣ, ତାହାତ ଆମେ ଜାଣିନୁ ହେଲେ ଇଜ୍ଜତର ବିନାଶ ହେଉଛି।

ଆରେ କ'ଣ ହୋଇଛି କୁହ ?

କ'ଣ ଆଉ କହିବୁ- ମେସ୍ କରି ରହୁଥିବା କିଛି କଲେଜ ପିଲା ନଇ ତୁଠକୁ ଯାଇ ଝିଅ ବୋହୂଙ୍କୁ କମେଣ୍ଟ ମାରୁଥିଲେ। ଆମ ସାହି ବଳରାମର ଝିଅ ସେମାନଙ୍କୁ କେବଳ କହିଦେଲା- ତମମାନଙ୍କର କ'ଣ ମାଆ ଭଉଣୀ ନାହାନ୍ତି କି ? ବାସ୍-ଏତିକି କଥାରେ ତାକୁ ଉଠାଇ ନେଇଛନ୍ତି ନଈ ତୁଠରୁ। ଆଜି ଆମେ ସେ ପିଲାମାନଙ୍କୁ ତ ଜୀବନରୁ ମାରିବୁ ମାରିବୁ। ଏ କଲେଜକୁ ମଧ୍ୟ ରଖିବୁ ନାହିଁ। ଏ କଲେଜ ରହିଲେ ସିନା ଏତେ ସବୁ ସମସ୍ୟା ହେବ। ମୂଳୁ ମାରିଲେ ଯିବ ସରି, ଦେବଙ୍କ ସଙ୍ଗେ କିମ୍ପା କଳି।

ଉତ୍ତ୍ୟକ୍ତ ଜନତାଙ୍କ ଭିଡ ବଢ଼ି ବଢ଼ି ଯାଉଥିଲା। ସମସ୍ତେ ଦିଶୁଥିଲେ ରକ୍ତମୁଖା। ସେମାନଙ୍କ ହାବ ଭାବ ଦେଖି କିଛି ଗୋଟେ ବଡ ଧରଣର ବିଭ୍ରାଟ ସୃଷ୍ଟି ହୋଇଯିବ ଭାବି ବ୍ୟସ୍ତ ହୋଇ ପଡୁଥିଲେ ସୁଦର୍ଶନ ବାବୁ। ତାଙ୍କର ମାନସିକ ସ୍ଥିତିକୁ ଠଉରାଇ ଗୋଲେଖ ବାବୁ କହିଲେ- କିଛି ଗୋଟାଏ ବ୍ୟବସ୍ଥା କରନ୍ତୁ, ନଚେତ ଖୁବ୍ ଖରାବ ହୋଇ ଗୋଟେ ବିରାଟ ଅଘଟଣ ଘଟି ଯାଇପାରେ।

ଲୋକମାନଙ୍କୁ ରୁହ, ରୁହ, ଶୁଣ ଶୁଣ କହି ତାଙ୍କ ସହିତ ଏକ ରକମ ଧାଉଁଥିଲେ ସୁଦର୍ଶନ ବାବୁ ଓ ତାଙ୍କ ପଛେ ପଛେ ଗୋଲେଖ, ଦଶରଥ ଓ ବିଚିତ୍ର। ହଠାତ୍ ଭିଡ ଗୋଟେ ଜାଗାରେ ଥମ୍ କରି ଅଟକି ଗଲା। ଅପହୃତା ଝିଅଟି ଠିଆ ହୋଇଥିଲା ଭିଡ ସାମ୍ନାରେ। ସମବେତ ଭିଡ ତାଙ୍କୁ ଘେରି ଯାଇ ପ୍ରଶ୍ନ କଲେ- ତୋର କିଛି କ୍ଷତି ହୋଇନି ତ ମାଆ ?

ନା-ମୋର କିଛି କ୍ଷତି ହୋଇନି। ସେ ପିଲାମାନେ ସମସ୍ତେ ନିଶାସକ୍ତ ଥିଲେ। ନିଶା ଜୋରରେ ଉଠାଇ ନେବା ପରେ ତାଙ୍କର ହୋସ ଆସିଗଲା। ନିଶା ଖସିବା କ୍ଷଣି ପ୍ରାଣମୂର୍ଚ୍ଛା କୁଆଡେ ଦୌଡି ପଳାଇଲେ।

ସୁଦର୍ଶନ ବାବୁ ଏକଥା ଶୁଣି ଈଶ୍ୱରଙ୍କ ଉଦ୍ଦେଶ୍ୟରେ ହାତ ଟେକିଲେ।

ଭିଡ ପୁଣିଥରେ ପ୍ରଶ୍ନ କଲା-କୁଆଡେ ଗଲେ ସେମାନେ ? ଜୀବନ ବିକଳରେ ସେମାନେ ତ ଦୌଡିଲେ, କହିହେବ କ'ଣ ସେମାନେ କୁଆଡେ ଗଲେ। ଜୀବନ ପ୍ରତି ବିପଦ ନାହିଁ ବୋଲି ଆଶ୍ୱସ୍ତ ହେଲା ଯାଏଁ ତ ସେମାନେ ଧାଇଁଥିବେ।

ଆଉ ଜଣେ କହିଲେ-ଧାଇଁ ଧାଇଁ ଅବା କେତେ ବାଟ ଯାଇଥିବେ, ଚାଲ ଖୋଜିବା ତାଙ୍କୁ।

ଆଉ ଜଣେ କହିଲା- ଝିଅର ତ କିଛି କ୍ଷତି ହୋଇନି, ଏବେ ସେମାନଙ୍କ ପଛରେ ଧାଇଁ ସମୟ କାହିଁକି ନଷ୍ଟ କରିବା। ବରଂ ଚାଲ ଏ ସମସ୍ୟାର ଜଡକୁ ମୂଳରୁ ଉଖାଡି ଦେବା।

ହଁ ହଁ ଠିକ୍ କଥା, ଚାଲ ସେ କଲେଜ ପାଖକୁ। ଭିଡ ମୁହାଁଇଲା କଲେଜ ଆଡେ। ସୁଦର୍ଶନ ବାବୁ ବହୁତ ଚେଷ୍ଟା କଲେ ସେଥିରୁ ସେମାନଙ୍କୁ କ୍ଷାନ୍ତ କରିବାକୁ। ହେଲେ ଭିଡ ଆଦୌ ପ୍ରସ୍ତୁତ ନଥିଲା ତାଙ୍କ କଥା ଶୁଣିବାକୁ।

ଭିଡ କଲେଜ ଗେଟ୍ ପାଖରେ ପହଞ୍ଚିବା କ୍ଷଣି ସୁଦର୍ଶନ ବାବୁ ଭିଡ ଠେଲି ଗେଟ୍ ଆଗରେ ଠିଆ ହେଲେ। ତାଙ୍କ ସହ ଯାଇ ଠିଆ ହେଲେ ଗୋଲେଖ, ଦଶରଥ ଓ ବିଚିତ୍ର। ସମସ୍ତଙ୍କୁ ହାତଯୋଡି ସୁଦର୍ଶନ ବାବୁ କହିଲେ- ଦେଖ, ଏଇଟା ଏକ ଶିକ୍ଷାୟତନ। ମଣିଷ ଗଢ଼ିବା ଉଦ୍ଦେଶ୍ୟରେ ଗଢ଼ା ଯାଇଥିବା ଏକ ଅନୁଷ୍ଠାନ। କିଛି ଉଦଭ୍ରାନ୍ତ ଯୁବକଙ୍କ କର୍ମ ପାଇଁ ଏହାକୁ ନଷ୍ଟ କଲେ ଆମର କ'ଣ ଲାଭ ହେବ ?

ଭିତରୁ ଉଠୁଥିଲା ଆଓ୍ୱାଜ-ନା, ଏଇ କଲେଜ ହିଁ ସବୁ ସମସ୍ୟାର ମୂଳ। ମୂଳ ନ ଉପୁଡିବା ଯାଏ ଲାଗି ରହିଥିବ ସମସ୍ୟା।

ଏହା କେମିତି ସବୁ ସମସ୍ୟାର ମୂଳ ହେବ ? ଏହି କଲେଜ ତିଆରି ପାଇଁ ତ ଏ ଅଞ୍ଚଳର ପ୍ରତ୍ୟେକ ଘର ସେମାନଙ୍କ ପେଟରୁ କାଟି ଦାନ ଦେଇଛନ୍ତି। ତମେମାନେ ଯିଏ ସବୁ ଆସିଛ ଏହାକୁ ନଷ୍ଟ କରିବାକୁ, ଏହାକୁ କରିବାରେ ମଧ୍ୟ ସହଯୋଗ କରିଛି। ଏବେ ନିଜ ସୃଷ୍ଟିକୁ ଧ୍ୱଂସ କରି କି ଲାଭ ପାଇବ ?

ଏ କଲେଜ ଯେଉଁ ଉଦ୍ଦେଶ୍ୟରେ ତିଆରି ହୋଇଥିଲା ତାହା ଏକ ବୃଥା ଉଦ୍ଦେଶ୍ୟ ଥିଲା।

ନା-ଏହା ତୁମର ବୁଝିବାର ଭ୍ରମ। ଉଦ୍ଦେଶ୍ୟ କେବେ ବୃଥା ନଥିଲା। ସମସ୍ତଙ୍କର ମହତ୍ ଉଦ୍ଦେଶ୍ୟରେ ପ୍ରୟୋଗଶାଳା ଥିଲା ଏକ କଲେଜ। କଲେଜ ସ୍ଥାପନର ଉଦ୍ଦେଶ୍ୟରେ କୌଣସି ତ୍ରୁଟି ନାହିଁ। ତ୍ରୁଟି ଅଛି ପ୍ରଚଳିତ ଶିକ୍ଷା ପଦ୍ଧତିରେ ଯାହା ପାଇଁ ସୃଷ୍ଟି ହୋଇଛି ଏତେ ବିଶୃଙ୍ଖଳା। ତେବେ ଏବେ ବି ସମୟ ଡେରୀ ହୋଇଯାଇନି। ଆମେ ସମସ୍ତେ ଚାହିଁଲେ ଏବେ ମଧ୍ୟ ଏହାକୁ ସଜାଡି ପାରିବା।

ଭିଡରୁ ଉତ୍ତର ଆସୁଥିଲା- ଏହାକୁ ସଜାଡିବା ଆଉ ସମ୍ଭବ ନୁହେଁ, କେବଳ ଏହାର ବିନାଶ ହିଁ ସମ୍ଭବ। ଆଉ ଠିଆ ହୋଇ ଦେଖୁଛ କ'ଣ, କାମ ଆରମ୍ଭ କର। ଢାଳ ପେଟ୍ରୋଲ ଲଗାଅ ନିଆଁ।

(କ୍ରମଶଃ)





## ଜୀବନାଷ୍ଟକ

**ଡ. ମୌସୁମୀ ପରିଡା**

ଜହ୍ନରେ ଶହେଭାଗରୁ ଅନେଶ୍ୱତ ଭାଗ
ଆଲୋକ ଖୋଜାଚାଲିଥିଲା..
ଏକ ଭାଗ ଆଲୋକ କିନ୍ତୁ
ଅନେଶ୍ୱତ ଭାଗର କଳଙ୍କରେ ମରିପଡିଥିଲା,
ଏବେ ସେଠି ରାତିର ଶାସନ..
ଜହ୍ନର ମୃତ୍ୟୁରେ ଆକାଶ ବିବର୍ଣ୍ଣ!
ସେ ଗଭାରେ ପଦ୍ମ ସଜାଇ ମହମହ ବାସୁଥିଲା
ତା' କୋମଳ ପାଖୁଡାକୁ ଛୁଇଁଲା ପରେ
ଦେହସାରା କଳାନାଗର ବିଷ..
ଆଖିଆଗେ ଜମାଟ ବାନ୍ଧିଥିବା
ରାତି ଓ କାନପାଖେ ମୃତ୍ୟୁର ଗଜଲ!
ସିନ୍ଥିରେ ସିନ୍ଦୂର, ହାତରେ ଚୂଡି ପିନ୍ଧି
ସେ ଅପେକ୍ଷା କରିଥିଲା ଚିହ୍ନା ପଦଶବ୍ଦକୁ,
ଯେଉଁ ଶବ୍ଦ ତା ଜୀବନକୁ ନିଃଶବ୍ଦ କରି
ଅନ୍ୟର କୁଞ୍ଜବନେ ବେଣୁରେ ସୁର ଭରୁଥିଲା!
ସେ ଫୁର କରି ପବନରେ
ଉଡେଇ ଦେଇଥିଲା ଅବଶୋଷକୁ,
ଦୁଃଖକୁ କାଗଜ ଡଙ୍ଗା କରି
ଭସେଇ ଦେଇଥିଲା ନଦୀରେ..।
ଜାଣିନଥିଲା ସେମାନେ ଦିନେ 'ଫଣି' ହୋଇ
ତା' ଅସ୍ତିତ୍ୱ ଉଜାଡିବେ!
'ପ୍ରେମ'.. ଆଜିକାଲି ଗୋଟେ ବାସଫୁଲ,
ବାସ୍ନାଥିବା ଯାଏଁ ଆଛନ୍ନ ରଖେ!
ପ୍ରତିଜ୍ଞା..ନିଆଁ ଶିଖାରୁ ଧାରେ,
ଅଖଣ୍ଡ ଦୀପପରି ନୀରବରେ ଜଳୁଥାଏ।
ସେ ତା' ପାଇଁ ସଜ ହେବାକୁ ଆଇନା ଦେଖେ
ସେ ଆସିଲା ପରେ ତା' ମୁହଁ ପରଖେ,
ପୁଣି ଭାଂଗିଯାଏ ଆଇନାର କାଚ ପରି ..!
ଆହା..ତା' ହସ!!
କେଜାଣି କେତେ ଆଖିର ଲୁହ,
କେତେ ପ୍ରତାରଣାର ଖଣ୍ଡାଧାରରେ
ଝରିଥିବା ଛାତିର ରୁଧିର, ଛଳନାର ସାହାରାରେ
ଲଂଘିଥିବା ସେ ଲଣ୍ଡା ପାହାଡ,
ପ୍ରବଂଚନାରେ ରଚିଥିବା ମାୟାମହଲ..
ଏ ସମସ୍ତେ ହାରମାନିଥିଲେ
ତା' ହସର ବିଷ ବଳୟରେ,
ଲାଗୁଥିଲା 'ଛଳନାର ଜୟ'
ସବୁ କାଳେ, ପୁଣି ପ୍ରତି ମୁହୂର୍ତ୍ତରେ!!
ସୁନ୍ଦରତା କୋଉଠି ଥାଏ,
ମନରେ ନା ଆଖିରେ!
କାହା ପାଇଁ ଅପେକ୍ଷା ଆଜନ୍ମ!
ଥରୁଟେ ସେ ସୁନ୍ଦରତା ମନକୁ ମୋହିଲେ
ଆଉ କଣ କିଛି ସୁନ୍ଦର ହୋଇ ରହେ..!!
ଆମରଣ ଈଶ୍ୱରଙ୍କୁ ଭୋଗି ହେଉଥାଏ!!

ମାର୍ଫତ / ଡାକ୍ତର ସାରଦା ପ୍ରସନ୍ନ ସ୍ୱାଇଁ
ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିସର, ଜଗତସିଂହପୁର



## ଥକିଗଲା

**ଗଜାନନ ମିଶ୍ର**

ବହୁତ ହେଲା, ବହୁତ ସହିଲେ,
ବହୁତ ଦେଖିଲେ, ବହୁତ କହିଲେ।
ଆଉ ଯାହା ଯାହା ହେଲା, ବହୁତ ହେଲା।
ଗତକାଲି ହେଲା ଆଜି ଆଉ ଆଜି ହେଲା
ଆମର ଆଉ ଆମେ ଆନନ୍ଦରେ ମାତିଲେ
ଆସନ୍ତାକାଲି ସ୍ୱପ୍ନରେ।
ବହୁତ ହେଲା, ବହୁତ ଅଭିନୟ କଲେ,
ଗାଳିଗୁଲଜ କଲେ, ମାଡପିଟ କଲେ,
ଶାନ୍ତି ହଜେଇଲେ।
ଯେ ଯୁଆଡେ ଗଲେ
ବହୁତ ଦୂରୁ ବହୁତ ଦୂରକୁ।
ଆଉ ଆସିଲେ ବହୁତ
ପାଖୁ ପାଖକୁ।
ଯୋଉଠି ଯୋଉଠି ଯିଏ ଯିଏ ଥିଲେ
ସେଇଠୁ ସେଇଠୁ ମାପିବସିଲେ
ନିଜେ ନିଜକୁ, ଯୋଉ ମପାର
ନ ଥିଲା କିଛି ସଠିକ୍ ହିସାବ।
ବହୁତ ହେଲା, ହୋଇ ହୋଇ
ଆଗପଛ ହଜିଲା,
ଉପରତଳ ଅଦୃଶ୍ୟ ରହିଲା,
ବହୁତ ହେଲା ହଇହଲ୍ଲା।
ଆଉ ଏସବୁ ଭିତରେ
ଶବ୍ଦ ଝୁଲିଲା, ଭାବ ହଜିଲା,
ରସ ଶୁଖିଲା, ରଙ୍ଗ ଖେଳିଲା
ଆଉ ଖେଳି ଖେଳି ରହିଲା
ଯୋଉଠି ସେଇଠି।
ବହୁତ ହେଲା, ବହୁତ ବହୁତ,
ଆଉ ଥକିଗଲା।

*ତପୋବନ, ଟିଟିଲାଗଡ, ବଲାଙ୍ଗୀର*

## ପିଲାଙ୍କ ଦୁନିଆ





**ପ୍ରତ୍ୟୁଷ ମିଶ୍ର**
ଷ୍ଟାଣ୍ଡାର୍ଡ - ୟୁକେଜି
ଡିଏଭି ପବ୍ଲିକ ସ୍କୁଲ
ପୁରୀ ରୋଡ

## ଯେ ପକ୍ଷୀ ଉଡେ ଯେତେ ଦୂର

**ଲିପ୍ସା ପଟେଲ**





ପ୍ରତ୍ୟେକ ମଣିଷ କିଛି ନା କିଛି ଅଭାବବୋଧ ଭିତରେ ବଞ୍ଚିବା ନୂଆ କଥା ନୁହେଁ। ସଂପୂର୍ଣ୍ଣତା କେବେ କାହାର ନ ଥାଏ। ଏହା ତ ଗୋଟିଏ ମରୀଚିକା। ଅସଂପୂର୍ଣ୍ଣ ଜୀବନଟିଏରେ ନିଜ ଅଭାବକୁ ଅଣ୍ଡାଳି ଅଣ୍ଡାଳି ସବୁ ମଣିଷ ନିଜ ରାସ୍ତା ପାରିକରନ୍ତି। ଜୀବନରେ ସଂଘର୍ଷ ବିନା ପ୍ରାପ୍ତି ନାହିଁ କି ମୁକ୍ତି ନାହିଁ। ଏଇ କଥା ରାହୁଲ କେତେ ବୁଝିଛି ଜଣାନାହିଁ, କିନ୍ତୁ ସବୁଠି ସେ ନିଜକୁ ଅନ୍ୟମାନଙ୍କ ସହ ତଉଲୁଥାଏ। ସ୍କୁଲରୁ କଲେଜ, ଖେଳ ପଡିଆରୁ ବ୍ୟାଡମିଣ୍ଟନ କୋର୍ଟ, ସପିଂ ମଲରୁ ପାର୍କ, ସେଲୁନରୁ ଅଫିସ୍ ସବୁବେଳେ ସବୁ ଜାଗାରେ ଏକ ତୁଳନାତ୍ମକ ଚିନ୍ତା ହିଁ ତା' ମୁଣ୍ଡରେ ବସା ବାନ୍ଧିଥାଏ। ଏଇ ଅଭ୍ୟାସ ପାଇଁ କେବେ ସେ ଲାଭବାନ ହୋଇପାରିଛି ତ କେବେ ଏକୁଟିଆ ଅନୁଭବ କରିଛି। ଯେତେ ଚେଷ୍ଟା କଲେ ବି ସେ ଏଇ ଅଭ୍ୟାସକୁ ଦୂରେଇ ପାରିନି।

ଏଇ ତୁଳନାତ୍ମକ ଭାବନାଟି ରାହୁଲର ବାପା ପାଇଁ ହିଁ ତା' ମୁଣ୍ଡରେ ବସା ବାନ୍ଧିଛି। ସବୁବେଳେ ତାଙ୍କର ରାହୁଲ ଉପରେ ଅଶାନ୍ତି। ପାଖ ପଡିଶାଙ୍କ ପୁଅ କିଏ କ୍ରିକେଟ ଖେଳି ନାଁ କଲାଣି, ଶ୍ରେଣୀରେ ତାଙ୍କ ଅଫିସର ଯୋଷୀ ବାବୁଙ୍କ ପୁଅ କାହିଁକି ପ୍ରଥମ ହେବ ତୁ କାହିଁକି ନୁହେଁ ? ଛୁଟିରେ ରାହୁଲର ପିଉସୀ ରୂପାଲି ତା' ପୁଅଝିଅଙ୍କୁ ଧରି ଆସିଲେ ସେଇଠି ବି ରାହୁଲର ବାପା ତୁଳନା କରିବା ଆରମ୍ଭ କରିଦେବେ। ରୂପାଲିର ପୁଅ ଚେତନ ଦେଖିବାକୁ କେତେ ସୁନ୍ଦର, ପାଠପଢାରେ ବି ଓସ୍ତାଦ। ଏଇ ମନୋଭାବଠାରୁ ଦୂରେଇ ରହିବାକୁ ରାହୁଲର ମା' କେତେ ବୁଝାଇଛନ୍ତି ; ମାତ୍ର ତା' ବାପା କାହା କଥା ଶୁଣିବା ଲୋକ ନୁହନ୍ତି। ତୁଳନାତ୍ମକ ଚିନ୍ତାଧାରା ହିଁ ମଣିଷକୁ ଆଗେଇ ନିଏ। ଉନ୍ନତି କରିବାକୁ ଉତ୍ସାହିତ କରେ। ଏମିତି ସବୁ ଯୁକ୍ତି ବାଢନ୍ତି।

ରାହୁଲ ଉପରେ ଏସବୁର ନକାରାତ୍ମକ ପ୍ରଭାବ ନ ପଡୁ ବୋଲି ତା' ମା' ତାକୁ ସବୁବେଳେ ସକାରାତ୍ମକ ଚିନ୍ତନର ଭିଡିଓ ଦେଖାଉଥିଲେ। ସମୟ ମିଳିଲେ ଅନେକ ଶିକ୍ଷଣୀୟ ଗପ କହୁଥିଲେ। ରାହୁଲର ପାଠପଢାରେ କିମ୍ବା ବ୍ୟାଡମିଣ୍ଟନ ଖେଳରେ ଏହାର ପ୍ରଭାବ ନ ପଡୁ ବୋଲି ସେ ବିଶେଷ ଯତ୍ନ ନେଉଥିଲେ। ରାହୁଲର ବାପା କିନ୍ତୁ ସବୁବେଳେ ଅସନ୍ତୋଷ। ଆହୁରି ମାର୍କ ଆସିବା କଥା, ବ୍ୟାଡମିଣ୍ଟନରେ ରାଜ୍ୟ ନୁହେଁ ଦେଶ ପାଇଁ ଖେଳିବାକୁ ପଡିବ। ବେଳେ ବେଳେ ରାହୁଲ ଏକୁଟିଆ କାନ୍ଦେ। ଥରେ ପୂଜା ଛୁଟିରେ ଚେତନ ଦେବୀ ବିସର୍ଜନ ବେଳେ ନଦୀରେ ଭାସିଯାଉଥିଲା। ରାହୁଲ ତାକୁ ବଞ୍ଚାଇବା ପାଇଁ ଆଦୌ ଉଦ୍ୟମ କଲା ନାହିଁ। ଅନ୍ୟ ଲୋକଙ୍କ ସହାୟତାରେ ତାକୁ ଉଦ୍ଧାର କରାଗଲା। ରାହୁଲର ମା' ଠିକ୍ ଜାଣିଲେ ଏହା ହେଉଛି ତା' ବାପାଙ୍କର ତୁଳନା କରିବାର ଫଳାଫଳ। ସେ ତ ଆଶଙ୍କା କରୁଥିଲେ କାଳେ ରାହୁଲ ଜାଣିଶୁଣି ଚେତନକୁ ଧକ୍କା ଦେଇନି ତ ? ମାତ୍ର ପିଲାଟିକୁ ପଚାରି ତାକୁ ଆଘାତ ଦେବା ପାଇଁ ଚାହିଁ ନଥିଲେ।

ଯେଉଁ ପରୀକ୍ଷାରେ ରାହୁଲ ପ୍ରଥମ ହେବ ତା' ବାପା ରିପୋର୍ଟ କାର୍ଡ ଧରି ଅଫିସ୍ ସାରା ଦେଖାଉଥିଲେ। ମା'କୁ କହୁଥିଲେ ଏଇଟା ତାଙ୍କ ଉତ୍ସାହିତ କରିବାର ପରିଣାମ। ସେ ଯଦି ଯୋଷୀ ବାବୁଙ୍କ ପୁଅ ସହ ତୁଳନା ନ କରିଥାନ୍ତେ ତେବେ ରାହୁଲ କ'ଣ ଶ୍ରେଣୀରେ ପ୍ରଥମ ହୋଇଥାନ୍ତା ? ଏହାର ଓଲଟା ହୁଏ ଯେତେବେଳେ ରାହୁଲ ଦ୍ୱିତୀୟ କିମ୍ବା ତୃତୀୟ ସ୍ଥାନ ଅଧିକାର କରେ। ସେତେବେଳେ ତା' ମା' ଏଇ ତୁଳନା କରିବା ଛାଡି ଦେବାକୁ ବୁଝାନ୍ତି। କିନ୍ତୁ କେହି କାହା କଥା ଶୁଣନ୍ତି ନାହିଁ। ବିଚରା ରାହୁଲ ହିଁ ପେଷି ହୋଇଯାଏ।

ରାହୁଲ ସ୍କୁଲରୁ କଲେଜ ଗଲା ପରେ ମଧ୍ୟ ନିସ୍ତାର ନଥିଲା। ଏବେ ତ ଚାକିରି କଲାଣି। ତା' ମା' ପୁଅ ପାଇଁ ବୋହୂ ଆଣିବାକୁ ବାଟ ଦେଖୁଛନ୍ତି ; କିନ୍ତୁ ତା' ବାପାଙ୍କର ସେଇ ସମାନ ଅଭିଯୋଗ। କେତେ ବଡ ଚାକିରି କରିଦେଉଛି ଯେ ମୁଁ ତା'ପାଇଁ ଝିଅ ଖୋଜିବାକୁ ଯିବି ? ଅମୁକର ପୁଅ ପ୍ରଶାସନିକ ଅଧିକାରୀ, ସମୁକର ପୁଅ ବିଦେଶ ଗଲାଣି ଆଉ ଆମ ଟୋକା ଏଇଠି ବ୍ୟାଙ୍କର କିରାଣୀ। ଯଦି ମ୍ୟାନେଜର ହୋଇଥାନ୍ତା ଅନ୍ତତଃ ମୁଁ କାର୍ ନେଇ କେତେ ଗର୍ବର ସହିତ ଝିଅ ଖୋଜିଥାନ୍ତି। ତା' ମା' କହନ୍ତି ଯାହା ଯେତିକି ଆମର ଚେଷ୍ଟା ବାକି ତ ଈଶ୍ୱରଙ୍କ ଇଚ୍ଛା। ପୁଅ ପାଖରେ ଅଛି, ସ୍ୱାବଲମ୍ବୀ ହୋଇପାରିଛି। ଲୋକ କ'ଣ ଝିଅ ଦେବେନି ନା କ'ଣ ? ସେ ତାଙ୍କର କିଛି ବାନ୍ଧବୀ ଓ ବନ୍ଧୁ ପରିଜନଙ୍କ ସହାୟତାରେ ଝିଅ ଠିକଣା କରୁଥିଲେ। ରାହୁଲକୁ ଦେଖାଇଲେ ସେ ନିଜର କୌଣସି ପସନ୍ଦ ପ୍ରକାଶ କରୁନଥିଲା। ଝିଅ ତାକୁ ପସନ୍ଦ କରିବ ତ ? ଏଇ ପ୍ରଶ୍ନଟିଏ ହିଁ ତା'ର ବାଟ ଓଗାଳୁଥିଲା।

ରାହୁଲର ମା' ପୁଅ ପାଇଁ ତାଙ୍କର ଜଣେ ବାନ୍ଧବୀର ଝିଅ ନେହାକୁ ପସନ୍ଦ କରିଥିଲେ। ଜାତକ ମେଳ ମଧ୍ୟ କରାଇସାରିଥିଲେ। ତା' ବାପା ତ ଯାହା କରୁଛ କର କହି ନିଜ ବାଟରେ ଚାଲିଯାଉଥିଲେ। କିଛି ନହେଲେ ବି ଝିଅ ଦେଖିବାକୁ ସେମାନେ ତିନିହେଁ ଏକାଠି ନ ଗଲେ କଥାଟା ଅସୁନ୍ଦର ହେବ। *(କ୍ରମଶଃ)*

## କବିତାର କଥା

(ଭାଗ-୪୮)



**ଉମାକାନ୍ତ ରାଉତ**



## ମାଟି ମଣିଷର କବି - ବସନ୍ତ ମୁଦୁଲି

ଯେତେବେଳେ ନିଜକୁ ମଙ୍ଗୁଆଳ ବୋଲି ଡେଙ୍ଗୁରା ପିଟୁଥିବା କିଛି ପ୍ରଚାରସର୍ବସ୍ୱ ମୁଣ୍ଡିଆଳ ସାହିତ୍ୟକୁ ନିଜର ମୁଖାରୂପେ ବ୍ୟବହାର କରିବାକୁ ଲାଗିଲେ, ତାକୁ ଧୋବଧବଳିଆ ଶଙ୍ଖ ବିଲେଇଟେ କରି କୋଳରେ ପୁରାଇ ଉଷୁମ ଟାଣି ମସଗୁଲ ହେବାକୁ ଲାଗିଲେ; ଯେଉଁ କେତେଜଣ କତିପୟ ନିରୋଳା କବି ଝିଟିପିଟି ସତ କହିଲା ପରି ଆମକୁ ସଚେତନ କରାଇ ରାହା ଦେଖାଇଲେ ସେହି କାଳଖଣ୍ଡରେ ସେମାନଙ୍କ ମଧ୍ୟରେ ପ୍ରମୁଖ ସ୍ଥାନରେ ରହିବେ ବସନ୍ତ ମୁଦୁଲି। ଭାନୁମତୀର ପେଡି, ରାଧାର ରମଣ, ଧୂପର ପ୍ରଦୂଷଣ କରୁଥିବା ଧୂଆଁ ତଥା କପଟତାରି କପଟପାଶା କବଳରୁ ମୁକୁଳେଇବାର ସ୍ୱର ତୋଳିଥିବା ଅଗ୍ରଗଣ୍ୟମାନଙ୍କ ମଧ୍ୟରେ କବି ବସନ୍ତ ମୁଦୁଲି ଏକ ପ୍ରମୁଖ ସ୍ଥାନର ଅଧିକାରୀ। ବାରବାଟୀ ଚାଷଜମି ଅକ୍ତିଆର କରି ସରଳ ସାଧାରଣ ମଣିଷର ଜୀବନକୁ ମାଟି କରି ଦେଉଥିବା କପଟୀ ସାହିତ୍ୟିକ ଯେତେବେଳେ ମାଟି ମଣିଷର କଥା କହିବାର ଶଠତା କଲା, କବି ବସନ୍ତ ମୁଦୁଲି ଦରଜା ଖୋଲା ରଖିବାକୁ କହି ସେଭଳି ଛଳନା ଓ କାବ୍ୟିକ ଶଠତାର ପର୍ଦ୍ଦାଫାସ କଲେ। ଅନ୍ଧାର ଭିତରେ ନିବିବନ୍ଧ ଶ୍ଳଥ କରିବାକୁ ପ୍ରଦୀପ ଲିଭାଇବାକୁ କହୁଥିବା କବିମାନଙ୍କ ପ୍ରତି ସେ ଜବରଦସ୍ତ ପ୍ରତିବାଦର ସ୍ୱର ତୋଳିଲେ ତାଙ୍କର ମାଟି ଓ ମଣିଷ ମନସ୍କ କବିତା ପୁଞ୍ଜରେ। ଜୀବନରୁ ଜୀବନ ଲୁଟି ନେଇ କେବଳ ଶୈଳୀ ବୋଲି ଫୁସୁଲେଇବାରେ ଲାଗିଥିବା ଜୀବନକୁ ତୁଚ୍ଛକରି ଜୀବନ ଅପେକ୍ଷା ଶୈଳୀର କଥା ଅଧିକ କହୁଥିବା, ନିଜର ଆତ୍ମମ୍ଭରିତାପଣରେ ଆପଣାର ରଙ୍ଗଦିଆ ନିଶକୁ ଜୋରରେ ସୋଡୁଥିବା ଆତ୍ମପ୍ରଚାର ସର୍ବସ୍ୱ ଗଣ୍ଡକୁହୁକୀ ଖଇଛାମାନଙ୍କ ପ୍ରତି ସତର୍କ କରି ସେ କହିଥିଲେ

"କବିମାନେ ଏବେ ବନ୍ଦୀ ଅଛନ୍ତି
ଶସ୍ତା ପ୍ରେମ / ଶୃଙ୍ଗାର ରସ ଓ
ମୃତ୍ୟୁଚେତନାରେ
ଏବଂ ମାନପତ୍ର, ପ୍ରଶଂସାର ଲୋଭେ
ନିଜପାଇଁ ଲବି କରିବାରେ।"

ଅସଲ କବିଟିଏ ଯେତେ ପାହାଚ ପରେ ପାହାଚ ଉଠିଲେ ବି, ମାଟି ସହ ତା'ର ନିବିଡତାକୁ କେବେ ଛାଡି ନଥାଏ। କବି ବସନ୍ତ ମୁଦୁଲି ସେହିଭଳି ଜଣେ ମାଟି ସଂଗଲଗ୍ନ, ମାଟିପ୍ରେମୀ, ମାଟି ମଣିଷର ନିଆର କବି ଯେଉଁ ଫୁଲକୁ ଯେତେ ଖୋଲିଲେ ଆହୁରି ଆହୁରି ପାଖୁଡାମାନ ମେଲିଯାଉଥାଏ।

(କ୍ରମଶ)

*କଥା ହୁଅନ୍ତୁ : ୯୪୩୭୨୬୭୧୨୫*



EKAMAATRA
ଏକମାତ୍ର
ଅନୁସନ୍ଧାନ ପରେ ଖବର
ପରିକ୍ରମା






### ଅବାଧରେ ବିକ୍ରି ଚାଲିଛି ଏକ୍ସପାଇରୀ ଖାଦ୍ୟ ସାମଗ୍ରୀ

# ପ୍ରଶାସନର ନିଘା ନାହିଁ

**ନବରଙ୍ଗପୁର :** ନବରଙ୍ଗପୁର ସହରରେ ଅବଧି ଶେଷ ହୋଇଥିବା ଖାଦ୍ୟ ସାମଗ୍ରୀ ଅବାଧରେ ବିକ୍ରି ଚାଲିଥିବା ଅଭିଯୋଗ ହୋଇଛି। ବିଶେଷ କରି ମିଠା ଦୋକାନ ଓ ଜେନରାଲ ଷ୍ଟୋରରେ ଅବଧି ଶେଷ ହୋଇଥିବା ମିଠା ଜାତୀୟ ଖାଦ୍ୟ ସାମଗ୍ରୀ ବିକ୍ରି ଖୋଲା ଖୋଲି ଚାଲିଛି। ଆଜିକାଲି ଦାମିକିଆ ଚକଲେଟ, ବିସ୍କୁଟ, କେକ, ରସଗୋଲା, ଗୁଲାବଜାମ, ଫଳରସ ବିଭିନ୍ନ ମିଠା ଦୋକାନରେ ଓ ବିଭିନ୍ନ ଜେନରାଲ ଷ୍ଟୋରରେ ବିକ୍ରି ଚାଲିଥିବାବେଳେ ବିଶେଷ କରି ଛୋଟ ଛୁଆମାନେ ଏଗୁଡିକ ଖାଇବାକୁ ଭଲ ପାଇଥାନ୍ତି। ଏହାର ଚାହିଦାକୁ ଦୃଷ୍ଟିରେ ରଖି ଏହାର ଫାଇଦା ନେବାକୁ ଅବଧି ସରିଥିବା ଜିନିଷ ବିକ୍ରି କରିବାକୁ ଦୁସାହସ କରି ଚାଲିଛନ୍ତି ସମ୍ପୃକ୍ତ ବ୍ୟବସାୟୀ ମାନେ। ଅପରପକ୍ଷେ




ଜିଲ୍ଲାରେ ହେଲ୍ଥ ଇନିସ୍‌ପେକ୍ଟର ନଥିବା ଯୋଗୁଁ ବାଘ ନଥିବା ଘରେ ମିରିଗ ନାଟ ଚାଲିଛି। ନିଜର ମୁନଫା କମେଇବା ପାଇଁ ତଳ ସ୍ତରକୁ ଖସି ଯାଇଛନ୍ତି ଦୋକାନୀ। ନିକଟରେ ଦୁଇ ଜଣ ପିଲା ମାନେ ଗୋଟିଏ ମିଠା ଦୋକାନ ଯାଇ ବିସ୍କୁଟ କେକ ଆଦି ଖାଦ୍ୟ ସାମଗ୍ରୀ କ୍ରୟ କରିଥିଲେ। ତେବେ ସେହି ପ୍ୟାକଟ ଖୋଲୁ ଖୋଲୁ ପୋକ ସାଲୁ ବାଲୁ ହେଉଥିବା ଦେଖିବାକୁ ମିଳିଥିଲା। ଏହି ସମ୍ପର୍କରେ ଦୋକାନୀର ଦୃଷ୍ଟିକୁ ଅଣାଯାଇଥିଲା। ଏହାପରେ ସନ୍ଧ୍ୟାରେ ପୁନର୍ବାର ପିଲା ମାନେ ସମ୍ପୃକ୍ତ ଦୋକାନ ଯାଇ କିଛି ଜିନିଷ କିଣିଥିଲେ। ଏଥର ବି ପୂର୍ବ ଭଳି ପ୍ୟାକେଟ ଭିତରେ ପୋକ ସାଲୁ ବାଲୁ ହେଉଥିବା ଦେଖିବାକୁ ପାଇଥିଲେ। ସନ୍ଦେହ ହେବାରୁ ଦୋକାନରେ ଗଛିତ ରଖା ଯାଇଥିବା ଅନ୍ୟ ପ୍ୟାକଟର ଅବଧି ଦେଖିଥିଲେ ପିଲାଙ୍କ ଅଭିଭାବକ ମାନେ। ଆଶ୍ଚର୍ଯ୍ୟ ଚକିତ କଲା ଭଳି ପ୍ରାୟ ପ୍ରତ୍ୟେକ ପ୍ୟାକଟର ଅବଧି ଶେଷ ହୋଇଯାଇଥିଲା। ଏହି ପୋକ ସାଲୁ ବାଲୁ ହେଉଥିବା ଭିଡିଓ ଓ ଅବଧି ଶେଷ ହୋଇଥିବା ପ୍ୟାକଟ ଗୁଡିକର ଫଟୋ ବର୍ତ୍ତମାନ ସୋସିଆଲ ମିଡିଆରେ ଘୁରିବୁଲୁଥିବା ଦେଖିବାକୁ ମିଳିଛି। ଏଣୁ ଜିଲ୍ଲା ପ୍ରଶାସନ ଫୁଡ ଇନିସ୍ପେକ୍ଟରଙ୍କ ଦ୍ୱାରା ଚେକିଂ କରାଇ ଖାଦ୍ୟ ଗୁଡିକୁ ବିକ୍ରୟ ଉପଯୋଗୀ କରି ବିକ୍ରି କରାଇବାକୁ ଜନ ସାଧାରଣରେ ଦୃଢ଼ ଦାବି ହେଉଛି, ନଚେତ କେତେବେଳେ ଅକାଳରେ କେତେ ଶିଶୁଙ୍କ ଜୀବନ ଚାଲିଯିବ ସେଥିପାଇଁ କିଏ ଦାୟୀ ରହିବ ବୋଲି ଜନ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏଣୁ ପ୍ରଶାସନ ଏ ଦିଗରେ ତୁରନ୍ତ ଦୃଷ୍ଟି ଦେବାକୁ ବୁଦ୍ଧିଜୀବୀ ମହଲରେ ଦାବି ହେଉଛି।

# ଖବରକାଗଜ ବିତରକଙ୍କ ପାଇଁ ମୁଖ୍ୟମନ୍ତ୍ରୀଙ୍କ ସାମାଜିକ ସୁରକ୍ଷା ଯୋଜନା ଘୋଷଣା




**ଜଗତସିଂହପୁର/ଭୁବନେଶ୍ୱର :** ସକାଳ ହେଲାମାନେ ଗାଁ ଗହଳି ଠାରୁ ଆରମ୍ଭ କରି ସହର ପର୍ଯ୍ୟନ୍ତ ଖଣ୍ଡେଖଣ୍ଡେ ସାଇକେଲରେ ବ୍ୟାଗ ଟାଙ୍ଗି ବର୍ଷା, ଖରା ଓ ଶୀତ କାକରକୁ ନମାନି ସରକାରୀ ଅଧିକାରୀମାନଙ୍କ ଠାରୁ ଆରମ୍ଭ କରି ଗାଁ ଗହଳି ଗରିବ ଲୋକମାନଙ୍କ ଘରେ ଖବରକାଗଜ ପକାଉଥିବା ବିତରକ ମାନଙ୍କ ସଂଘର୍ଷକୁ ଦୃଷ୍ଟିରେ ରଖି ସେମାନଙ୍କ ପାଇଁ ଏକ ସାମାଜିକ ସୁରକ୍ଷା ଯୋଜନା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ଘୋଷଣା ହେବାପରେ ସେମାନଙ୍କ ମଧ୍ୟରେ ଏବେ ଖୁସିର ଲହରି ଖେଳିଯାଇଛି। ଖବରକାଗଜ ଖଣ୍ଡେ ବାଂଟିବାକୁ ରାଜି ହେଉନଥିବା ବହୁ ଯୁବପୀଢି ବା ବୟୋଜ୍ୟେଷ୍ଠ ବ୍ୟକ୍ତି ମୁଖ୍ୟମନ୍ତ୍ରୀଙ୍କ ସାମାଜିକ ସୁରକ୍ଷା ଘୋଷଣା ପରେ ଖବରକାଗଜ ବିତରଣ କରିବାପାଇଁ ଆଗ୍ରହ ପ୍ରକାଶ ପାଇଲାଣି। ମୁଖ୍ୟମନ୍ତ୍ରୀଙ୍କ ଘୋଷଣା ପରେ ଏହି ଯୋଜନା ଅନୁଯାୟୀ ଅଣସଂଗଠିତ ଶ୍ରମିକ ସାମାଜିକ ସୁରକ୍ଷା ବୋର୍ଡ ଅଧୀନରେ ପଂଜୀକୃତ ହୋଇଥିବା ବିତରକ ମାନଙ୍କୁ ସାମାଜିକ ସୁରକ୍ଷା ଯୋଗାଇ ଦିଆଯିବ। ଏହି ଯୋଜନା ଅନୁଯାୟୀ ଦୁର୍ଘଟଣା ଜନିତ ମୃତ୍ୟୁ କ୍ଷେତ୍ରରେ ସେମାନଙ୍କ ପରିବାରକୁ ୨ଲକ୍ଷ ଟଙ୍କା ଓ ପ୍ରାକୃତିକ ମୃତ୍ୟୁ କ୍ଷେତ୍ରରେ ୧ଲକ୍ଷ ଟଙ୍କା ସହାୟତା ରାଶି ଯୋଗାଇ ଦିଆଯିବ। ସେହିପରି ଦୁର୍ଘଟଣା ଯୋଗୁଁ ସମ୍ପୂର୍ଣ୍ଣ ଅକ୍ଷମ ହୋଇଥିବା ବିତରକ ମାନଙ୍କୁ ୧.୫ ଲକ୍ଷ ଟଙ୍କା ଏବଂ ଆଂଶିକ ଅକ୍ଷମଣ କ୍ଷେତ୍ରରେ ଉଭୟ ଅଙ୍ଗ ହରାଇଥିବା ବ୍ୟକ୍ତିମାନଙ୍କୁ ୮୦ହଜାର ଟଙ୍କା ଓ ଗୋଟିଏ ଅଙ୍ଗ ହରାଇଥିବା ବ୍ୟକ୍ତିଙ୍କୁ ୪୦ହଜାର ଟଙ୍କା ସହାୟତା ରାଶି ପ୍ରଦାନ କରାଯିବ। ଏପରିକି କୋଭିଡ ଯୋଗୁଁ ସେମାନେ ସମ୍ମୁଖୀନ ହୋଇଥିବା ଆର୍ଥିକ ଦୁସ୍ଥିତିକୁ ଦୃଷ୍ଟିରେ ରଖି ସବୁ ପଂଜୀକୃତ ଖବରକାଗଜ ବିତରକ ମାନଙ୍କୁ ୨ଟି ପର୍ଯ୍ୟାୟରେ ୩ହଜାର ଟଙ୍କା ଲେଖାଏଁ ସ୍ୱତନ୍ତ୍ର ସହାୟତା ରାଶି ଦେବାପାଇଁ ନିଷ୍ପତି କରାଯାଇଛି। ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠି ମଧ୍ୟରୁ ଏହି ସହାୟତା ସବୁ ଯୋଗାଇ ଦିଆଯିବ। ଖବରକାଗଜ ବିତରକମାନେ କାମ କରିବା ପାଇଁ ବହୁତ ସମୟରେ ଅସୁବିଧାର ସମ୍ମୁଖୀନ ହେଉଥିବାରୁ ଏହି ସମସ୍ୟାକୁ ଦୂର କରିବାପାଇଁ ରାଜ୍ୟ ସରକାର ସେମାନଙ୍କ ଜିଲ୍ଲା ସ୍ତରରେ ଉପଯୁକ୍ତ ୱାର୍କ ସେଡ ନିର୍ମାଣ କରି ଯୋଗାଇ ଦେବାକୁ ନିଷ୍ପତି ଗ୍ରହଣ କରିଛନ୍ତି। ଏହା ସହିତ ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ରାଜ୍ୟ ଓ ଜିଲ୍ଲା ସ୍ତରରେ ବିତରକମାନଙ୍କର ଏକ ଡିଜିଟାଲ ଡାଟା ବେସ ପ୍ରସ୍ତୁତ କରାଯାଇ ସମସ୍ତ ବିତରକ ମାନଙ୍କୁ ଜିଲ୍ଲା ସ୍ତରରେ ଯାଂଚ କରାଯାଇ ପରିଚୟପତ୍ର ପ୍ରଦାନ କରାଯିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ପ୍ରଦାନ କରିଛନ୍ତି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ପ୍ରଥମଥର ...

ଜିଲ୍ଲା ଜଜଙ୍କୁ ଦାୟିତ୍ୱ ଦିଆଯାଇଛି। ଏପରିକି ଏନେଇ ମୋ ସରକାର ଜଣେ ବିଚାରପତିଙ୍କୁ ତଦନ୍ତ ପକ୍ରିୟା ଅନୁଧ୍ୟାନ କରିବା ପାଇଁ ନିଯୁକ୍ତ କରିବାକୁ ହାଇକୋର୍ଟଙ୍କୁ ଅନୁରୋଧ କରିଥିଲା। ଏହାସ୍ୱତେ ମଧ୍ୟ ବିରୋଧୀ ବିଧାୟକ ଜଣେ ସଦସ୍ୟଙ୍କୁ ଗୃହକୁ ପ୍ରବେଶ ନକରାଇଦେବା ଉକ୍ତ ସଦସ୍ୟଙ୍କ ସାମ୍ବିଧାନିକ ଅଧିକାରକୁ କ୍ଷୁର୍ଣ୍ଣ କରୁଛି। ପୋଲିସ ସମ୍ପୂର୍ଣ୍ଣ ଚାପମୁକ୍ତ ହୋଇ ପକ୍ଷପାତିତା ନକରି ତଥ୍ୟ ଓ ପ୍ରମାଣ ଆଧାରରେ ନିର୍ଭୟରେ ତଦନ୍ତ କରିବାକୁ ନିର୍ଦ୍ଦେଶ ଦେଇଛି। ମହିଳା ଅପରାଧ କ୍ଷେତ୍ରରେ ଦୋଷୀ ଯେତେ ପ୍ରଭାବଶାଳୀ ହେଲେ ମଧ୍ୟ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପୋଲିସକୁ ମୁଁ ପୂର୍ବରୁ ମଧ୍ୟ ନିର୍ଦ୍ଦେଶ ଦେଇଛି। ଯେକୌଣସି ମାମଲାରେ ପୋଲିସ ଯଦି ତଦନ୍ତରେ ଅବହେଳା କରିଛି, ସରକାର ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି, ଅତୀତରେ ମହିଳା ହିଂସା ସମ୍ପର୍କିତ ସମ୍ବେଦନଶୀଳ ମାମଲା ସିବିଆଇ କିମ୍ବା ହାଇକୋର୍ଟଙ୍କ ଅନୁଧ୍ୟାନରେ ତଦନ୍ତ କରାଯାଇଛି। ରାଜ୍ୟ ପୋଲିସର ତଦନ୍ତରେ କାହାକୁ ଅନୁକମ୍ପା ଦେଖା ଯାଇନାହିଁ ବୋଲି ସମ୍ପୃକ୍ତ ସଂସ୍ଥା ନିଜ ତଦନ୍ତ ରିପୋର୍ଟରେ ପ୍ରକାଶ କରିଛନ୍ତି। ଗୃହରେ ବିରୋଧୀ ବିଧାୟକମାନେ ଯେଉଁଭଳି ଢଙ୍ଗରେ ଏହି ଘଟଣାକୁ ରାଜନୀତିର ରଙ୍ଗ ଦେଉଛନ୍ତି, ତାହା ମୋତେ ମର୍ମାହତ କରିଛି। ରାଜ୍ୟ ସରକାର ସମ୍ଭାବ୍ୟ ବାତ୍ୟା, ମହାମାରୀ କରୋନା ମୁକାବିଲା ନେଇ ବେଶ ଚାପରେ ଅଛନ୍ତି। ଏହା ଛଡ଼ା ଚାଷୀ ପ୍ରସଙ୍ଗ, ଚାଉଳ ଉଠାଣରେ ଏଫ୍‌ସିଆଇର ମନମାନୀ, କେବିକେ ଓ ଆଦିବାସୀ ଜିଲ୍ଲାକୁ କେନ୍ଦ୍ର ଘର ଯୋଗାଣରେ ବାଧା ଦେଉଛି। ସେପଟେ ଦରଦାମ ବୃଦ୍ଧି, ରନ୍ଧନ ଗ୍ୟାସର ଦୁଇ ଗୁଣା ଦର ସହ ରାଜ୍ୟକୁ କେନ୍ଦ୍ରୀୟ ପାଣ୍ଠି ହ୍ରାସ ସାଧାରଣ ଲୋକଙ୍କୁ ବେସ ପ୍ରଭାବିତ କରୁଛି। ଏସବୁ ପ୍ରସଙ୍ଗରେ ବିରୋଧୀ ବିଧାନସଭାରେ ଆଲୋଚନା କରିବା ବଦଳରେ ଶସ୍ତା ରାଜନୀତିରେ ମାତିଛନ୍ତି। ମୋ ସରକାରକୁ ଓଡ଼ିଶାବାସୀ ସର୍ବଦା ଭରସା, ସମର୍ଥନ ଓ ଆଶୀର୍ବାଦ ଦେଇ ଆସିଛନ୍ତି। ମମିତା ମେହେର ପରିବାରକୁ ସରକାର ନ୍ୟାୟ ଦେବେ, ଏନେଇ ମୁଁ ସଂକଳ୍ପବଦ୍ଧ ବୋଲି ମୁଖ୍ୟମନ୍ତ୍ରୀ ବିଧାନସଭାରେ ବିବୃତି ରଖିଛନ୍ତି। ସେହିପରି ମୁଖ୍ୟମନ୍ତ୍ରୀ କହିଛନ୍ତି ମମିତାର ବାପା-ମାଆ ମଧ୍ୟ ଏହି ଘଟଣାକୁ ନେଇ ରାଜନୀତି ନକରିବାକୁ ଅନୁରୋଧ କରିଛନ୍ତି। ସରକାରଙ୍କ ସଠିକ ତଦନ୍ତ ଏବଂ ପରିବାରର ଅନୁରୋଧ ସ୍ୱତେ ମଧ୍ୟ ବିରୋଧି ଦଳ ଗୁଡ଼ିକ ମମିତା ମେହେର ମୃତ୍ୟୁ ଘଟଣାକୁ ରାଜନୀତିର ରଙ୍ଗ ଦେବାରେ ଅବହେଳା କରୁନାହାଁନ୍ତି। ଯାହା ଗ୍ରହଣୀୟ ନୁହେଁ ବୋଲି କହିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ।

ସେପଟେ ମୁଖ୍ୟମନ୍ତ୍ରୀଙ୍କ ବିବୃତି ନେଇ ପ୍ରତିକ୍ରିୟା ରଖିଛନ୍ତି କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର। ସେ କହିଛନ୍ତି, ମମିତାଙ୍କ ଚରିତ୍ର ସଂହାର ବିରୋଧୀ ନୁହଁନ୍ତି, ରାଜ୍ୟ ସରକାର କରିଛନ୍ତି। ରାଜ୍ୟର ମୁଖ୍ୟମନ୍ତ୍ରୀ ଯାହା ପଢୁଛନ୍ତି ତାହା ବୁଝିନାହାନ୍ତି ବା ମିଥ୍ୟା କହୁଛନ୍ତି। ଚକ୍ରାନ୍ତକାରୀଙ୍କୁ ସୁରକ୍ଷା ଦେବାକୁ ସେ ଉଦ୍ୟମ କରୁଥିବା ତାଙ୍କ ବକ୍ତବ୍ୟରୁ ପ୍ରମାଣିତ ହେଉଛି। ପରୀ ଘଟଣାରେ ୫ଓଞ୍ଚ ତଦନ୍ତ ପାଇଁ ମୁଖ୍ୟମନ୍ତ୍ରୀ ଚିଠି କରିଥିଲେ। ଏବେ ପଛଘୁଞ୍ଚା କାହିଁକି ବୋଲି ନରସିଂହ ପ୍ରଶ୍ନ କରିଛନ୍ତି। ସନ୍‌ସାଇନ୍ ସ୍କୁଲ ଶିକ୍ଷୟିତ୍ରୀ ମମିତା ମେହେରଙ୍କୁ ହତ୍ୟା କରାଯାଇଥିଲା। ଏହି ମାମଲାରେ ପୁଲିସ୍ ଗୋବିନ୍ଦ ସାହୁ ଓ ତାଙ୍କ ସହଯୋଗୀ ରାଧେକୁ ଗିରଫ କରିଛି। ତେବେ ଏହି ମାମଲାରେ ଗୃହ ରାଷ୍ଟ୍ରମନ୍ତ୍ରୀ କ୍ୟାପଟେନ୍ ଦିବ୍ୟଶଙ୍କର ମିଶ୍ରଙ୍କ ସମ୍ପୃକ୍ତି ଥିବା ଅଭିଯୋଗ ଆସିବା ପରେ ବିରୋଧୀ କଂଗ୍ରେସ ଓ ବିଜେପି ଖଡ଼୍ଗ ହସ୍ତ ହୋଇଛନ୍ତି। ଗୃହ ରାଷ୍ଟ୍ରମନ୍ତ୍ରୀଙ୍କ ଇସ୍ତଫା ଓ ଗିରଫ ଦାବିରେ ରାଜରାସ୍ତାରେ ହୋ-ହଲ୍ଲା କରୁଛନ୍ତି ବିଜେପି ଓ କଂଗ୍ରେସ। ହେଲେ ମୁଖ୍ୟମନ୍ତ୍ରୀ ତାଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନଥିବା ବିରୋଧୀ ଅଭିଯୋଗ କରୁଛନ୍ତି। ସେପଟେ ଗୃହ ରାଷ୍ଟ୍ରମନ୍ତ୍ରୀଙ୍କୁ ବିଧାନସଭା ଭିତରେ ପ୍ରବେଶ କରିବାକୁ ଦେବେ ନାହିଁ ବୋଲି ବିରୋଧୀ ପୂର୍ବରୁ ଚେତାବନୀ ଦେଇଥିଲେ। ଏହା ସତ୍ତ୍ୱେ ଗୃହ ରାଷ୍ଟ୍ରମନ୍ତ୍ରୀ କ୍ୟାପଟେନ୍ ଦିବ୍ୟଶଙ୍କର ମିଶ୍ର ବିଧାନସଭାକୁ ଆସିଥିଲେ। ଯାହାକୁ ବିରୋଧୀ ବିରୋଧ କରି ଗୃହ ମଧ୍ୟ ଭାଗକୁ ଆସି ହୋ-ହଲ୍ଲା କରିଥିଲେ। ଗତକାଲି ବିଜେପି ବିଧାୟକମାନେ ଗୃହ ମଧ୍ୟ ଭାଗକୁ ଆସି କଳା ଗାମୁଛା ଦେଖାଇ ପ୍ରତିବାଦ କରିଥିଲେ।

### ମୁଖ୍ୟମନ୍ତ୍ରୀଙ୍କ ବିବୃତିକୁ

କରାଯାଉଛି ବୋଲି କହିଛନ୍ତି ବିରୋଧୀ ଦଳର ମୁଖ୍ୟ ସଚେତକ ମୋହନ ଚରଣ ମାଝି ଏବଂ ବିଧାୟକ ଜୟ ନାରାୟଣ ମିଶ୍ର। ଉଭୟ ନେତା କହିଛନ୍ତି ଯେ, ମମିତା ମେହେର ହତ୍ୟା ଅକ୍ଟୋବର ୮ ତାରିଖରେ ହୋଇଥିବା ବେଳେ ଦୀର୍ଘ ପାଖାପାଖି ୨ ମାସ ପର୍ଯ୍ୟନ୍ତ ମୁଖ୍ୟମନ୍ତ୍ରୀଙ୍କ ନୀରବତା ଓଡ଼ିଶାବାସୀଙ୍କୁ ଦୁଃଖିତ ଓ ବିଚଳିତ କରିଛି। ଆଜିର ବିଧାନସଭା ବିବୃତିରୁ ସ୍ପଷ୍ଟ ଜଣାପଡୁଛି ଯେ, ମୁଖ୍ୟମନ୍ତ୍ରୀଙ୍କର ମମିତା ପ୍ରତି ଦରଦ ନାହିଁ ଏବଂ ନିଜ ମନ୍ତ୍ରୀମଣ୍ଡଳର ସହଯୋଗୀ ଦିବ୍ୟଶଙ୍କରଙ୍କୁ ସୁରକ୍ଷା ଦେବାର ମୂଳ ଉଦ୍ଦେଶ୍ୟ ରହିଛି। ମମିତା ମେହେର ବିଭତ୍ସ ହତ୍ୟାକାଣ୍ଡକୁ ଅଘଟଣ କହି ମୁଖ୍ୟମନ୍ତ୍ରୀ ତାଙ୍କ ଦଳର କର୍ମୀ ଓ ମନ୍ତ୍ରୀଙ୍କ ଦ୍ୱାରା ସୁପରିକଳ୍ପିତ ହତ୍ୟାକାଣ୍ଡକୁ ହାଲୁକା ଭାବେ ଦର୍ଶାଇବା ପାଇଁ ଅପଚେଷ୍ଟା କରିଛନ୍ତି। ଦୀର୍ଘ ଦୁଇ ମାସ ପରେ ଆଜି ମମିତା ମେହେରଙ୍କ ପରିବାରର ଦୁଃଖ କଥା ମନେପଡ଼ିବା ଅତ୍ୟନ୍ତ ହାସ୍ୟାସ୍ପଦ ଓ ଛଳନା ଅଟେ। ଇତିମଧ୍ୟରେ ମୁଖ୍ୟମନ୍ତ୍ରୀ କଳାହାଣ୍ଡି, ବରଗଡ଼ ଓ ଝାରସୁଗୁଡ଼ା ଗସ୍ତ କରିଥିଲେ ମଧ୍ୟ ମମିତାର ପରିବାରକୁ ଭେଟି ସମବେଦନା ଜଣାଇବା ସହ ନ୍ୟାୟର ପ୍ରତିଶ୍ରୁତି ନ ଦେଇପାରିବା ପ୍ରମାଣିତ କରୁଛି ଯେ ତାଙ୍କର ଆନ୍ତରିକତା ନାହିଁ। ଯଦି ମମିତା ଭଳି ପୀଡ଼ିତାଙ୍କ ପାଇଁ ନ୍ୟାୟ ମାଗିବା "ରାଜନୀତିକରଣ" ତା' ହେଲେ ମୁଖ୍ୟମନ୍ତ୍ରୀଙ୍କର ଅଞ୍ଜନା ଗଣଦୁଷ୍କର୍ମରେ ଜାନକୀ ସରକାର ବିରୁଦ୍ଧରେ ଅଗ୍ରଣୀ ଭୂମିକା ରାଜନୀତିକରଣ ଥିଲା କି? ୧୯୯୯ ଜାନୁଆରୀ ୩ ତାରିଖରେ ଅଞ୍ଜନା ମିଶ୍ର ଗଣ ଦୁଷ୍କର୍ମ କେସରେ ମୁଖ୍ୟମନ୍ତ୍ରୀ ଏଫଆଇଆର ଦେବା ପାଇଁ କଟକ ଯାଇଥିଲେ କି ନାହିଁ? ତତ୍କାଳୀନ ମୁଖ୍ୟମନ୍ତ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ଇସ୍ତଫା ଦାବି କରିଥିଲେ କି ନାହିଁ? କଟକରୁ ଫେରିବା ପରେ ଓଡିଶା ବନ୍ଦ ଡାକରା ଦେଇଥିଲେ କି ନାହିଁ। ତାହା କଣ ରାଜନୀତି ନଥିଲା ? ମମିତାର ପରିବାର ସେତେବେଳେ ଶାନ୍ତିରେ ରହିବେ ଯେତେବେଳେ ଅସଲି ଅପରାଧି ଓ ଷଡ଼ଯନ୍ତ୍ରକାରୀମାନେ ଦଣ୍ଡିତ ହେବେ। ମୁଖ୍ୟମନ୍ତ୍ରୀଙ୍କ ବିବୃତିରୁ ସ୍ପଷ୍ଟ ଜଣାପଡୁଛି ଯେ, ସିଏ ଗୃହ ରାଷ୍ଟ୍ର ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କୁ ସୁରକ୍ଷା ଦେବା ପାଇଁ ନିଜେ ବାହାରି ଆସୁଛନ୍ତି। ବାରମ୍ବାର ହାଇକୋର୍ଟ ଏବଂ ନ୍ୟାୟାଳୟର କଥା କହି ଦିବ୍ୟଶଙ୍କରଙ୍କ ସୁରକ୍ଷା ପାଇଁ ନ୍ୟାୟାଳୟକୁ ଢ଼ାଲ କରିବାର ଅପଚେଷ୍ଟା କରିନଥାନ୍ତେ। ଏବେ ଯାଏଁ ନ୍ୟାୟାଳୟ ଏମିତି କୌଣସି ନିର୍ଦ୍ଦେଶନାମା ଜାରୀ କରିନାହାନ୍ତି, ଯେଉଁଠାରେ ସେ ତଦନ୍ତର ମନିଟରିଂ କରିବା ପାଇଁ ଅବସରପ୍ରାପ୍ତ ଜିଲ୍ଲା ଜଜକୁ ନିଯୁକ୍ତି ଦେଇଥାନ୍ତେ। ଆମର ନ୍ୟାୟିକ ବ୍ୟବସ୍ଥା ଉପରେ ସମ୍ପୂର୍ଣ୍ଣ ବିଶ୍ୱାସ ରହିଛି କିନ୍ତୁ ଯେଉଁଭଳି ଭାବରେ ପ୍ରଥମ ଦିନରୁ ପୋଲିସ ତଦନ୍ତକୁ ବାଟବଣା କରିଛି, ତଥ୍ୟପ୍ରମାଣ ନଷ୍ଟ କରିଛି, ଏଫଆଇଆର ରୁଜୁ କରିବା ପାଇଁ ପୀଡ଼ିତା ପରିବାରକୁ ଚାରି ଚାରୋଟି ଥାନା ବୁଲାଇଛି, ଅଭିଯୁକ୍ତ ଗୋବିନ୍ଦ ସାହୁଙ୍କୁ ତିନୋଟି ଥାନାକୁ (ସିନ୍ଧେକେଲା, ତୁରେଇକେଲା,ଟିଟିଲାଗଡ଼) ବିନା କୋର୍ଟ ଫରୱାର୍ଡରେ ସ୍ଥାନାନ୍ତରିତ କରିନଥାନ୍ତେ। ସେହିପରି ସନ୍ଦେହଜନକ ପରିସ୍ଥିତିରେ ମମିତାର ବ୍ୟାଗ, ସୁନା, ଚେନ, ରୂପା, ପାଉଁଜି ଯାହାକି ସିଜ୍ ହେବା ଉଚିତ୍ କିନ୍ତୁ ପରିବାର ବର୍ଗକୁ ହସ୍ତାନ୍ତର କରାଗଲା। ସିଡ଼ି କୁଆଡେ ଗଲା,ଏବଂ ଫୋନ ଆନାଲିସିସ ନ ହେବା ଏ ସବୁ ସ୍ପଷ୍ଟ କରୁଛି ଯେ ତଦନ୍ତ ଦିଗହରା କରିବାକୁ ରାଜ୍ୟ ସରକାର ଅପଚେଷ୍ଟା କରିଛନ୍ତି। ଶୁଣାଣୀର ପ୍ରକ୍ରିୟା ଫାଷ୍ଟ ଟ୍ରାକ୍ ସେତେବେଳେ ହୋଇପାରିବ ଯେତେବେଳେ ତଦନ୍ତ ନିରପେକ୍ଷ ବିନା ଚାପରେ ଏବଂ ସମୟସାରଣୀ ଭିତରେ ସମ୍ପନ୍ନ ହେବ। କିନ୍ତୁ ଯେତେବେଳେ ଦିବ୍ୟଶଙ୍କର ମିଶ୍ର ଯାହାଙ୍କର ମମିତା ମେହେର ହତ୍ୟାକାଣ୍ଡ ଭୂମିକାର ନିର୍ଦ୍ଦିଷ୍ଟ ଅଭିଯୋଗ ଅଣାଯାଇଛି। ଗୃହ ରାଷ୍ଟ୍ର ମନ୍ତ୍ରୀ ଭାବରେ ତାଙ୍କର ପଦବୀରେ ଥିଲେ, ସେତେବେଳ ଯାଏ ନିରପେକ୍ଷ ତଦନ୍ତ ହୋଇପାରିବ ନାହିଁ। ଯାହାଙ୍କ ନାମରେ ଅଭିଯୋଗ ଆସିଛି ସେ ନିଜେ ତଦନ୍ତ ବିଭାଗର ମୁଖିଆ ହୋଇ ରହିଲେ ନିରପେକ୍ଷ ବିନା ଚାପରେ ତଦନ୍ତ ଅସମ୍ଭବ ଏହା ସମସ୍ତେ ଜାଣନ୍ତି। ଗୃହ ରାଷ୍ଟ୍ର ମନ୍ତ୍ରୀ ବହିଷ୍କାରରୁ ତଦନ୍ତ ଆରମ୍ଭ ହେବା ଉଚିତ୍। ମୁଖ୍ୟମନ୍ତ୍ରୀ ତଦନ୍ତକୁ କୌଣସି ସମୟ ସୀମା ମଧ୍ୟରେ ସରିବାର କଥା ନ କହି କେବଳ ଫାଷ୍ଟଟ୍ରାକ୍ କଥା କହିବା ଓଡ଼ିଶାବାସୀଙ୍କୁ ଭୂଆଁ ବୁଲାଇବା ସଦୃଶ। ଆମ ଦ୍ୱାରା ପଚରାଯାଇ ଥିବା କୌଣସି ଉତର ମୁଖ୍ୟମନ୍ତ୍ରୀ ରଖିନପାରିବା ଓ ହତ୍ୟାକାଣ୍ଡର ବିଭିନ୍ନ ଦିଗ ଉପରେ ନକହିବା, ପୋଲିସର ପକ୍ଷପାତିତା - ତାଙ୍କ ସରକାରଙ୍କ ମହିଳାଙ୍କ ପ୍ରତି ପ୍ରତିବଦ୍ଧତା ଓ ନ୍ୟାୟ ପ୍ରକ୍ରିୟା ଉପରେ ଥିବା ବିଶ୍ୱାସକୁ ଅବିଶ୍ୱାସରେ ପରିଣତ କରିଛି। ଏ ସବୁ କଥା କହି ଅସଲ ଅପରାଧୀ ଓ ଷଡ଼ଯନ୍ତ୍ରକାରୀଙ୍କୁ ଘଣ୍ଟ ଘୋଡ଼ାଇବାକୁ ଚେଷ୍ଟା କରୁଛନ୍ତି। ନିଜର ଜାଗୀ ମନ୍ତ୍ରୀଙ୍କୁ ବହିଷ୍କାର ନକରି ତାଙ୍କୁ ପ୍ରଶଂସା କରି ମୁଖ୍ୟମନ୍ତ୍ରୀ ତଦନ୍ତକାରୀ ପୋଲିସ ବିଭାଗକୁ ସ୍ପଷ୍ଟ ଯାଏଁ ନିର୍ଦ୍ଦେଶ ଦେଇଛନ୍ତି ଯେ ମନ୍ତ୍ରୀଙ୍କୁ ବାଦ୍ ଦେଇ ତଦନ୍ତ କର। ଆମ୍ଭେ ମୁଖ୍ୟମନ୍ତ୍ରୀଙ୍କ ଏ ବିବୃତିକୁ ଭତ୍ସନା କରୁଛୁ। ମମିତା ହତ୍ୟାକାଣ୍ଡରେ ବିବୃତି ଦେବା ଆଳରେ ମୁଖ୍ୟମନ୍ତ୍ରୀ ବାତ୍ୟା, କୋଭିଡ୍ ମହାମାରୀ, ଚାଷୀ ପ୍ରସଙ୍ଗ, ଗ୍ରାମୀଣ ଆବାସ ଯୋଜନା, ଏଲପିଜି ଦରବୃଦ୍ଧି କଥା କହି ଏ ବିଭତ୍ସ ହତ୍ୟାକାଣ୍ଡରୁ ନଜର ହଟାଇବାକୁ ଅପଚେଷ୍ଟା କରି ରାଜନୀତି କରୁଛନ୍ତି ଓ ମମିତାର ଆତ୍ମାକୁ ଆଘାତ ପହଁଚାଇଛନ୍ତି। ଅତିତରେ ଘଟିଥିବା କୌଣସି ମହିଳା ବିରୋଧୀ ଅପରାଧ ଯଥା କୁନ୍ଦୁଲି, ଇତିଶ୍ରୀ, ବେବିନା, ମାଧବୀଲତା, ସ୍ମିତାରାଣୀ, ପରୀ, କୌଣସି ପ୍ରସଙ୍ଗରେ ପୀଡ଼ିତାର ପରିବାର ନ୍ୟାୟ ପାଇପାରି ନାହାନ୍ତି। ତେଣୁ ମୁଖ୍ୟମନ୍ତ୍ରୀଙ୍କର ଏହି ଛଳନାପୂର୍ଣ୍ଣ ବିବୃତି ମିମତାଙ୍କ ପରିବାରକୁ ନ୍ୟାୟ ନୁହେଁ ବରଂ ଦିବ୍ୟଶଙ୍କର ମିଶ୍ରଙ୍କୁ ବଞ୍ଚାଇବା ପାଇଁ ଏକ ଅପଚେଷ୍ଟା ଓଡ଼ିଶାବାସୀଙ୍କୁ ଗଭୀର ଆଘାତ ପହଁଚାଇଛି ବୋଲି ଶ୍ରୀ ମିଶ୍ର ଓ ଶ୍ରୀ ମାଝୀ କହିଛନ୍ତି।

### ଶିଶୁ ଅଧିକାର ...

ଦିଆଯାଉନି ସେନେଇ ସେ ମନ୍ଦିର ପ୍ରଶାସନକୁ ତାଗିଦ୍ କରିବେ ବୋଲି କହିଛନ୍ତି। ଏହାସହ ସିଂହଦ୍ୱାର ନିକଟରେ ଶିଶୁ ମାନେ ଦର୍ଶନ ନକରି ଘଣ୍ଟା ଘଣ୍ଟା ଛିଡା ହେବା ଶିଶୁ ଅଧିକାର ଆଇନ୍‌କୁ ଉଲ୍ଲଂଘନ କରୁଛି। ଏହାଦ୍ୱାରା ପର୍ଯ୍ୟଟନ କ୍ଷେତ୍ର ପ୍ରଭାବିତ ହେଉଥିବାରୁ ପର୍ଯ୍ୟଟନ ବିଭାଗର ଦୃଷ୍ଟି ଆକର୍ଷଣ କରିବେ ବୋଲି ଅଧ୍ୟକ୍ଷା କହିଛନ୍ତି। ଅପରପକ୍ଷେ, ଦୂରଦୂରାନ୍ତରୁ ପରିବାର ସହ ପ୍ରଭୁ ଲିଙ୍ଗରାଜଙ୍କ ଦର୍ଶନ କରିବାକୁ ଆସୁଥିବା ପର୍ଯ୍ୟଟକ ମନ୍ଦିର ପ୍ରଶାସନର ଏପରି ନିଷ୍ପତ୍ତି ଶୁଣି ଚକିତ ହୋଇ ଯାଉଛନ୍ତି। ପିଲାଙ୍କୁ କାହା ଭରସାରେ ଓ କେଉଁଠି ଛାଡ଼ି ଭିତରକୁ ଯିବେ ସେ ନେଇ ପ୍ରଶ୍ନ କରିଛନ୍ତି। ମନ୍ଦିର ପ୍ରଶାସନ ନିୟମ ଲାଗୁ କଲେ, ଏହା କିପରି ପାଳନ ହେବ ସେ ନେଇ ମଧ୍ୟ ଗୁରୁତ୍ୱାରୋପ କରି ପଦକ୍ଷେପ ଗ୍ରହଣ କରିବା ଉଚିତ ବୋଲି କହିଛନ୍ତି ପର୍ଯ୍ୟଟକ। ହେଲେ ମନ୍ଦିର ପ୍ରଶାସନ କେବଳ ନିୟମ ଲାଗୁ କରି ଚୁପ୍ ବସିଥିବାରୁ ସେମାନେ ଅସନ୍ତୋଷ ଝାଡ଼ିଛନ୍ତି।

### ଓଡିଶାର ଆକାଂକ୍ଷୀ ...

ପ୍ରକ୍ରିୟାରେ ଏହି କାର୍ଯ୍ୟ କରାଯିବ। ଏହି ନିଷ୍ପତି ୫ଟି ରାଜ୍ୟର ଆକାଂକ୍ଷୀ ଜିଲ୍ଲା ଗୁଡ଼ିକରେ ୪ଜି ସେବା ଉପଲବ୍ଧ ନ ଥିବା ୭,୨୮୭ ଗ୍ରାମରେ ଡ଼ିଜିଟାଲ ସେବାକୁ ଗତି ଦେବା ସହ ବିକାଶମୂଳକ କାର୍ଯ୍ୟକୁ ସହଯୋଗ କରିବ ଏବଂ ପ୍ରାକୃତିକ ବିପର୍ଯ୍ୟୟ ପ୍ରସ୍ତୁତିକୁ ମଜବୁତ କରିବା ସଙ୍ଗେସଙ୍ଗେ ଶିକ୍ଷାନୁଷ୍ଠାନ ଗୁଡ଼ିକୁ ମଧ୍ୟ ଇଂଟରନେଟ୍ ପ୍ରଦାନ କରିବାରେ ସହାୟକ ହେବ। ଏହାବ୍ୟତିତ କେବଳ ଓଡ଼ିଶାର ୧୦ଟି ଆକାଂକ୍ଷୀ ଜିଲ୍ଲାର ୩,୯୩୩ ଗ୍ରାମରେ ହାଇସ୍ପିଡ୍ ମୋବାଇଲ୍ ଏବଂ ଇଂଟରନେଟର ସଂଯୋଗୀକରଣ ହେବ। ଏହି ନିଷ୍ପତି ଡିଜିଟାଲ ଇଣ୍ଡିଆ ଏବଂ ଡିଜିଟାଲ ସଂଯୋଗୀକରଣର କଳ୍ପନାକୁ ପୂରଣ କରିବାରେ ସହାୟକ ହେବ। ନିଯୁକ୍ତି ସୁଯୋଗର ଉପଲବ୍ଧତା ବଢିବ ଓ ଘରୋଇ ବିନିର୍ମାଣକୁ ପ୍ରୋତ୍ସାହନ ଦେବ ବୋଲି କେନ୍ଦ୍ରମନ୍ତ୍ରୀ ଟ୍ୱିଟ୍ କରିଛନ୍ତି।

### ବିରୋଧୀଙ୍କ ...

ଦିବ୍ୟଶଙ୍କର ମିଶ୍ରଙ୍କୁ ବିରୋଧ କରିଥିବାବେଳେ କଂଗ୍ରେସ ବିଧାୟକମାନେ ପ୍ଲାକାର୍ଡ ଧରି ଗୃହ ଭିତରେ ଓ ବାହାରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଗୃହମନ୍ତ୍ରୀ ଶ୍ରୀ ମିଶ୍ର ବିଧାନସଭା ପରିସରକୁ ଅପବିତ୍ର କରିଥିବାରୁ ବିଜେପି ଏଭଳି ଢଙ୍ଗରେ ବିଧାନସଭାକୁ ଶୁଦ୍ଧି କରୁଛି ବୋଲି ବିଜେପି ବିଧାୟକମାନେ କହିଥିଲେ। ସେହିପରି କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର କହିଛନ୍ତି ଯେ, ସରକାର ତୁରନ୍ତ ମମିତା ମେହେର ହତ୍ୟା ମାମଲାର ତଦନ୍ତ ହାଇକୋର୍ଟଙ୍କ ତତ୍ତ୍ୱାବଧାନରେ ଏସଆଇଟି ମାଧ୍ୟମରେ କରାନ୍ତୁ। ଅନ୍ୟପକ୍ଷରେ ଅପରାହ୍ନ ୪ଟାରେ ଗୃହ କାର୍ଯ୍ୟ ଆରମ୍ଭ ହେବାପରେ ବିରୋଧୀ ସଦସ୍ୟମାନେ ଗୃହର ମଧ୍ୟଭାଗକୁ ଆସି ହଟ୍ଟଗୋଳ ଜାରି ରଖିଥିଲେ। ତେବେ ଭର୍ଚୁଆଲ ମାଧ୍ୟମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ କହିବା ପାଇଁ ବାଚସ୍ପତି ଶ୍ରୀ ପାତ୍ର ଅନୁମତି ଦେଇଥିଲେ। ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ ପ୍ରଥମଥର ପାଇଁ ଗତ ଦୁଇମାସ ମଧ୍ୟରେ ମମିତା ମେହେର ହତ୍ୟା ପ୍ରସଙ୍ଗରେ ମୁହଁ ଖୋଲି ନିରପେକ୍ଷ ତଦନ୍ତ ଓ ଦୋଷୀଙ୍କୁ କଠୋର ଦଣ୍ଡରେ ଦଣ୍ଡିତ କରିବାର ଆଶ୍ୱାସନା ଦେଇଥିଲେ ମଧ୍ୟ ବିରୋଧୀ ଦଳର ସଦସ୍ୟମାନଙ୍କୁ ଏହା ସନ୍ତୁଷ୍ଟ କରିପାରିନଥିଲା। ମୁଖ୍ୟମନ୍ତ୍ରୀଙ୍କ ଭାଷଣକୁ ବିରୋଧୀ ଦଳ ବିରୋଧ କରି ହଟ୍ଟଗୋଳ ଜାରି ରଖିବାରୁ ବାଚସ୍ପତି ଗୃହକୁ ଆସନ୍ତାକାଲି ପୂର୍ବାହ୍ନ ସାଢ଼େ ୧୦ଟା ପର୍ଯ୍ୟନ୍ତ ମୁଲତବୀ ଘୋଷଣା କରିଥିଲେ। ସୂଚନାଯୋଗ୍ୟ, ଉଭୟ ବିଜେପି ଓ କଂଗ୍ରେସ ବିଧାୟକମାନେ ମମିତା ମେହେର ହତ୍ୟା ମାମଲାରେ ଗୃହମନ୍ତ୍ରୀଙ୍କ ବହିଷ୍କାର ଓ ଗିରଫ ଏବଂ ସିବିଆଇ ତଦନ୍ତ ଦାବି ଜିଦରେ ଅଟଳ ଥିବାରୁ ଗୃହ କାର୍ଯ୍ୟ ସ୍ୱାଭାବିକ ହୋଇପାରୁନି।

### 'ସ୍ମାର୍ଟ ସ୍କୁଲ' ପରେ ...

ନିର୍ଦ୍ଦେଶ ଦିଆଯାଇଛି। କଲେଜ ପରିସରରେ ବୃକ୍ଷରୋପଣ, ଛାତ୍ରଛାତ୍ରୀମାନଙ୍କ ନିୟମିତ ସ୍ୱାସ୍ଥ୍ୟ ଯାଂଚ, ସ୍ୱେଚ୍ଛାମୂଳକ କାର୍ଯ୍ୟ ଆଦି ଉପରେ ଗୁରୁତ୍ୱ ଦେବାକୁ କୁହାଯାଇଛି। କେବଳ ସେତିକି ନୁହେଁ, କଲେଜର ପୁରାତନ ଛାତ୍ରଛାତ୍ରୀଙ୍କୁ କଲେଜ ସହ ଯୋଡ଼ି ସେମାନଙ୍କଠୁ କଲେଜର ବିକାଶ ପାଇଁ ପାଣ୍ଠି ସଂଗ୍ରହ କରିବା ଓ ଯେତିକି ଅର୍ଥ ସଂଗ୍ରହ ହେବ ତା'ର ଦ୍ୱିଗୁଣ ଅର୍ଥ ସରକାର ସମ୍ପୃକ୍ତ କଲେଜକୁ ଯୋଗାଇ ଦେବେ ବୋଲି ହୋଇଥିବା ପୂର୍ବ ନିଷ୍ପତ୍ତିକୁ ବିଶେଷ ଭାବେ ପ୍ରୋତ୍ସାହିତ କରିବାକୁ କୁହାଯାଇଛି। ଡିଗ୍ରୀ କଲେଜରୁ ଅଲଗା ହୋଇଥିବା ଯୁକ୍ତ ଦୁଇ କଲେଜଗୁଡ଼ିକର ଭିତ୍ତିଭୂମି ନିର୍ମାଣକୁ ବିଶେଷ ଗୁରୁତ୍ୱ ଦେବାକୁ ମଧ୍ୟ ମୁଖ୍ୟ ସଚିବ ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି। ସୂଚନାଯୋଗ୍ୟ, ଗତ ୪ ଦିନ ତଳେ ରାଜ୍ୟ ସରକାର ଏହି 'ସ୍ମାର୍ଟ କଲେଜ' ରୂପାନ୍ତର ପାଇଁ ଡିଷ୍ଟ୍ରିକ୍ଟ କଲେଜ ଡେଭଲପମେଣ୍ଟ ଫେସିଲେସନ କମିଟି(ଡିସିଡିଏଫସି) ଗଠନ କରିଥିଲେ। ଏହି ସ୍ମାର୍ଟ କଲେଜ କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ସରକାର ପ୍ରତ୍ୟେକ ଜିଲ୍ଲା ପାଇଁ ଗଢ଼ିଥିବା କମିଟିରେ ଜିଲ୍ଲାପାଳ ଅଧ୍ୟକ୍ଷତା କରୁଥିବାବେଳେ ପୁଲିସ ଏସପି, ଉପଜିଲ୍ଲାପାଳ, ଜିଲ୍ଲାର ସମସ୍ତ ସରକାରୀ ଓ ଅନୁଦାନପ୍ରାପ୍ତ ବେସରକାରୀ ଡିଗ୍ରୀ କଲେଜର ଅଧ୍ୟକ୍ଷଙ୍କ ସମେତ ଆରଡି,ଆରଆଣ୍ଡବି, ଜିଇଡି, ପିଏଚଡି ଆଦି ବିଭାଗର ଡିଭିଜନ ମୁଖ୍ୟ(ଜିଲ୍ଲାପାଳ ନିର୍ଦ୍ଧାରଣ କରିବେ)ଙ୍କୁ ସଦସ୍ୟ ଭାବେ ଏହି କମିଟିରେ ସାମିଲ କରାଯିବ। କମିଟିର ଆବାହକ ଭାବେ ଉଚ୍ଚଶିକ୍ଷା ବିଭାଗର ଆଂଚଳିକ ନିର୍ଦ୍ଦେଶକ କିମ୍ବା ଉପନିର୍ଦ୍ଦେଶକ କାର୍ଯ୍ୟ କରିବେ। ଏହି କମିଟିର ସଂଯୋଜକ ସଦସ୍ୟ ଭାବେ ଜିଲ୍ଲାର ଅତିରିକ୍ତ ଜିଲ୍ଲାପାଳ ରହିବେ। ଜିଲ୍ଲାପାଳ ଚାହିଁଲେ ଆବଶ୍ୟକତା ଅନୁସାରେ ମ୍ୟୁନିସପାଲ କମିଶନର ଓ ସିଡିଏମଓଙ୍କୁ ଏହି କମିଟିରେ ସାମିଲ କରିପାରିବେ।

### ଚିନ୍ତା ବଢ଼ାଇଲା ...

ବାହାଘର ଓ ବରଯାତ୍ରୀ ବେଳେ ଫେସ ମାସ୍କ, ସାନିଟାଇଜର, ହ୍ୟାଣ୍ଡୱାସ୍ ଭଳି ମୌଳିକ ଜିନିଷର ବ୍ୟବହାର କରାଯାଉନି। ଏହା ସମସ୍ତଙ୍କ ପାଇଁ ଚିନ୍ତାର ବିଷୟ। କରୋନା ସଂକ୍ରମଣ ହ୍ରାସ ପାଇଥିବାରୁ ଲୋକମାନେ ପୁଣିଥରେ ଅସାବଧାନ ହେଲେଣି। କିନ୍ତୁ ଆମକୁ ମନେ ରଖିବା ଉଚିତ ଯେ ଡେଲ୍ଟା ଭାରିଆଣ୍ଟ ସମୟରେ ହଠାତ୍ ସଂକ୍ରମଣ ବୃଦ୍ଧି ପାଇଥିଲା। ଲକ୍ଷଲକ୍ଷ ଲୋକ ସଂକ୍ରମିତ ହେବା ସହ ଅନେକ ପ୍ରାଣ ହରାଇଥିଲେ। ତେଣୁ ଆଗକୁ ଓମିକ୍ରନ ଆସୁଛି। ଏପରି ସ୍ଥିତିରେ ଆମେ କୌଣସି ପ୍ରକାରର ଅବହେଳା କରିବା ଉଚିତ ନୁହେଁ ବୋଲି ସେ କହିଛନ୍ତି।

# ଲୋକାର୍ପିତ ହେଲା ୧୦୦ଫୁଟ୍ ଉଚ୍ଚତା ସମ୍ପନ୍ନ ଜାତୀୟ ପତାକା



**ନବରଙ୍ଗପୁର :** ନବରଙ୍ଗପୁର ଜିଲ୍ଲା ପ୍ରସିଦ୍ଧ ଐତିହାସିକ ତୁରି ନଦୀ ପାଖ ରକ୍ତ ତୀର୍ଥ ସହିଦ ସ୍ତମ୍ଭ ପରିସର ରେ ସାଂସଦ ପାଣ୍ଠି ରୁ ୧୦ ଲକ୍ଷ ଟଙ୍କା ବ୍ୟୟ ରେ ନିର୍ମାଣ ହୋଇ ଥିବା ୧୦୦ ଫୁଟ ଉଚ୍ଚତା ସମ୍ପନ୍ନ ଜାତୀୟ ପତାକା କୁ ଆଜି ଲୋକାର୍ପିତ ହୋଇ ଯାଇଛି।ଲୋକାର୍ପିତ ଫଳକ ରେ ମୁଖ୍ୟ ଅତିଥି ନବରଙ୍ଗପୁର ଲୋକ ପ୍ରିୟ ସାଂସଦ ରମେଶ ଚନ୍ଦ୍ର ମାଝୀ, ସମ୍ମାନିତ ଅତିଥି ଡାବୁଗାଁ ଲୋକ ପ୍ରିୟ ବିଧାୟକ ମନୋହର ରନ୍ଧାରି, ଜିଲ୍ଲା ପରିଷଦ ଅଧକ୍ଷା ଭଗବତୀ ଭତ୍ରା, ନବରଙ୍ଗପୁର ଲୋକ ପ୍ରିୟ ଜିଲ୍ଲାପାଳ ଡା କମଳ ଲୋଚନ ମିଶ୍ର ପ୍ରମୁଖସହ୍ ଅନ୍ୟ ଅତିଥି ମାନେ ରହି କାର୍ଯ୍ୟକ୍ରମ ସମ୍ପାଦନ କରାଯାଇ ଏକ ସଭାର ଆୟୋଜନ ହୋଇଥିଲା। ଏହି ଅବସରରେ ରକ୍ତ ତୀର୍ଥ ସ୍ମୃତି କମିଟି ସଭାପତି ବରିଷ୍ଠ ନେତା ସୋମନାଥ ବିଶୋଇଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ସାଂସଦ,ସମ୍ମାନିତ ଅତିଥି ଡାବୁଗାଁ ବିଧାୟକ, ଜିଲ୍ଲା ପରିଷଦ ଅଧକ୍ଷା, ନବରଙ୍ଗପୁର ଜିଲ୍ଲାପାଳ, ସଂଗ୍ରାମୀ ଟାଣୁଆ ନେତା ମନୋରଞ୍ଜନ ତ୍ରିପାଠୀ, ବରିଷ୍ଠ ନେତା ନାରାୟଣ ପାତ୍ର, ପୂର୍ବତନ ଜିଲ୍ଲା ପରିଷଦ ଅଧକ୍ଷ ତଥା ଆଦିବାସୀ ନେତା ମୋତିରାମ ନାୟକ,ନାରୀ ନେତ୍ରୀ ମଞ୍ଜୁଳା ମାଝୀ ଓ ମା ଘର ଅଧକ୍ଷା କାଦମ୍ବିନୀ ତ୍ରିପାଠୀ, ଯୁବ ନେତା ଅଖିଳ ଭତ୍ରା, ସାଂସଦ ପ୍ରତିନିଧି (ଡାବୁଗା) ଏମ ଆପ୍ପା ରାଓ ଓ ବିଧାୟକ ପ୍ରତିନିଧି ଏମ ବୁଲୁ ରାଓ, ପାପଡାହାଣ୍ଡି ବ୍ଲକ ଉପଧାକ୍ଷ ତ୍ରିନାଥ ପ୍ରଧାନ, ପାପଡାହାଣ୍ଡି ବିଜେଡି ବ୍ଲକ ସଭାପତି ତଥା ଯୁବ ନେତା ବିଦ୍ୟାଧର ମଲ୍ଲିକ ଓ ସୁଶାନ୍ତ ବେହେରା ପ୍ରମୁଖ ବିଭିନ୍ନ ଦଳର ବହୁ ନେତା ବୃନ୍ଦଙ୍କ ସହ ସହିଦ ହୋଇଥିବା ପରିବାରର ଦାୟାଦ ମାନେ ଉପସ୍ଥିତ ଥିଲେ। ଉକ୍ତ ସ୍ଥାନ ରେ ଏହି ପତାକା ସ୍ଥାପନ ନିମନ୍ତେ ସଂଗ୍ରାମୀ ଟାଣୁଆ ନେତା ଶ୍ରୀ ତ୍ରିପାଠୀ ଓ ରକ୍ତ ତୀର୍ଥ ସହିଦ କମିଟି ସଭାପତି ଶ୍ରୀ ବିଶୋଇ ଦୁଇ ଜଣଙ୍କ ଅନୁରୋଧ ରକ୍ଷା କରି ସାଂସଦ ଶ୍ରୀ ମାଝୀ ସାଂସଦ ପାଣ୍ଠିରୁ ୧୦ ଲକ୍ଷ୍ୟ ଟଙ୍କା ବ୍ୟୟରେ ନିର୍ମିତ୍ ହୋଇ ଥିବାରୁ ସାଂସଦ ଙ୍କୁ ସବୁରି ମୁହଁରେ ପ୍ରଶଂସା କରା ଯାଇଥିଲା। ରକ୍ତ ତୀର୍ଥ ସହିଦ ସ୍ମୃତି କମିଟି ସଭାପତି ଶ୍ରୀ ବିଶୋଇ ମହୋଦୟ ନିଜେ ଲେଖିଥିବା କବିତା ଆବୃତି କରିଥିଲେ। ଉକ୍ତ ସ୍ଥାନଟି ରାଜ୍ୟ ରାଜପଥ ୩୯ ପାର୍ଶ୍ୱରେ ଥିବାରୁ ବସରେ ଯାଉଥିବା ଯାତ୍ରୀ ମାନେ ସହିଦ ମାନଙ୍କୁ ଶ୍ରଦ୍ଧାସୁମନ ପ୍ରଦାନ କରିବେ ଓ ଏହି ଜାତୀୟ ପତାକା ସୁଚାଇ ଦେବ ଆମ ଦେଶ ପାଇଁ ଆମକୁ ସ୍ୱାଧୀନତା ଦେବାରେ ସହିଦ ହୋଇ ଥିବା ଅମର ଆତ୍ମା ଗୁଡିକ ଅମର ରହେ। ମଞ୍ଚରେ ମୁଖ୍ୟ ଅତିଥି ସମ୍ମାନିତ ଅତିଥି ମାନଙ୍କୁ କମିଟି ଦ୍ୱାରା ଶାଲ୍ ପ୍ରଦାନ କରି ସମ୍ବର୍ଦ୍ଧିତ କରା ଯାଇଥିଲା। ପାପଡାହାଣ୍ଡି ଗୋଷ୍ଠି ଉନ୍ନୟନ ଅଧିକାରୀ ରଂଜିତା ମଲ୍ଲିକ ମଞ୍ଚ ପରିଚାଳନା କରିଥିବା ବେଳେ ବ୍ଲକ ଉପାଧକ୍ଷ ଶ୍ରୀ ପ୍ରଧାନ ଧନ୍ୟବାଦ ପ୍ରଦାନ କରି ସଭା ସାଙ୍ଗ କରିଥିଲେ।

# ଡାବୁଗାଁ ବ୍ଲକ କୃଷକ ମହାସଙ୍ଘର ବୈଠକ

**ନବରଙ୍ଗପୁର :** ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ସଦରମହକୁମା ସ୍ଥିତ ହାଟପଦା ଠାରେ ଡାବୁଗାଁ କୃଷକ ମହାସଙ୍ଘ ତରଫରୁ ଏକ ବୈଠକ ବ୍ଲକ କୃଷକ ମହାସଂଘ ସଭାପତି ସତ୍ୟ ରଞ୍ଜନ ପାତ୍ରଙ୍କ ଅଧ୍ୟକ୍ଷତାରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଚାଷୀ ମାନଙ୍କର ବିଭିନ୍ନ ସମସ୍ୟା ଉପରେ ଆଲୋଚନା ହୋଇଥିଲା। ପରେ ଏକ ୧୧ ଦଫା ଦାବିପତ୍ର ନବରଙ୍ଗପୁର ଜିଲାପାଳ ଡାଃ କମଳ ଲୋଚନ ମିଶ୍ରଙ୍କ ଉଦ୍ଦେଶ୍ୟରେ ଡାବୁଗାଁ ତହସିଲଦାରଙ୍କୁ ପ୍ରଦାନ କରାଯାଇଥିଲା। ଉକ୍ତ ଦାବି ପତ୍ରରେ ଧାନ ମଣ୍ଡିରେ କୃଷକ ମହାସଂଘ ର ୫ ଜଣ ସଦସ୍ୟଙ୍କୁ ମଣ୍ଡି ସ୍ଥାନରେ ବସିବା ପାଇଁ ଅନୁମତି ପ୍ରଦାନ, ମଣ୍ଡିରେ କୁଇଣ୍ଟାଲ ପ୍ରତି ୫-୬ କିଲୋ ଧାନ କାଟିବା ବନ୍ଦ କରାଯାଉ, ମଣ୍ଡିରେ ଧାନ ବିକ୍ରି ନିମନ୍ତେ ୭ ଦିନ ପୂର୍ବରୁ ଟୋକେନ୍ ବଣ୍ଟନ କରିବା, ଧାନ ମଣ୍ଡିରେ ମଣ୍ଡି ଆରମ୍ଭ ଠାରୁ ଶେଷ ପର୍ଯ୍ୟନ୍ତ ସିସିଟିଭି ଲଗାଇ ରେକର୍ଡ କରାଯାଉ, ମଣ୍ଡିରେ ନକଲି ଚାଷୀ ପ୍ରମାଣପତ୍ର ଦେଖାଇ ବେଆଇନ ଧାନ ବିକ୍ରି କରିଥିବା ଲୋକଙ୍କୁ ଚିହ୍ନଟ କରି ଆଇନ ଅନୁଯାୟୀ ପଦକ୍ଷେପ ଗ୍ରହଣ କରିବା, ଧାନ ମଣ୍ଡିରେ ଚାଷୀଙ୍କୁ ସରକାରଙ୍କ ଦ୍ୱାରା ମିଳୁଥିବା ସୁବିଧା କୁ ମଣ୍ଡିରେ ବ୍ୟାନର ଲଗାଇ ଓ କୃଷକ ମହାସଂଘକୁ ଲିଖିତ ଆକାରରେ ଜଣାଇବା, ପ୍ରତ୍ୟକ ପଞ୍ଚାୟତ ସ୍ତରରେ ଧାନମଣ୍ଡି ଖୋଲିବା ନିମନ୍ତେ ପଦକ୍ଷେପ ନିଆଯାଉ, ଭାଗଚାଷୀ ମାନଙ୍କ ତାଲିକା କୃଷକ ମହାସଂଘ କମିଟିକୁ ପ୍ରଦାନ କରାଯାଉ, ଡାବୁଗାଁ ବ୍ଲକ ମଧ୍ୟରେ ସମସ୍ତ ଚାଷୀଙ୍କୁ ଦଖଲ ଚାଷ ଜମିର ପଟ୍ଟା ଯଥାଶୀଘ୍ର ପ୍ରଦାନ କରାଯାଉ ଏଭଳି ୧୧ ଦଫାଦବୀ ଉଲ୍ଲେଖ ରହିଛି। ଚଳିତ ମଣ୍ଡିରେ ଚାଷୀଙ୍କ ଧାନକୁ ଯେପରି କୌଣସି ପ୍ରକାରେ କଟନୀ ନକରି କ୍ରୟ କରାଯିବ ନେଇ ଉଲ୍ଲେଖ ରହିଛି। ଏହି ବୈଠକରେ ସଙ୍ଘ ଉପସଭାପତି ରାଜେନ୍ଦ୍ର ମିଶ୍ର, ସମ୍ପାଦକ ଦେବୀ ପ୍ରସାଦ ରଥ, ଉପଦେଷ୍ଟା ରାଜେଶ ଯାନୀ, ତରଣୀ ରେଲି ଓ ଘାସିରାମ ସିଂ, ସମୀର ମିଞ୍ଜ, ଚୈତନ୍ୟ ଭତ୍ରା, ଜଗଦୀଶ ମାଝି, ପୀତମ ଭତ୍ରା, ଯୁଧିଷ୍ଠିର ତନ୍ତି, ଦେବେନ୍ଦ୍ର କଲାର, ଅଜୟ କଶ୍ୟପ, ଟମନ ବିଶୋଇ ଓ ୧୦୦ରୁ ଉର୍ଦ୍ଧ୍ୱ ଚାଷୀ ଉପସ୍ଥିତ ରହି ଥିଲେ।

# ମାଣବସା ଗୁରୁବାରର ବିଶେଷତ୍ୱ



**ଅନୀତା ପଟ୍ଟନାୟକ**



ଭାରତର ସମ୍ବିଧାନର ୧୭ତମ ନିୟମରେ ଅସ୍ପୃଶ୍ୟତାକୁ ଏକ ଅପରାଧ ରୂପେ ଗଣନା କରାଯାଇଛି। ଅସ୍ପୃଶ୍ୟତା ଅପରାଧ ଆଇନ ୧ଜୁନ ୧୯୫୫ରେ ପ୍ରଣୟନ କରାଯାଇଅଛି ହେଲେ ଆଜି ପର୍ଯ୍ୟନ୍ତ ଓଡ଼ିଶାରୁ ଏ ରୋଗ ସଂପୂର୍ଣ୍ଣ ରୂପେ ବିଲୁପ୍ତ ହୋଇପାରିନାହିଁ। ମାଣବସା ଗୁରୁବାର ଅସ୍ପୃଶ୍ୟତା ଦୂରୀକରଣର ନାରୀ ସଶକ୍ତିକରଣ ଓ ପୁରୁଷ ପ୍ରାଧାନ୍ୟ ହୀନମନ୍ୟତାକୁ ଲୋକଲୋଚନକୁ ଆଣିଥାଏ। ଲକ୍ଷ୍ମୀପୁରାଣରେ ମାଣବସା ଗୁରୁବାରର ମହତ୍ୱ ପ୍ରଦାନ କରାଯାଇଅଛି। କଥାରେ ଅଛି ମହାଲକ୍ଷ୍ମୀ ଶ୍ରୀୟା ଚଣ୍ଡାଳୁଣୀର ଭକ୍ତିରେ ଆକୃଷ୍ଟ ହୋଇ ଗୃହକୁ ଆଗମନ କରିଥିଲେ। ବଳରାମ ଓ ଜଗନ୍ନାଥ ଏଥିରେ କ୍ଷୁବ୍ଧ ହୋଇ ମହାଲକ୍ଷ୍ମୀଙ୍କୁ ଶ୍ରୀମନ୍ଦିରରୁ ନିର୍ବାସିତ କରିଥିଲେ। ଏଥିପାଇଁ ମହାଲକ୍ଷ୍ମୀଙ୍କର କୋପ ଓ ଅଭିଶାପର ଶିକାର ହୋଇଥିଲେ। ଏପରିକି ସେମାନଙ୍କୁ ୧୨ ବର୍ଷ ପର୍ଯ୍ୟନ୍ତ ଖାଦ୍ୟ ଓ ପାନୀୟ ଜନିତ କ୍ଳେଶ ଭୋଗ କରିବାକୁ ପଡ଼ିଥିଲା। ମହାଲକ୍ଷ୍ମୀ ଚଣ୍ଡାଳୁଣୀର ଘରକୁ ଯାଇ ଅସ୍ପୃଶ୍ୟତାର ଦୂରୀକରଣ କେବଳ ଭିତ୍ତି ପ୍ରସ୍ତର ସ୍ଥାପନ କରିଥିଲେ ତାହା ନୁହେଁ ବରଂ ଭଗବାନଙ୍କ ସର୍ବବ୍ୟାପକତାର ପ୍ରମାଣ ଓ ନିଦର୍ଶନ ମଧ୍ୟ ଦେଇଥିଲେ। ପ୍ରତ୍ୟେକ ମନୁଷ୍ୟ ମଧ୍ୟରେ ଭଗବାନ ବିଦ୍ୟମାନ ତାହା ସେ ପ୍ରମାଣ କରାଇ ଦେଖାଇଥିଲେ। ମାଣବସା ଗୁରୁବାର ଓଡ଼ିଆ ହିନ୍ଦୁ ନାରୀ ମାନଙ୍କର ଏକ ପର୍ବ ଯାହାକୁ କି ଆନ୍ଧ୍ର, ଛତିଶଗଡ଼, ଝାଡ଼ଖଣ୍ଡ, ବଙ୍ଗଳା ପ୍ରଭୃତି ରାଜ୍ୟରେ ମଧ୍ୟ ପାଳନ କରାଯାଏ। ଯାହାକୁ ବିବାହିତା ନାରୀମାନେ ପାଳନ କରିଥାନ୍ତି। ଏହି ପୂଜାର ଅଧିଷ୍ଠାତ୍ରୀ ଦେବୀ। ମା'ମହାଲକ୍ଷ୍ମୀ ଯେ କି ସମୁଦ୍ର (ରତ୍ନାକର)ଙ୍କର କନ୍ୟା। ସେ ଆସିଥାନ୍ତି ଆମର ଦୁଃଖ ଯନ୍ତ୍ରଣାକୁ ସଂପୂର୍ଣ୍ଣ ରୂପେ ଲାଘବ କରିବା ପାଇଁ। କାର୍ତ୍ତିକ ପୂର୍ଣ୍ଣିମା ପରେ ପରେ ମାର୍ଗଶୀରରେ ଏହା ପଡ଼ିଥାଏ ଓ ଚାରଟି ଗୁରୁବାର ଏହା ପାଳିତ ହୋଇଥାଏ।

ଏହା ଚାଷ ଓ ଅମଳର ଏକ ମୁଖ୍ୟ ପର୍ବ। ଖରିଫ ଧାନ ଅମଳ ପରେ ନୂଆ ଧାନରେ ପରିବାରର ଉନ୍ନତି ପାଇଁ ପୂଜା କରା ଯାଇଥାଏ। ଲକ୍ଷ୍ମୀ ପୁରାଣରେ ମାଣବସା ଗୁରୁବାରର ମହତ୍ୱ ବର୍ଣ୍ଣନା କରାଯାଇଅଛି। ହେଲେ ସୂର୍ଯ୍ୟୋଦୟ ପୂର୍ବରୁ ଶୁଦ୍ଧପୂତ ହୋଇ ନାରୀମାନେ ଲକ୍ଷ୍ମୀଙ୍କର ଉପାସନା କରିଥାନ୍ତି। ପାନପତ୍ର, ଗୁଆ, ପନିପରିବା, ରଙ୍ଗୀନ କପଡ଼ାରେ ଏକ ଖଟୁଲିକୁ ସୁସଜ୍ଜିତ କରି ଧୂପ, ଦୀପ, ନୈବେଦ୍ୟ ଦେଇ ପୂଜା କରାଯାଇଥାଏ। ଖଟୁଲି ଉପରେ ଧାନର ଏକ ଆବରଣ ଦେବା ସହିତ ବାଉଁଶ ବତାରେ ତିଆରି ମାଣରେ ଧାନ ଭର୍ତ୍ତି କରି ଏହା ଉପରେ ସ୍ଥାପନ କରାଯାଏ। ସେ ଦିନ କାକରା, ମଣ୍ଡାପିଠା, କ୍ଷିରୀ, ଖେଚୁଡ଼ି, ଶାଗ, ଚିତୋଉ ପିଠା, ଡାଲମା ଏସବୁ ଭୋଗ କରାଯାଇଥାଏ। ବଳରାମ ଦାସଙ୍କ ଲିଖିତ ଲକ୍ଷ୍ମୀପୁରାଣକୁ ଓଡ଼ିଶା ଘରର ନାରୀମାନେ ପଠନ ଓ ଶ୍ରବଣ କରିଥାନ୍ତି। ସାଧାରଣତଃ ନୂତନ ଧଳାବସ୍ତ୍ରରେ ନାଲି ପଡ଼ିଥିବା ବସ୍ତ୍ର ପରିଧାନ କରିଥାନ୍ତି। ମହାଲକ୍ଷ୍ମୀଙ୍କୁ ପରିଷ୍କାର ପରିଚ୍ଛନ୍ନତା ଭଲ





ଲାଗେ। ତେଣୁ ସେ ଦିନ ଗୃହକୁ ପରିଷ୍କାର ରଖାଯାଏ। ଘରର ଏରୁଣ୍ଡି ବନ୍ଧରେ ଲକ୍ଷ୍ମୀଙ୍କର ପାଦ ଓ ପଦ୍ମଫୁଲ ଝୋଟି ପକା ଯାଇଥାଏ। ଏହାର କାରଣ ହେଉଛି ପରିଷ୍କାର ପରିଚ୍ଛନ୍ନତା ହିଁ ଭଗବାନ। (Neatlyless and Cleanlyness is next to godlyness.) ତ୍ରୈଲୋକେ ପୂଜିତେ ଦେବୀ କମଳେ ବିଷ୍ଣୁବଲ୍ଲଭେ ଯଥାତ୍ୱଂ ସୁସ୍ଥିରେ କୃଷ୍ଣେ ତଥାଭବ ମୟିସ୍ଥିରେ ଏହା ପଢ଼ି ଲକ୍ଷ୍ମୀଙ୍କୁ ସ୍ତୁତି କରାଯାଏ। ସେହିପରି ଏହି ମନ୍ତ୍ରରେ ପୁଷ୍ପାଞ୍ଜଳି ପ୍ରଦାନ କରାଯାଏ। ନମସ୍ତେ ସର୍ବଦେବାନାଂ ବରଦାସି ହରିପ୍ରୀୟେ ଯା ଗତ ସ୍ତ୍ୱଂ ପ୍ରସନ୍ନାନାଂ ସାମେଭୂୟାତ୍‌ଦର୍ଚ୍ଚନାତ୍। ବିଶ୍ୱରୂପସ୍ୟ ଭାର୍ଯ୍ୟାସି ପଦ୍ମେ ପଦ୍ମାଳୟେ ଶୁଭେ ସର୍ବତେ। ପାହି ମାଂ ମାତଃ ଲକ୍ଷ୍ମୀ ଦେବୀ ନମୋସ୍ତୁତେ। ଏହି ମନ୍ତ୍ରରେ ମା'ଲକ୍ଷ୍ମୀଙ୍କୁ ପ୍ରଣାମ କରାଯାଏ। ଏହା ମଧ୍ୟ କଥାରେ ଅଛି ନାରଦଙ୍କ ମଧ୍ୟସ୍ଥତାରେ ଜଗନ୍ନାଥ ଓ ମହାଲକ୍ଷ୍ମୀଙ୍କର ବିବାଦ ତ୍ରୁଟି ଥିଲା। ମହାପ୍ରଭୁ ସର୍ବତ୍ର ବିଦ୍ୟମାନ ଏହାକୁ ଉପଲବ୍ଧି କରି ଜଗନ୍ନାଥ ମହାଲକ୍ଷ୍ମୀଙ୍କୁ କ୍ଷମା ପ୍ରାର୍ଥନା କରି ବଡ଼ଦେଉଳକୁ ଫେରାଇ ଆଣିଥିଲେ। ଏହିପରି ନାରୀ ସଶକ୍ତିକରଣର ପ୍ରାରମ୍ଭ ହୋଇଥିଲା। ଅସ୍ପୃଶ୍ୟତା ଦୂରୀକରଣର ମୂଳଦୁଆ ପଡ଼ିଥିଲା ଓ ପୁରୁଷ ପ୍ରାଧାନ୍ୟର ହୀନମନ୍ୟତାର ପଦାରେ ପଡ଼ିଥିଲା।

*ପ୍ରାଧାପିକା, ସଂସ୍କୃତ ବିଭାଗ, ସିଡ଼ିଏ, କଟକ*
*ଦୂରଭାଷ : ୯୮୬୧୧୧୮୬୭୩*

# ମାର୍ଗଶୀର ଗୁରୁବାର



ମାର୍ଗଶୀର ମାସର ପ୍ରଥମ ଗୁରୁବାର ଧନଦାତ୍ରୀ ମହାଲକ୍ଷ୍ମୀଙ୍କ ବାର। ଗୃହିଣୀମାନେ ବନମାଟି, ଗୋବରରେ ଘରଦ୍ୱାର ଲିପାପୋଛା କରି ସଫା ସୁତୁରା କରନ୍ତି। ଅରୁଆ ଚାଉଳ ବଟା ପିଠଉରେ ଝୋଟି, ଧାନଶିଶା, ଆଙ୍ଗୁଠି ଚିତା ପକାନ୍ତି। ମାର୍ଗଶୀରରେ ପଡୁଥିବା ଚାରି କିମ୍ୱା ପାଞ୍ଚ ପାଳି ଗୁରୁବାରରେ ଲକ୍ଷ୍ମୀଙ୍କର ପ୍ରତୀକ ଭାବେ ଧାନମାଣଟିଏ ସ୍ଥାପନ କରି ବିଧି ଅନୁସାରେ ପୂଜା କରାଯାଏ। ମାଣବସା ଗୁରୁବାର ଓଷା, ଧାନ ମାଣିକା ଓଷା ଭାବେ ମଧ୍ୟ କଥିତ। ଓଡ଼ିଆ ମାନଙ୍କର ଏହା ନିଜସ୍ୱ ପର୍ବ। ବ୍ରତ ପାଳନରେ ଜାତି-ଅଜାତି, ଭେଦ-ଭାବ ନାହିଁ। ଲକ୍ଷ୍ମୀ ଠାକୁରାଣୀ ନିଷ୍ଠା, ପବିତ୍ରତା ଯେଉଁଠି ଦେଖନ୍ତି, ସନ୍ତୁଷ୍ଟ ହୋଇ ଆପେ ଯାଚି ବରଦାନ କରନ୍ତି। ନିଷ୍ଠାର ସହ ବ୍ରତ ପାଳି ଲକ୍ଷ୍ମୀ ଠାକୁରାଣୀଙ୍କ କୃପା ଲାଭ କରିଥିବା ଅଛୁଆଁ ଭକ୍ତ ଶ୍ରିୟା ଜଣେ ପ୍ରତୀକାତ୍ମକ ଦୃଷ୍ଟାନ୍ତ। ଏ ବାବଦରେ ବଳରାମ ଦାସ ରଚିତ ଲକ୍ଷ୍ମୀପୁରାଣରେ ବର୍ଣ୍ଣନା କରାଯାଇଛି। ଶ୍ରିୟା ଘରୁ ବୁଲିଆସି ବଡ଼ ଦେଉଳକୁ ପ୍ରବେଶ କରିବାରୁ, ମହାଲକ୍ଷ୍ମୀଙ୍କୁ ବଳରାମ ଭତ୍ସନା କରିଥିଲେ ଓ ଅପମାନିତା ହୋଇ ଲକ୍ଷ୍ମୀ ବଡ଼ଦେଉଳ ପରିତ୍ୟାଗ କରିଥିଲେ। ଲକ୍ଷ୍ମୀଙ୍କ କୋପରୁ ବଳରାମ ଓ ଜଗନ୍ନାଥଙ୍କୁ ବାର ବର୍ଷ ଧରି ଅନ୍ନ ଜଳ ମିଳିନଥିଲା। ଦୁଇ ଭାଇ ଲକ୍ଷ୍ମୀଛଡ଼ା ହୋଇବୁଲିଥିଲେ। ଶେଷରେ ସେମାନଙ୍କ ଭ୍ରାନ୍ତି ଦୂର ହୋଇଥିଲା ଏବଂ ମହାଲକ୍ଷ୍ମୀ ଶ୍ରୀମନ୍ଦିରକୁ ବାହୁଡ଼ିଥିଲେ। ସାମାଜିକ ଚଳଣି, ପରିବାରରେ ନାରୀର ଦାୟିତ୍ୱ ଓ ଆଦର୍ଶ ଆଚରଣ, ମନ୍ତ୍ରପାଠ ପରିବର୍ତ୍ତେ ବ୍ୟବହାର, ସୁରୁଚି, ପରିଚ୍ଛନ୍ନତା ଓ ଅନ୍ତରରେ ଭକ୍ତିର ପ୍ରାଧାନ୍ୟ ଆଦି ମାର୍ଗଶୀର ଗୁରୁବାର ମାହାତ୍ମ୍ୟ।

# ନମସ୍ତେ ନମସ୍ତେ ମାଗୋ ସାଗର ଦୁଲଣୀ



**ଡଃ.ଅରୁନ୍ଧତୀ ଦେବୀ**





ମାଣବସା ଗୁରୁବାର ଓଡ଼ିଶାର ବା ଓଡ଼ିଆଙ୍କ ଏକାନ୍ତ ନିଜସ୍ୱ ପର୍ବ କହିଲେ ଅତ୍ୟୁକ୍ତି ହେବ ନାହିଁ । ଏଥିରେ ଝୋଟି, ଧାନଶିଶା, ଆଙ୍ଗୁଠି ଚିତା ଯେଉଳି ଓଡ଼ିଆଙ୍କ ନିଜସ୍ୱ, ପିଠାପଣା, ପୂଜା ରୀତି ନୀତି ସେପରି ଓଡ଼ିଆ ଜାତିର ପୂର୍ବ ସମୃଦ୍ଧି, ପୂର୍ବ ବଡ଼ିମାର ନିଦର୍ଶନ । ଏ ପୂଜାରେ ଜାତି ଅଜାତି ନାହିଁ । ବ୍ରାହ୍ମଣ ଠାରୁ ଚଣ୍ଡାଳ ଯାଏଁ ସବୁ ଓଡ଼ିଆ ଘରେ ଏ ପର୍ବ ପାଳନ କରାଯାଏ । ମହାଲକ୍ଷ୍ମୀ ଆମ ହିନ୍ଦୁଘରର ଧନଦାତ୍ରୀ ଦେବୀ ରୂପେ ଅଧିଷ୍ଠିତା । ଲକ୍ଷ୍ମୀପୂଜା ସାରା ଭାରତର ହିନ୍ଦୁ ସମାଜରେ ପ୍ରଚଳିତ । ମାଣବସା ମଧ୍ୟ ଅନ୍ୟ ପ୍ରଦେଶରେ ପ୍ରଚଳିତ ଅଛି; କିନ୍ତୁ ଆମ ମାର୍ଗଶୀର ମାସ ଗୁରୁବାର ମାଣବସା ଭଳି ଚାରି ବା ପାଞ୍ଚପାଳି ମାଣବସା ଓଡ଼ିଆଙ୍କ ବ୍ୟତୀତ ଅନ୍ୟ କେଉଁଠି ହୁଏନାହିଁ । ଘରୋଇ ପରିବେଶରେ ଜଣେ ଗୃହିଣୀ ଯେପରି ରାନ୍ଧିବାଢ଼ି ଘରଦ୍ୱାର ସଫା ସୁତରା ରଖି ଚଳିବା କଥା, ସେହି ପରିବେଶ, ସେହିରୂପରେ ଲକ୍ଷ୍ମୀଙ୍କୁ କଳ୍ପନା କରାଯାଇଛି । ମାର୍ଗଶିର ମାସ ଆସିବା ମାତ୍ରେ ସହର ମଫସଲ ସର୍ବତ୍ର ସ୍ତ୍ରୀମାନଙ୍କ ଭିତରେ ଗୋଟାଏ ଚହଳ ସୃଷ୍ଟି ହୁଏ । ଅରୁଆ ଚାଉଳ ବଟା ପିଠଉ, ଢ଼ାଉ ହଳଦିଆ ମାଟି ସଂଗ୍ରହ କରି କେତେ ରଙ୍ଗରେ ହାତୀ, ମୟୁର ଓଲଟ ଶୁଆ, ଧାନଶିଶା, ଜାତି ଜାତିକା ଆଙ୍ଗୁଠି ଚିତାମାନ ପକାନ୍ତି ଯେ ଦେଖିଲେ ଆଖି ଲାଖି ରହେ । ପୂର୍ବଦିନ ସନ୍ଧ୍ୟାରୁ ଝୋଟି ଚିତା ପକାଇବା ଆରମ୍ଭ ହୋଇଯାଇଥାଏ । ଗୁରୁବାର ସକାଳେ ବଡ଼ିଭୋରରୁ ସ୍ନାନକର୍ମ ସମାପନ ପରେ ଘରର ସ୍ତ୍ରୀ ଲୋକମାନେ ରନ୍ଧାକାର୍ଯ୍ୟରେ ଲାଗିଯାନ୍ତି । ଅମଳ ହୋଇଥିବା ଫସଲରୁ ଶୁକ୍ଳବର୍ଣ୍ଣ ଧାନ ଆଣି ନୂଆ ଗୌଣି ଧାନ ମାପ ପାତ୍ରରେ ବା ଖଟୁଲିରେ ରଖି ଧାନପେଣ୍ଡା ବା କେଣ୍ଡାକୁ ବେଶି ବା ବେଣ୍ଟିକରି ଥୋଇ ପୂଜା କରାଯାଏ । ରଙ୍ଗୀନ ପାଟଲୁଗାରେ ସେହି ଗୌଣି ବା ଖଟୁଲିକୁ ବୋହୂ ଭଳି ସଜାଇ ଆଖୁ, ମୂଳା, କଦଳୀ, ଛେନା, ନଡ଼ିଆ, ଭୋଗ କରାଯାଏ । ଅରୁଆ ଚାଉଳକୁ ବାଟି ଖଟୁଲି, ଦେବୀ ସ୍ଥାପନ ସ୍ଥାନ ଓ ଘର ଦୁଆରମାନଙ୍କରେ ଝୋଟି ଚିତା ପକାଯାଏ । ଧୂପ, ଦୀପାଦି ସହ ସୁସ୍ୱାଦୁ ବ୍ୟଞ୍ଜନ ନୈବେଦ୍ୟ ବଢ଼ାଯାଏ । ଏହି ମାଣବସା ଭୋଗ ଆମ ଓଡ଼ିଆଙ୍କ ନିଜସ୍ୱ ରାନ୍ଧଣାର ନିଦର୍ଶନ । ଓଡ଼ିଆଙ୍କ ଭଜା, ରାଇ, ଆମ୍ବିଳ, ଶାକର, କଖାରୁ, ମଧୁରୁଚି, ଦହିପଖାଳ, ମୂଳାଶାଗ, ରାଇ, ସୋରିଷ ଶାଗ ରାଇ, ଚିତଉ ଚକୁଳି, ଖିରିସା ପାଣି, ବିରି ଗେଟେଇ, ଅଟକାଳି, ସରପୁଳି, ଦୁଧପୁଳି, ବଡ଼ି ପକା ମହୁର, ବେସର ନଡ଼ିଆ ପକା ଶାଗ, କର୍ପୂର ମରିଚ ପକା ଛେନା, ନଡ଼ିଆ ଚକଟା, କାକରା ପିଠା, ଆରିସା ପିଠା, ମୁଗ ପୁଳି, ମୁଗ କାନ୍ତି ଏଭଳି ରାନ୍ଧଣା ଓଡ଼ିଆଙ୍କ ଘର ଛଡ଼ା ଅନ୍ୟ ଆଡ଼େ ହୁଏ ନାହିଁ । ମାର୍ଗଶୀର ମାସରେ ପଡୁଥିବା ଚାରି କି ପାଞ୍ଚପାଳି ଗୁରୁବାର ଯେପରି ନିଷ୍ଠାରେ ପାଳନ କରାଯାଏ ତହିଁରୁ ଓଡ଼ିଆଙ୍କ ସାମାଜିକ ଚାଲିଚଳଣ ଅନ୍ୟମାନଙ୍କ ଠାରୁ ବାରି ହୋଇ ପଡ଼େ । ଘରଣୀ ହେଉଛି ଘର । ଘରଣୀ ବିନା ଘରର କଳ୍ପନା କରାଯାଇପାରିବ ନାହିଁ । ଏପରିକି ବଡ଼ ଦେଉଳ ମଧ୍ୟ ଲକ୍ଷ୍ମୀଙ୍କ ବିନା ଛାରଖାର ହୋଇଯାଇଛି । ଜଗନ୍ନାଥ, ବଳଭଦ୍ରଙ୍କ ପରି ଦେବତା ମଧ୍ୟ ଦେହି ଦେହି ହୋଇ ବାରଦ୍ୱାର ତେର ପନ୍ଦାଡ଼ ବୁଲିଛନ୍ତି । ପଦ୍ମପୋଖରୀରୁ ପାଣି ଶୁଖିଯାଇଛି । ସ୍ୱୟଂ ମହାଲକ୍ଷ୍ମୀ ବ୍ରାହ୍ମଣଠାରୁ ଚଣ୍ଡାଳଯାଏଁ ଦୁଆର ଦୁଆର ବୁଲିଛନ୍ତି । ଯେଉଁଠି ନିଷ୍ଠା, ପବିତ୍ରତା ଦେଖିଛନ୍ତି, ସେଇଠି ସନ୍ତୁଷ୍ଟ ହୋଇ ଆପେ ଆପେ ଯାଚି ବରଦାନ କରିଛନ୍ତି । ଏ ବ୍ରତରେ ଜାତିଭେଦ ନାହିଁ । ଲକ୍ଷ୍ମୀ ପୁରାଣର ଏହି ମାର୍ମିକ କାହାଣୀ ପ୍ରତ୍ୟେକ ଘରେ ଏହିଦିନ ପାଠ କରାଯାଏ ।



ନିର୍ଦ୍ଦେଶିକା-ସମ୍ପାଦିକା, ଆନ୍ତର୍ଜାତିକ ଅଶୋଭନୀୟତା ନୀରୋଧ ଆନ୍ଦୋଳନ, କଟକ
*ଦୂରଭାଷ : ୯୯୩୭୧୭୨୮୧୦*



## ଜାଲ ଶିକ୍ଷକଙ୍କୁ ପଦୋନ୍ନତି ପ୍ରସଙ୍ଗ

# ଅଭିଯୋଗକାରୀ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ

**ଭଦ୍ରକ, (ଜିଲ୍ଲା ପ୍ରତିନିଧି) :** ଜାଲ ଆବାସିକ ପ୍ରମାଣପତ୍ରରେ ଚାକିରୀ ହାତେଇଥିବା ଅଭିଯୋଗ ପରେ ଆରମ୍ଭ ହୋଇଥିଲା ତଦନ୍ତ । ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ ପାଇଁ ସୁପାରିଶ ମଧ୍ୟ ହୋଇଥିଲା କିନ୍ତୁ ପରବର୍ତ୍ତୀ ସମୟରେ ଉକ୍ତ ଶିକ୍ଷକଙ୍କୁ ପଦୋନ୍ନତି ମିଳିଥିଲା । ଶେଷରେ ଅଭିଯୋଗକାରୀ ସୋମବାର ଅଭିଯୋଗ ନେଇ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇଥିବା ଜଣାପଡ଼ିଛି । ସୂଚନା ଅନୁଯାୟୀ ସୂଚନା ଅଧିକାର ଆଇନ ବଳରେ ମିଳିଥିବା ସୂଚନା କର୍ମୀ ବିକାଶ କୁମାର ଧଳଙ୍କ ହସ୍ତଗତ ତଥ୍ୟ ଅନୁଯାୟୀ ୨୦୦୫ ମସିହା ଜାନୁଆରୀ ୩ ତାରିଖରେ ଜିଲ୍ଲା ଶିକ୍ଷା ବିଭାଗ ଦ୍ୱାରା ବାରିଆଲ ଟୁଡୁ ନାମକ ଜଣେ ବ୍ୟକ୍ତିଙ୍କୁ ସ୍ୱେଚ୍ଛାସେବୀ ସହାୟକ ଶିକ୍ଷକ ଭାବେ ନିଯୁକ୍ତି ଦିଆଯାଇଥିଲା । ସେ ପ୍ରଥମେ ବନ୍ତ ବ୍ଲକ ଆଗରପଡ଼ାସ୍ଥ ପୁରୁଷୋତ୍ତମ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ନିଯୁକ୍ତି ପାଇଥିଲେ । ପରବର୍ତ୍ତୀ ସମୟରେ ସେ ଉକ୍ତ ବିଦ୍ୟାଳୟ ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଦାୟିତ୍ୱ ନିର୍ବାହ କରିଥିଲେ । ମାତ୍ର ସୂଚନା ଅଧିକାର ଆଇନ ବଳରେ ତାଙ୍କ ଚାକିରୀ ପ୍ରମାଣପତ୍ରର ସମସ୍ତ ତଥ୍ୟ ହସ୍ତଗତ ହେବା ପରେ ସେ ଜାଲ ଆବାସିକ ପ୍ରମାଣପତ୍ର ଦେଇ ଚାକିରୀ ପାଇଥିବା ଜଣାପଡ଼ିଥିଲା । ସେ ଚାକିରୀ ପାଇଁ ଆବେଦନ କରିଥିବା ସମୟରେ ସରକାରଙ୍କ ଦ୍ୱାରା ପ୍ରକାଶ ପାଇଥିବା ବିଜ୍ଞପ୍ତି ଅନୁଯାୟୀ ନିଜ ଜିଲ୍ଲାର ପ୍ରାର୍ଥୀହିଁ କେବଳ ଆବେଦନ କରିବା କଥା କିନ୍ତୁ ଶ୍ରୀ ଟୁଡୁ କେନ୍ଦୁଝର ଜିଲ୍ଲାର ସ୍ଥାୟୀ ବାସିନ୍ଦା ହୋଇଥିବା ସ୍ଥଳେ ଭଦ୍ରକ ଜିଲ୍ଲାର ଏକ ଜାଲ ଆବାସିକ ପ୍ରମାଣପତ୍ର ପ୍ରଦାନ କରି



ଚଂଚକତାର ସହ ଚାକିରୀକୁ ହାତେଇଥିଲେ । ଉକ୍ତ ଜାଲ ପ୍ରମାଣପତ୍ର ବଳରେ ସେ ଆଜକୁ ୧୬ ବର୍ଷ ଧରି ଚାକିରୀ କରି ଆସୁଛନ୍ତି । ତାଙ୍କ ବିରୁଦ୍ଧରେ ଏସଂପର୍କରେ ବିଧିବଦ୍ଧ ଅଭିଯୋଗ ଆସିବା ପରେ ବନ୍ତ ବ୍ଲକ ଶିକ୍ଷାଧିକାରୀ ନିଜ ପତ୍ରାଙ୍କ ୧୬୧୧/ ୦୯.୦୭.୨୦୨୧ ମୂଳେ ଅଭିଯୋଗର ତଦନ୍ତ ପାଇଁ ତାଙ୍କ ବିଭାଗର ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ହରେକୃଷ୍ଣ ଆପଟ ଓ ଏପିଆଇଓ ଅଜୟ କୁମାର ପୃଷ୍ଟିଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଉଭୟ ତଦନ୍ତ ଅଧିକାରୀ ବ୍ଲକ ଶିକ୍ଷାଧିକାରୀଙ୍କୁ ଦେଇଥିବା ରିପୋର୍ଟ ଅନୁଯାୟୀ ଶ୍ରୀ ଟୁଡୁ ନିଯୁକ୍ତିଦାତା(ଜିଲ୍ଲା ପ୍ରକଳ୍ପ ସଂଯୋଜକ, ସର୍ବଶିକ୍ଷା ଅଭିଯାନ)ଙ୍କ ଦ୍ୱାରା କାର୍ଯ୍ୟାନୁଷ୍ଠାନ ପରିସର ଭୂକ୍ତ ହେବା କଥା । କିନ୍ତୁ ବ୍ଲକ ଶିକ୍ଷାଧିକାରୀଙ୍କ ଅନୁକମ୍ପା ଯୋଗୁଁ ତଦନ୍ତ କରିଥିବା ଦୁଇ ଅଧିକାରୀଙ୍କ ରିପୋର୍ଟ ଦାଖଲକୁ ୪ମାସ ବିତିଯାଇଥିଲେ ସୁଦ୍ଧା ଶ୍ରୀ ଟୁଡୁଙ୍କ ବିରୁଦ୍ଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ପାରୁ ନାହିଁ । କାରଣ ଏହା ଜିଲ୍ଲା ଶିକ୍ଷାଧିକାରୀଙ୍କ ହସ୍ତଗତ ହୋଇ ନାହିଁ । ଅପରପକ୍ଷରେ ଶ୍ରୀ ଟୁଡୁଙ୍କୁ ପଦନ୍ନୋତି ଦେଇ ଶିକ୍ଷା ବିଭାଗ ଚର୍ଚ୍ଚାରେ ଅଛି । ଉପରୋକ୍ତ ବିଷୟରେ ବ୍ଲକ ଶିକ୍ଷାଧିକାରୀଙ୍କୁ ଗତ ମାସ ଯୋଗାଯୋଗ କରିବାରୁ ସେ ତଦନ୍ତ ରିପୋର୍ଟ ଜିଲ୍ଲା ଶିକ୍ଷାଧିକାରୀଙ୍କୁ ମେଲ ଯୋଗେ ପଠାଇଥିବା କହିଥିବା ବେଳେ ଜିଲ୍ଲା ଶିକ୍ଷାଧିକାରୀ ଆଜି ସୁଦ୍ଧା ଏହା ପାଇ ନଥିବା କହିଥିଲେ । ପୁନଶ୍ଚ ସୋମବାର ସୂଚନା କର୍ମୀ ବିକାଶ କୁମାର ଧଳ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହେବାନେଇ ବ୍ଲକ ଶିକ୍ଷାଧିକାରୀଙ୍କୁ ଯୋଗାଯୋଗ କରିବାରୁ ସେ ତହସିଲଦାରଙ୍କ ରିପୋର୍ଟକୁ ଅପେକ୍ଷା କରିଥିବା କହିଥିଲେ । ତେଣୁ ତାଙ୍କ ନିର୍ଦ୍ଦେଶାନୁଯାୟୀ ବିଭାଗୀୟ ଅଧିକାରୀ ତଦନ୍ତ ପରେ ରିପୋର୍ଟ ପ୍ରଦାନ କରିଥିଲେ ସୁଦ୍ଧା ସେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ପଦକ୍ଷେପ ନେବା ପରିବର୍ତ୍ତ ପୁନଶ୍ଚ ରିପୋର୍ଟକୁ ଅପେକ୍ଷା କରିବା ତାଙ୍କ କାର୍ଯ୍ୟପନ୍ଥା ଉପରେ ଅଙ୍ଗୁଳ ନିର୍ଦ୍ଦେଶ କରୁଛି ତେଣୁ ଶିକ୍ଷା ବିଭାଗର ଏହିପରି କାର୍ଯ୍ୟକଳାପ ସାଧାରଣରେ ଚର୍ଚ୍ଚାର କେନ୍ଦ୍ର ବିନ୍ଦୁ ପାଲୋଟି ଥିବା ବେଳେ ସରକାରଙ୍କ ଶିକ୍ଷା କ୍ଷେତ୍ରରେ ସଂସ୍କାରର ପ୍ରୟାସ ପ୍ରହସନରେ ପରିଣତ ହୋଉଛି । ଏଥିପ୍ରତି ବିଭାଗୀୟ ଅଧିକାରୀ ଦୃଷ୍ଟି ଦେବାକୁ ବୁଦ୍ଧିଜୀବୀ ମହଲରେ ଦାବି ହୋଇଛି । ଅଭିଯୋଗ ପାଇବା ପରେ ୧୫ ଦିନ ମଧ୍ୟରେ କାର୍ଯ୍ୟାନୁଷ୍ଠାନ ହେବାର ପ୍ରତିଶୃତି ଦେଇଛନ୍ତି ଜିଲ୍ଲାପାଳ ।

## ନିଖିଳ ଉତ୍କଳ ମୋହରିର ମହାସଂଘର ରାଜ୍ୟ କମିଟି ବୈଠକ

# ଅନ୍‌ଲାଇନ ମାଧ୍ୟମରେ ଫର୍ମାଟ ପ୍ରଚଳନକୁ ବିରୋଧ

**ଭୁବନେଶ୍ୱର :** ଗତ ୨୭ ତାରିଖରେ ନିଖିଳ ଉତ୍କଳ ମୋହରିର ମହାସଂଘର ରାଜ୍ୟ କମିଟିର ଏକ ବୈଠକ ଭୁବନେଶ୍ୱର ଠାରେ ଅନୁଷ୍ଠିତ ହୋଇଥିଲା । ଏଥିରେ ସମସ୍ତ ଜିଲ୍ଲାର ପ୍ରତିନିଧି ଯୋଗ ଦେଇଥିଲେ । ଏହି ବୈଠକରେ ମୋହରିର ମାନଙ୍କ ବୃତ୍ତିଗତ କ୍ଷତି ବା ବୃତ୍ତି ଉଚ୍ଛେଦକୁ ଦୃଢ଼ ବିରୋଧ କରାଯାଇଥିଲା । ଆବଶ୍ୟକ ହେଲେ ନ୍ୟାୟାଳୟର ଆଶ୍ରୟ ନିଆଯିବାକୁ ସର୍ବସମ୍ମତିକ୍ରମେ ନିଷ୍ପତ୍ତି ଗ୍ରହଣ କରାଯାଇଛି । ସୂଚନାଥାଉ କି, ଓଡ଼ିଶାରେ ଥିବା ସମସ୍ତ ସବ୍‌ରେଜିଷ୍ଟ୍ରି ଅଫିସରେ ୧୨,୦୦୦ରୁ ଉର୍ଦ୍ଧ୍ୱ ଦଲିଲ ଲେଖକ, ମୋହରିରମାନେ ଶୃଙ୍ଖଳାର ସହ ଜନସାଧାରଣଙ୍କର ବିଭିନ୍ନ ପ୍ରକାରର ଦଲିଲ ସମ୍ପାଦନ କାର୍ଯ୍ୟ ସୂଚାରୁରୂପେ ତୁଲାଇ ଆସୁଛନ୍ତି । ସରକାରଙ୍କ ପ୍ରଣିତ ଆଇନ ଅନୁସାରେ ସରକାରୀ ରାଜସ୍ୱ ଅଭିବୃଦ୍ଧିରେ ସହାୟକ ହୋଇ ଆସୁଛନ୍ତି । ଏଥିପାଇଁ ସରକାରଙ୍କ ଠାରୁ ଦଲିଲ ଲେଖକ ମୋହରିରମାନେ କୌଣସି ପାରିଶ୍ରମିକ ନେଇନଥାନ୍ତି । ଏତଦ୍‌ବ୍ୟତୀତ ଘୋର ଅନୁସୋଚନାର ବିଷୟ ଯେ, ରାଜସ୍ୱ ବିଭାଗ ଦଲିଲ ଦସ୍ତାବିଜ ରେଜିଷ୍ଟ୍ରେସନ ନିମନ୍ତେ ଅନଲାଇନ ପ୍ରକ୍ରିୟାରେ କାର୍ଯ୍ୟ କରିବା ପାଇଁ ନିଷ୍ପତ୍ତି ନେଇଛନ୍ତି । ଯାହାକି ବିଭିନ୍ନ ଗଣମାଧ୍ୟମରେ ପ୍ରକାଶିତ ହୋଇଅଛି । ଏହି ପ୍ରକ୍ରିୟା କାର୍ଯ୍ୟକାରୀ ହେଲେ, ରାଜ୍ୟରେ କାର୍ଯ୍ୟରତ ୧୨,୦୦୦ରୁ ଉର୍ଦ୍ଧ୍ୱ ଲାଇସେନ୍ସପ୍ରାପ୍ତ ଦଲିଲ ଲେଖକ ଓ ତାଙ୍କ ଅଧିନରେ କାର୍ଯ୍ୟରତ ସହକାରୀ, ମୋହରିର ଦଲିଲ ଲେଖକ ମୋହରିର ବହୁଳ ଭାବେ ଜୀବନ ଜୀବିକା ହରାଇବା ସଙ୍ଗେ ସଙ୍ଗେ ନିର୍ଭରଶୀଳ ବହୁ ପରିବାର କ୍ଷତିଗ୍ରସ୍ତ ହେବେ । ଜମିଜମା ରେଜେଷ୍ଟ୍ରି କାମ ଟ୍ରାନ୍ସଫର ଅଫ ପ୍ରପର୍ଟି ଆକ୍ଟ, ରେଜିଷ୍ଟ୍ରେସନ ଆକ୍ଟ ଓ ଅନ୍ୟ ବହୁ ଆଇନକୁ ଦୃଷ୍ଟିରେ ରଖି ବ୍ରିଟିଶ ଶାସନ ସମୟରୁ ଭାରତରେ ପ୍ରଚଳନ ହେଉଅଛି । ସରକାର ଜମି ଜମା ରେଜେଷ୍ଟ୍ରି ଅନଲାଇନରେ କରିବା ପାଇଁ ନେଇଥିବା ନିଷ୍ପତ୍ତି ଦ୍ୱାରା ଦଲିଲର ଆଇନଗତ ସୁରକ୍ଷା ଓ ମାଲିକାନା ସତ୍ତ୍ୱା ସତ୍ତ୍ୱ ଉପରେ ବହୁ ବିବାଦୀୟ ପରିସ୍ଥିତି ଭବିଷ୍ୟତରେ ଦେଖାଦେବ । କୋର୍ଟ କଚେରିରେ ମାମଲା ସଂଖ୍ୟା ମଧ ବଢ଼ିଯିବ । ଏହାଫଳରେ ସବୁ ସ୍ତରରେ ସରକାର ଓ ଜନସାଧାରଣ ଅସୁବିଧାର ସମ୍ମୁଖୀନ ହେବେ । ଭାରତରେ ଅନ୍ୟ କୌଣସି ରାଜ୍ୟରେ ଅଦ୍ୟାବଧି ଅନଲାଇନ ରେଜେଷ୍ଟ୍ରି ପ୍ରଚଳନ ହୋଇନାହିଁ । ଓଡ଼ିଶାର ଗ୍ରାମାଞ୍ଚଳ ଓ ସହରାଞ୍ଚଳ ସମସ୍ତ ଜନସାଧାରଣ ଅନଲାଇନ ଓ କମ୍ପ୍ୟୁଟରରେ କାମ କରିବା ଜାଣନ୍ତି ନାହିଁ । ଇଣ୍ଟରନେଟ, ବିଦ୍ୟୁତ୍ ସରବରାହ ଆଦି ଠିକ୍ ଭାବରେ କାର୍ଯ୍ୟ କରୁନାହିଁ । ଏଣୁ ଓଡ଼ିଶାରେ ଏହା ପ୍ରଚଳନ ହେଲେ ଉପରୋକ୍ତ ଅସୁବିଧା ସବୁ ଦେଖାଦେବା ସହ ଜନଅସନ୍ତୋଷ ବ୍ୟାପିଯିବ । ବର୍ତ୍ତମାନ ସରକାର ବିଭିନ୍ନ ପ୍ରକାର କର୍ମ ସଂସ୍ଥାନ ଯୋଗାଇ ଜନସାଧାରଣଙ୍କୁ ରୋଜଗାରକ୍ଷମ କରାଉଥିବା ସ୍ଥଳେ ଦଲିଲ ଲେଖକ ମୋହରିରମାନଙ୍କ ବୃତ୍ତିକୁ ଉଚ୍ଛେଦ କରିବା ଏକ ସଂକୀର୍ଣ୍ଣ ମନୋଭାବର ପରିଚୟ ଦିଏ । ସରକାରଙ୍କ ଦ୍ୱାରା ଦଲିଲ ଲେଖକ ମୋହରିରମାନଙ୍କ ଜୀବନ ଜୀବିକାରେ ବାଧା ଦିଆନଯାଇ ସେମାନଙ୍କ ବୃତ୍ତିଗତ ସୁରକ୍ଷା ପ୍ରତି ଧ୍ୟାନ ଦିଆଯିବାକୁ ଦାବି ହେଉଛି । ମାନ୍ୟବର ଓଡ଼ିଶା ଉଚ୍ଚନ୍ୟାୟାଳୟ ଡବ୍ଲ୍ୟୁପିସି୬୨୨୫/୨୦୦୪ ଓ ମିସ୍‌କେଶ ନଂ ୬୩୬୮/୨୦୦୪ର ତା ୨୭.୭.୨୦୦୪ରିଖରେ ଏକ ଅର୍ଡର ପାସ କରିଛନ୍ତି, ଯାହାଦ୍ୱାରା ରାଜ୍ୟ ସରକାର ବିକ୍ରୟ ଦଲିଲର ଫର୍ମାଟକୁ ବାଧ୍ୟତାମୂଳକ ଭାବେ ପ୍ରଚଳନ କରାଇପରିବେ ନାହିଁ । ଏଣୁ ଫର୍ମାଟ ମାଧ୍ୟମରେ ଅନଲାଇନ ରେଜିଷ୍ଟ୍ରେସନ ମାନ୍ୟବର ଉଚ୍ଚନ୍ୟାୟାଳୟର ଆଦେଶକୁ ବିରୋଧାଚରଣ କରିବ । ଏଣୁ ରାଜ୍ୟ ସରକାର ଫର୍ମାଟ ପ୍ରଚଳନ କରି ଅନ୍‌ଲାଇନ ମାଧ୍ୟମରେ ରେଜେଷ୍ଟ୍ରି କରିବାର ନିଷ୍ପତ୍ତିକୁ ନିଖିଳ ଉତ୍କଳ ଦଲିଲ ଲେଖକ ମୋହରିର ମହାସଂଘ ଦୃଢ଼ ବିରୋଧ କରୁଛି ।

# ୧୪ ବରିଷ୍ଠ ପୁଲିସ ଅଧିକାରୀଙ୍କ ପଦୋନ୍ନତି ଓ ବଦଳି

**କଟକ :** ଓଡ଼ିଶା ପୁଲିସ୍ରେ କାର୍ଯ୍ୟରତ ୧୨ଜଣ ଡିଏସ୍‌ପି ପାହ୍ୟାର ଅଧିକାରୀଙ୍କୁ ଅତିରିକ୍ତ ଏସ୍‌ପି ପାହ୍ୟାକୁ ପଦୋନ୍ନତି ଦିଆଯାଇ ବଦଳି କରାଯାଇଛି । ସେହିପରି ୨ଜଣ ଅତିରିକ୍ତ ଏସ୍‌ପିଙ୍କୁ ମଧ ବଦଳି କରାଯାଇଥିବା ସଂକ୍ରାନ୍ତରେ ପୁଲିସ୍ ମୁଖ୍ୟାଳୟରୁ ବିଜ୍ଞପ୍ତି ପ୍ରକାଶ ପାଇଛି । ବିଜ୍ଞପ୍ତି ଅନୁଯାୟୀ, ରାଉରକେଲା ପିସିଆର ସେଲର ଡିଏସ୍‌ପି ଅସୀମ କୁମାର ପଣ୍ଡାଙ୍କୁ ବ୍ରହ୍ମପୁର ଆଇୟୁସିଏଡବ୍ଲ୍ୟୁକୁ, ଅନୁଗୁଳ ପିଟିସିର ଡିଏସପି ଦୁଃଖବନ୍ଧୁ ନାୟକଙ୍କୁ ବିଜୁ ପଟ୍ଟନାୟକ ପୁଲିସ ଏକାଡେମୀକୁ, ଗୁଇନ୍ଦା ଡିଏସପି ମହେଶ୍ୱର ସେଠୀଙ୍କୁ ଭିଜିଲାନ୍ସକୁ, ରାଉରକେଲା ମୁଖ୍ୟାଳୟର ଡିଏସପି ସିରିଲ ସୋରେଙ୍ଗଙ୍କୁ ବରଗଡ ଆଇୟୁସିଏଡବ୍ଲ୍ୟୁକୁ, ଭିଜିଲାନ୍ସ ଡିଏସପି ସରୋଜ କୁମାର ସାମଲଙ୍କୁ ଭିଜିଲାନ୍ସକୁ, କେନ୍ଦୁଝର ମୁଖ୍ୟାଳୟର ଡିଏସପି ଲଳିତ କୁମାର ପଟ୍ଟନାୟକଙ୍କୁ ଗୁଣୁପୁରକୁ, ପୁରୀ ମୁଖ୍ୟାଳୟ ଡିଏସପି ସୁନୀଲ କୁମାର ନନ୍ଦଙ୍କୁ ସ୍ପେଶାଲ ବ୍ରାଞ୍ଚକୁ, ସ୍ପେଶାଲ ବ୍ରାଞ୍ଚର ଡିସିପି ଯଶୋବନ୍ତ



ସାମଲଙ୍କୁ ସେହିଠାରେ ପଦୋନ୍ନତି ଦିଆଯାଇଛି । ଅନୁଗୁଳ ଆଇୟୁସିଏଡବ୍ଲ୍ୟୁର ଡିସିପି ରବୀନ୍ଦ୍ର କୁମାର ଶତପଥୀଙ୍କୁ ବିଜୁ ପଟ୍ଟନାୟକ ପୁଲିସ ଏକାଡେମୀକୁ, କମିସନରେଟ ପୁଲିସର ଏସିପି ପ୍ରକାଶ ଚନ୍ଦ୍ର ପାଲଙ୍କୁ ଅତିରିକ୍ତ ଡିସିପି, ଏସିପି ସୁବାସ ଚନ୍ଦ୍ର ପଣ୍ଡାଙ୍କୁ ଭୁବନେଶ୍ୱର ସିଏଡବ୍ଲୁ ଆଣ୍ଡସିଡବ୍ଲ୍ୟୁକୁ, କଳାହାଣ୍ଡି ମୁଖ୍ୟାଳୟର ଡିଏସପି ନାରାୟଣ ନାୟକଙ୍କୁ ସମ୍ବଲପୁର ଡିଆଇଜି କାର୍ଯ୍ୟାଳୟରେ ନିଯୁକ୍ତି ଦିଆଯାଇଛି । ସେହିପରି ବ୍ରହ୍ମପୁର ଆଇୟୁସିଏଡବ୍ଲ୍ୟୁର ଅତିରିକ୍ତ ଏସପି ପ୍ରଶାନ୍ତ କୁମାର ମିଶ୍ରଙ୍କୁ ସ୍ପେଶାଲ ବ୍ରାଞ୍ଚର ଅତିରିକ୍ତ ଏସପି ଓ ଗଞ୍ଜାମ ଆଇୟୁସିଏଡବ୍ଲ୍ୟୁର ଅତିରିକ୍ତ ଏସପି ରମେଶ ଚନ୍ଦ୍ର ସେଠୀଙ୍କୁ ବ୍ରହ୍ମପୁର ଅତିରିକ୍ତ ଏସପି ଭାବେ ବଦଳି କରାଯାଇଛି ।

# 'ଭାଷା ବଞ୍ଚିଲେ ଜାତି ବଞ୍ଚିବ'

**ଅସ୍ତରଙ୍ଗ :** ଭାଷା ଜାତିର ଅସ୍ମିତା ଓ ସାହିତ୍ୟ ସଭ୍ୟତାର ଅସ୍ତିତ୍ୱ । ପୁରୀ ଜିଲ୍ଲା ଅନ୍ତର୍ଗତ ଅସ୍ତରଙ୍ଗ ବ୍ଲକର ସମନ୍ୱୟ ସ୍ଥଳୀ ପ୍ରସିଦ୍ଧ ପୀର ଜାହାନିଆ ପୀଠରେ ବେଳାଭୂମି ସାହିତ୍ୟ ସଂସଦ ତରଫରୁ ବେଳାଭୂମି କଳା ଓ ସାହିତ୍ୟ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି ଉତ୍ସବରେ ମୁଖ୍ୟ ଆକର୍ଷଣ ରୂପେ ଯୋଗଦେଇ ବିଶିଷ୍ଟ କବି ଓ ପୂର୍ବତନ ସାଂସଦ ଡକ୍ଟର ପ୍ରସନ୍ନ କୁମାର ପାଟ୍ଟଶାଣୀ ସମାରୋହକୁ ଉଦ୍ଘାଟନ କରିଥିଲେ । ଶ୍ରୀପାଟ୍ଟଶାଣୀ କହିଥିଲେ ଯେ ଭାଷା ହେଉଛି ଗୋଟିଏ ଜାତିର ଅସ୍ମିତା ଏବଂ ତା'ର ସାହିତ୍ୟ ହେଉଛି ଅସ୍ତିତ୍ୱର ପରିଚୟ । ଭାଷା ବଞ୍ଚିଲେ ଜାତି ବଞ୍ଚିବ ଏବଂ ସାହିତ୍ୟ ଏବଂ ସଂସ୍କୃତି ଚିରକାଳ ବଞ୍ଚିବ । ସମାରୋହରେ ଅସ୍ତରଙ୍ଗ ପଞ୍ଚାୟତ ସମିତି ଅଧ୍ୟକ୍ଷ ସ୍ୱାଧୀନ କୁମାର ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଓଡ଼ିଆ ଭାଷାର ସୁରକ୍ଷା ଓ ସଂରକ୍ଷଣ ନିମନ୍ତେ ସମସ୍ତଙ୍କୁ ଆହ୍ୱାନ କରିଥିଲେ । ଅନ୍ୟତମ



ସମ୍ମାନିତ ଅତିଥି ଭାବେ ଓଡ଼ିଶା ସାହିତ୍ୟ ଏକାଡେମୀର ପୂର୍ବତନ ସଭାପତି ତଥା କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ କବି ଡକ୍ଟର ହରିହର ମିଶ୍ର, ଡକ୍ଟର ମହମ୍ମଦ ଉସିଦ ଖାନ୍, ପ୍ରାଧ୍ୟାପକ ଡକ୍ଟର କ୍ଷିରୋଦ ଚନ୍ଦ୍ର ରାୟ, ଓଡ଼ିଶା କୃଷକ ସମବାୟ ସମିତିର ଅଧ୍ୟକ୍ଷ ଅମୀୟ କୁମାର ପଟ୍ଟନାୟକ, ଉତ୍କଳ ସାମ୍ବାଦିକ ସଂଘ ସମ୍ପାଦକ ପୂର୍ଣଚନ୍ଦ୍ର ନାୟକ, ସାହିତ୍ୟିକ ସସ୍ମିତା ଦାସ, ବ୍ୟଙ୍ଗ ସାହିତ୍ୟିକ ସମ୍ପଦ ରଥ ଓ ସୁନୀତା ପଣ୍ଡା ପ୍ରମୁଖ ଯୋଗଦେଇ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତିର ସଂରକ୍ଷଣ ପାଇଁ ମତାମତ ଦେଇଥିଲେ । ଉତ୍ସବରେ ସଂସଦର ସଭାପତି ଚିତ୍ତରଞ୍ଜନ ବିଶ୍ୱାଳ ଅଧ୍ୟକ୍ଷତା କରିଥିଲେ । ସମ୍ପାଦକ ସାମ୍ବାଦିକ ଦୁଃଶାସନ ନାୟକ ଅନୁଷ୍ଠାନର ବାର୍ଷିକ ବିବରଣୀ ଉପସ୍ଥାପନ କରିଥିଲେ ଏବଂ ଶିକ୍ଷାବିତ୍ ପ୍ରତାପ କୁମାର ରାଉତ ମଞ୍ଚ ସଞ୍ଚାଳନ କରିଥିଲେ । ଉତ୍ସବରେ ଅଧ୍ୟାପିକା ରାଜଶ୍ରୀ ସ୍ୱାଇଁଙ୍କ ନିର୍ଦ୍ଦେଶନାରେ ଋତୁପର୍ଣ୍ଣା କଳା ସଂସଦ ତରଫରୁ ଚିତ୍ତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରଦର୍ଶନ କରାଯାଇଥିଲା । ଏହି ଅବସରରେ ସମାଜସେବୀ ଦିଗମ୍ବର ବେହେରାଙ୍କୁ ବେଳା ଭୂମି ସମାଜସେବୀ ସମ୍ମାନ ପ୍ରଦାନ କରାଯାଇଥିଲା । ବିଭିନ୍ନ କ୍ଷେତ୍ରରେ ଉତ୍କର୍ଷ ନିମନ୍ତେ ଉତ୍ସବରେ ମୋଟ ୩୫ ଜଣଙ୍କୁ ବେଳାଭୂମି ସମ୍ମାନ ପ୍ରଦାନ କରାଯାଇଥିଲା । ସଂଯୋଜକ ଶୋଭାକର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ । କାର୍ଯ୍ୟକ୍ରମକୁ ସର୍ବଶ୍ରୀ ପବିତ୍ର କୁମାର ବିଶ୍ୱାଳ, ମାନସରଞ୍ଜନ ପଟ୍ଟନାୟକ, ତ୍ରିଲୋଚନ ବେହେରା, ବ୍ରହ୍ମାନନ୍ଦ ସାହୁ,ବିଜୟ ଭଞ୍ଜ, ରାଜେଶ ମହାନ୍ତି, ସୁନନ୍ଦା ମହାନ୍ତି ପ୍ରମୁଖ ସହଯୋଗ କରିଥିଲେ ।

# ଦୀର୍ଘ ୨୦ବର୍ଷ ପରେ ଜୀବେ ନିଷ୍ଠୁରତା ନିରୋଧ ସମିତି ପୁନଃଗଠିତ

**ଜଗତସିଂହପୁର :** ଦୀର୍ଘ ୨୦ବର୍ଷ ଧରି ଜିଲ୍ଲାରେ ୨୦୦୧-୦୨ ବର୍ଷରୁ ପଂଜୀକୃତ ହୋଇ ପଡିରହିଥିବା ଜୀବେ ନିଷ୍ଠୁରତା ନିରୋଧ ସମିତି ପୂର୍ନଗଠନର ଏକ ବୈଠକ ନୂତନ ଜିଲ୍ଲାପାଳ ପାରୁଲ ପଟୱାରୀଙ୍କ ଅଧ୍ୟକ୍ଷତାରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସଦ୍‌ଭାବନା ଗୃହରେ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳଙ୍କ ଏହି ମହତ କାର୍ଯ୍ୟକୁ ବହୁ ବୁଦ୍ଧିଜୀବି ଓ ଜୀବପ୍ରେମୀ ମାନଙ୍କ ମହଲରେ ସ୍ୱାଗତ କରାଯାଇଛି । ଦୀର୍ଘ ୨୦ବର୍ଷ ଧରି ବହୁ ଜିଲ୍ଲାପାଳ ଆଇବି ଜିଲ୍ଲା ଜୀବେ ନିଷ୍ଠୁରତା ନିରୋଧ ସମିତି ପୁର୍ନଗଠିତ କରିପାରିନଥିବା ବେଳେ ନୂତନ ଜିଲ୍ଲାପାଳଙ୍କ ଏପରି କାର୍ଯ୍ୟକ୍ରମ ଦ୍ୱାରା ଜିଲ୍ଲାରେ ଜୀବ କଲ୍ୟାଣ କାର୍ଯ୍ୟକ୍ରମକୁ ତ୍ୱାରାନ୍ୱିତ କରାଯିବ । ଏହା ସହିତ ଜିଲ୍ଲାରେ ଆନିମଲ ହେଲପ ଲାଇନ ସେବା, ବୁଲା କୁକୁର ମାନଙ୍କ ଜନ୍ମ ନିୟନ୍ତ୍ରଣ ଅସ୍ତ୍ରୋପଚାର, ନୂତନ ଗୋଶାଳା ସ୍ଥାପନ ଓ ବୁଲା ଷଣ୍ଢ ମାନଙ୍କୁ ଏକତ୍ରି କରଣ କାର୍ଯ୍ୟକ୍ଷମ ହୋଇପାରିବ ବୋଲି ଜିଲ୍ଲାପାଳ ପ୍ରକାଶ କରିଥିଲେ । ଜିଲ୍ଲାର ବିଭିନ୍ନ ସ୍ଥାନ ମାନଙ୍କରେ ବୁଲା ଷଣ୍ଢ, କୁକୁର ସଂଖ୍ୟା ବୃଦ୍ଧି, ଅର୍କମଣ୍ୟ ବିକଳାଙ୍ଗ ଗୋରୁ ଗାଈଙ୍କ ଉପରେ ଏକ ଡାଟାବେସ ପ୍ରସ୍ତୁତ କରିବାକୁ ଉପସ୍ଥିତ ଥିବା ବିଭାଗୀୟ ଅଧିକାରୀ ମାନଙ୍କୁ ପରାମର୍ଶ ଦେଇଥିଲେ । ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଡାଃ ବୀରକିଶୋର ପରିଡା ପ୍ରାରମ୍ଭରେ ସ୍ୱାଗତ ଭାଷଣ ଦେବା ସହିତ ଜିଲ୍ଲା ଜୀବେ




ନିଷ୍ଠୁରତା ନିରୋଧ ସମିତି ପୁର୍ନଗଠନ ଲକ୍ଷ୍ୟ ଓ ଉଦ୍ଦେଶ ସମ୍ପର୍କରେ କହୁଥିବା ବେଳେ ଏହାଦ୍ୱାରା ବିଭିନ୍ନ ପ୍ରାଣୀ କଲ୍ୟାଣ କାର୍ଯ୍ୟକ୍ରମ ଗୁଡିକ ଅଧିକ ଲୋକାଭିମୁଖୀ ହୋଇପାରିବ ବୋଲି ପ୍ରକାଶ କରିଥିଲେ । ନୂତନ ଗୋଶାଳା ପ୍ରତିଷ୍ଠା ନିମନ୍ତେ ୫୦ଟି ଗୋରୁଗାଈ ପାଇଁ ୧ଏକର ଓ ୧୦୦ଟି ଗୋରୁଗାଈ ମାନଙ୍କ ପାଇଁ ୨ଏକର ଜମି ଦରକାର ଏବଂ ଏଥିପାଇଁ ୨୦ଲକ୍ଷ ଟଙ୍କା ସରକାରଙ୍କ ତରଫରୁ ଆର୍ଥିକ ସହାୟତା ଯୋଗାଇ ଦିଆଯିବ । ସେହିପରି ଦିନକୁ ଦିନ ବୁଲା କୁକୁର ମାନଙ୍କ ପାର୍ଦୁଭାବ ବୃଦ୍ଧି ହେଉଥିବାରୁ ଜନ୍ତୁଙ୍କ ରୋଗର ନିରାକରଣ ପାଇଁ ଆଶୁ ଚିକିତ୍ସା ସେବା ଯୋଗାଇ ଦେବାପାଇଁ ଆମ୍ବୁଲାନ୍ସ ସେବା ଆଦି ଖୁବଶୀଘ୍ର କାର୍ଯ୍ୟକ୍ଷମ କରାଯିବ । ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ ସଚ୍ଚିଦାନନ୍ଦ ସାହୁ ଯୋଗଦେଇ କହିଥିଲେ ଯେ, ଜିଲ୍ଲାରେ ଗୋଶାଳା ଗଠନ ନିମନ୍ତେ ରେଜିଷ୍ଟ୍ରେସନ କରିବାର ଆବଶ୍ୟକତା ରହିଛି ଓ ଏହାଦ୍ୱାରା ଜୀବ କଲ୍ୟାଣ ସମିତି ମାଧ୍ୟମରେ ଅନେକ ପ୍ରାଣୀ ମଙ୍ଗଳ କାର୍ଯ୍ୟକ୍ରମ ଗ୍ରହଣ କରାଯାଇପାରିବ । ଏହି ବୈଠକରେ ପୋଲିସ ଡିଏସପି, ପୌରପରିଷଦ ନିର୍ବାହୀ ଅଧିକାରୀ, ଆରଟିଓ, ପାରାଦ୍ୱୀପ ମା ଶାରଳା ଗୋ ସେବା ଆଶ୍ରମର ସଭାପତି ଓ ସମ୍ପାଦକ, ଭାରତ ଗୋଶାଳାର ସଭାପତି, ପିପୁଲ ଫର ଆନିମଲର ସଭ୍ୟ ଅମୂଲ୍ୟ କୁମାର ନାୟକ, ଜୀବପ୍ରେମୀ ପ୍ରଦିପ୍ତ ମିତ୍ର (ନିଲୁ ମିତ୍ର), ଜିଲ୍ଲା ପ୍ରାଣୀ ଉପନିର୍ଦ୍ଦେଶକ ଡାଃ ବିକ୍ରମ ଆଚାର୍ଯ୍ୟ ଓ ଉପଖଣ୍ଡ ପ୍ରାଣୀ ଚିକିତ୍ସା ଅଧିକାରୀ ବିଶ୍ୱଜିତ ପଣ୍ଡାଙ୍କ ସମେତ ଅନ୍ୟାନ୍ୟ ପ୍ରାଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନର କର୍ମକର୍ତାମାନେ ଅଂଶଗ୍ରହଣ କରିଥିଲେ । ଶେଷରେ ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଡାଃ ପରିଡା ଧନ୍ୟବାଦ ଅର୍ପଣ କରିଥିଲେ ।

## ଡାବୁଗାଁ ଜୋନ -୨ ଜିଲ୍ଲା ପରିଷଦ ସଭ୍ୟାଙ୍କୁ ବିରୋଧ

**ନବରଙ୍ଗପୁର :** ଆଗକୁ ଅଛି ପଞ୍ଚାୟତିରାଜ ନିର୍ବାଚନ । ନିବେଦିତା ମହାନ୍ତି ବର୍ତ୍ତମାନର ଜିଲ୍ଲା ପରିଷଦ ଉପାଧ୍ୟକ୍ଷା । ତାଙ୍କ ନିଜ ଘର ଝରିଗାଁ ବ୍ଲକରେ । ତେବେ ଗତ ନିର୍ବାଚନରେ ବିଜେଡିରୁ ଟିକଟ ପାଇ ଡାବୁଗାଁ ଜୋନ -୨ ଜିଲାପରିଷଦରୁ ନିର୍ବାଚିତ ହୋଇଥିଲେ । ଏବେ ନିବେଦିତାଙ୍କୁ ଡାବୁଗା ବ୍ଲକରେ ବିରୋଧ ଆରମ୍ଭ ହୋଇଛି । ଏନେଇ ବିଭିନ୍ନ ସ୍ଥାନରେ ପୋଷ୍ଟର ଲାଗିବା ଆରମ୍ଭ ହୋଇଛି । ଏହା ପଛରେ ଅସନ୍ତୁଷ୍ଟ ଦଳୀୟ କର୍ମୀ ରହିଥିବା ଏକ ପ୍ରକାର ଅନୁମାନ କରାଯାଉଛି । ଡାବୁଗାଁ ଜୋନ-୨ ର ଡାବୁଗାଁ ଗ୍ରାମରେ, ବସଷ୍ଟାଣ୍ଡ ର ବିଭିନ୍ନ ଦୋକାନ କାନ୍ଥରେ ପୋଷ୍ଟର ଲାଗିଥିବା ଶୁକ୍ରବାର ସକାଳେ ଦେଖିବାକୁ ମିଳିଛି ।

PLOT FOR SALE
MOUZA:BHOLA



N.H. Bye Pass (Old Trunk Road), Near ASBM College, Chandaka, Bhubaneswar, Odisha
Contact : 8658607286

PLOT FOR SALE



MOUZA : JUJHAGADA
(Back side of Nandankanan Zoo)
BHUBANESWAR
Contact : 865807286 / 8917571455

MOUZA : BEGUNIA BOREHI
(NEAR CV RAMAN COLLEGE)
TAMANDO - YELLOW ZONE
BHUBANESWAR
30ft Approch Road
Contact : 8658607286 / 8917571455

Printed, Published and Owned by **Lingaraj Dash**, Published at Plot No.-4233, Sulochana Bhawan, Behind Badagada High School, Badagada, Bhubaneswar-751018, Dist-Khordha, Odisha & Printed at **Radhakrushna Publication Pvt. Ltd.**, Plot No-H/18, Mancheswar Industurial Estate, Bhubaneswar-10, Odisha ● OFFICE : Plot No.186, Lane-2, Aerodrome Area, Bhubaneswar, Odisha, PIN-751020, Cell : 9338225930 (O), Email : ekamaatra@gmail.com / lingaraj@gmail.com

Managing Editor : **Laxmipriya Dash**
ପରିଚାଳନା ସମ୍ପାଦିକା : **ଲକ୍ଷ୍ମୀପ୍ରିୟା ଦାଶ**

Editor : **Tarak Mohanty**
ସମ୍ପାଦକ : **ତାରକ ମହାନ୍ତି**